# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୪/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 4/2026 | Page 14 | ₹ 7.00

୫୨ଶ ଭାଗ ୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 42 | ମୂଲ୍ୟ ₹୭/-




**ବିସିସିଆଇ ନିର୍ଦ୍ଦେଶରେ ମୁସ୍ତାଫିଜୁରଙ୍କୁ ବିଦା କଲା କେକେଆର୍**

ବିସିସିଆଇ ନିର୍ଦ୍ଦେଶକ୍ରମେ କେକେଆର୍ ଆଇପିଏଲ୍‌ର ୨୦୨୬ ସଂସ୍କରଣ ପୂର୍ବରୁ ବାଂଲାଦେଶ ପେସର ମୁସ୍ତାଫିଜୁର ରହମନଙ୍କୁ ଦଳରୁ ବିଦା କରିଛି। ୧୪

୦୨ **କିମିଆ କରୁଛି ଲୁକ୍**

ତାରା ସୁତାରିଆଙ୍କ ଅଭିନୀତ ଫିଲ୍ମ 'ଟକ୍ସିକ୍: ଏ ଫେୟାରୀ ଟେଲ୍ ଫର୍ ଗ୍ରୋନ୍ ଅପ୍‌ସ'ର ଫାଷ୍ଟ ଲୁକ୍‌ରେ ତାଙ୍କ ଫଟୋକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରୁଛନ୍ତି।



# ଭେନେଜୁଏଲାରେ ଚାଲିବ ଆମେରିକା ଶାସନ

## କାରାକାସ୍‌ରେ ଏୟାର ଷ୍ଟ୍ରାଇକ୍

### ରାଷ୍ଟ୍ରପତି ମାଦୁରୋଙ୍କୁ କବ୍‌ଜାକୁ ନେଲେ ଆମେରିକୀୟ ସୈନ୍ୟ

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭେନେଜୁଏଲା ଉପରେ ଆମେରିକା ଶନିବାର ବଡ଼ଧରଣର ଆକ୍ରମଣ କରିବା ପରେ ନାଟକୀୟ ଭାବେ ଭୂରାଜନୈତିକ ପରିବର୍ତ୍ତନ ଆସିଛି। ଭେନେଜୁଏଲା ରାଜଧାନୀ କାରାକାସ୍ ସମେତ ଅନ୍ୟ ସହରର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆମେରିକୀୟ ଏଲିଟ୍ ଫୋର୍ସ ଏୟାର ଷ୍ଟ୍ରାଇକ୍ କରିଛି। ୨୦୧୩ରୁ କ୍ଷମତାରେ ଥିବା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଆମେରିକୀୟ ସୈନ୍ୟ କାବୁକରି ଯୁଦ୍ଧଜାହାଜରେ ନ୍ୟୁୟର୍କକୁ ନେଇଯାଇଛନ୍ତି । ଭେନେଜୁଏଲାରେ ସୁରକ୍ଷିତ ବାତାବରଣ ଆସିବା ପର୍ଯ୍ୟନ୍ତ ସେଠାରେ ୱାଶିଂଟନର ଶାସନ ଚାଲିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଆମେରିକା ଦୀର୍ଘଦିନ ଧରି ମାଦୁରୋଙ୍କ ବିରୋଧରେ ଦୁର୍ନୀତି, ଡ୍ରଗ୍ସ ଚାଲାଣ ଓ ବେଆଇନ ଭାବେ ସରକାର ଚଳାଇବା ଭଳି ସଙ୍ଗିନ ଅଭିଯୋଗ କରିଆସିଥିଲା। ଏୟାର ଷ୍ଟ୍ରାଇକ୍‌କୁ ଭେନେଜୁଏଲା ସରକାର ସାମରିକ ଅତିକ୍ରମଣ ଓ ଜାତୀୟ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ନିନ୍ଦା କରିବା ସହ ରାଷ୍ଟ୍ରପତି ଓ ଫାଷ୍ଟ ଲେଡି ଜୀବିତ ଥିବା ସମ୍ପର୍କରେ ଆମେରିକାକୁ ପ୍ରମାଣ ମାଗିଛନ୍ତି। କାରାକାସ୍ ଦେଶବ୍ୟାପୀ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛି। ରୁଷିଆ, ଚାଇନା, ଇରାନ୍, କ୍ୟୁବା, କଲମ୍ବିଆ ସମେତ ବିଭିନ୍ନ ଦେଶ ଆମେରିକାର ଆକ୍ରମଣକୁ ନିନ୍ଦା କରିଛନ୍ତି। ଭେନେଜୁଏଲାର ତୈଳ ସମ୍ପଦକୁ ଲୋଭକରି ଆମେରିକା ଏହି ଏୟାର ଷ୍ଟ୍ରାଇକ୍ କରିଥିବା ଅନେକ କହୁଛନ୍ତି।



ଆମେରିକାର ଏୟାରଷ୍ଟ୍ରାଇକ୍ ପରେ କାରାକାସ୍‌ର କୋଠାଗୁଡ଼ିକ ଜଳିଯାଉଛି।

**କାରାକାସ୍/ୱାଶିଂଟନ,୩।୧**

ଆମେରିକା ଶନିବାର ଭୋର ସମୟରେ ଭେନେଜୁଏଲା ଉପରେ ଏୟାର ଷ୍ଟ୍ରାଇକ୍ କରିଛି। ଏଥିସହ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ କବଜା କରି ନିଜ ଦେଶକୁ ନେଇଯାଇଛି। ଉପଯୁକ୍ତ ଏବଂ ସୁରକ୍ଷିତ କ୍ଷମତା ହସ୍ତାନ୍ତର ହେବା ପର୍ଯ୍ୟନ୍ତ ଭେନେଜୁଏଲାରେ ଆମେରିକା ଶାସନ ଚଳାଇବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର କହିଛନ୍ତି। ଆମେରିକା ଲୋକଙ୍କ ସ୍ୱାର୍ଥରକ୍ଷା କରୁ ନ ଥିବା କୌଣସି ନେତାଙ୍କୁ ଭେନେଜୁଏଲାରେ ଶାସନଭାର ଗ୍ରହଣ କରିବାକୁ ଦିଆଯିବ ନାହିଁ। କ୍ଷମତା ହସ୍ତାନ୍ତର ବେଳେ ଭେନେଜୁଏଲାରେ ଆମେରିକାର ଉପସ୍ଥିତି ରହିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି।

ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠୁ ଭେନେଜୁଏଲାକୁ ନିଜ ଅକ୍ତିଆରକୁ ନେବା ପାଇଁ ଯୋଜନା କରିଆସିଥିଲେ। ଏହିକ୍ରମେ ଗଭୀର ମୁଦ୍ରାସ୍ଫୀତି ସଙ୍କଟକୁ ସାମ୍ନା କରୁଥିବା ଭେନେଜୁଏଲାର ☞ପୃଷ୍ଠା-୪



ନିକୋଲାସ୍ ମାଦୁରୋ



ସିଲିଆ ଫ୍ଲୋରେସ୍

## କଳାମୁଗୁନି ଖଣିରେ ବଡ଼ ବିସ୍ଫୋରଣ: ୪ ମୃତ୍ୟୁ ଆଶଙ୍କା

**ଢେଙ୍କାନାଳ, ୩।୧(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ମୋଟଙ୍ଗା ଥାନା ବଦାଳୋ ନିକଟସ୍ଥ ଗୋପାଳପୁରଠାରେ ଥିବା କଳାମୁଗୁନି ପଥର ଖଣିରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୪ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଥିବା ବେଳେ ସରକାରୀ ସ୍ତରରେ ମୃତାହତଙ୍କ ସୂଚନା ଦିଆଯାଇନାହିଁ। ଓଡ଼ାପଡ଼ା ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନ୍ଧାରରେ ଛାନ୍‌ଭିନ କରୁଛି । ଭାଇବ୍ରେଟର ଲଗାଇ ବ୍ଲାଷ୍ଟିଂ କରାଯାଉଥିବା ବେଳେ ପଥର ଖଣିରେ ୬ ଶ୍ରମିକ କାମ କରୁଥିବା କୁହାଯାଉଛି। ସେମାନଙ୍କ ଉପରେ ମାଟି ଖସିପଡ଼ିଥିବା ସନ୍ଦେହ କରାଯାଉଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଦୁଇ ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା

## ଆଦିତ୍ୟ ଆଲୁମିନା ରିଫାଇନେରିର ୦.୦୧% ଶେୟାର ଦାବିକଲେ ପ୍ରଭାବିତ ଲୋକେ

**ରାୟଗଡ଼ା, ୩।୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କଂସାରିଗୁଡ଼ା ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଥିବା ଆଦିତ୍ୟ ଆଲୁମିନା ରିଫାଇନେରି କମ୍ପାନୀର ୦.୦୧% ଶେୟାର ଦାବି କରିଛନ୍ତି ପ୍ରଭାବିତ ଅଞ୍ଚଳବାସୀ। ରାୟଗଡ଼ା ଉପଜିଲାପାଳଙ୍କ ସଭାଗୃହରେ ଶନିବାର ଆଦିତ୍ୟ ଆଲୁମିନା ରିଫାଇନେରି କର୍ତ୍ତୃପକ୍ଷ ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହା ସମେତ ଆଉ କେତେକ ଦାବି କରାଯାଇଛି।

ଉପଜିଲାପାଳ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କାଶୀପୁର ବ୍ଲକ୍ ଅଞ୍ଚଳର ପୋଡ଼ାପାଡ଼ି, ପୁହୁଣ୍ଡି, ଆଣ୍ଡୁଗୁଡ଼ା, କାଡ଼ାପଦରର ଗ୍ରାମବାସୀଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ବୈଠକରେ ପ୍ରଭାବିତ ଅଞ୍ଚଳବାସୀ ସେମାନଙ୍କ ଦାବି ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ପିଢ଼ି ସମେତ ଭବିଷ୍ୟତ ପିଢ଼ିର ଆର୍ଥିକ ସୁରକ୍ଷା ପାଇଁ କମ୍ପାନୀରେ ୦.୦୧%ର ଶେୟାର ସେମାନଙ୍କୁ ଦେବାକୁ ଦାବି କରାଯାଇଛି। ତୁରନ୍ତ ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକ କରିବା, ପୁହୁଣ୍ଡି ☞ପୃଷ୍ଠା-୪

**ନୂତନ ନିୟମାବଳୀ ଅନୁସାରେ ଜମିର ବଜାର ଦରଠାରୁ ୪ ଗୁଣା ମୂଲ୍ୟ ଦେବାକୁ ଦାବି**










ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ରବିବାର, ଜାନୁଆରୀ ୪/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 4/2026 Page 14 ₹ 7.00
୫୨ଶ ଭାଗ ୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 42 ମୂଲ୍ୟ ₹୭/-



**ବିସିସିଆଇ ନିର୍ଦ୍ଦେଶରେ ମୁସ୍ତାଫିଜୁରଙ୍କୁ ବିଦା କଲା କେକେଆର୍**

ବିସିସିଆଇ ନିର୍ଦ୍ଦେଶକ୍ରମେ କେକେଆର୍ ଆଇପିଏଲ୍‌ର ୨୦୨୬ ସଂସ୍କରଣ ପୂର୍ବରୁ ବାଂଲାଦେଶ ପେସର ମୁସ୍ତାଫିଜୁର ରହମନଙ୍କୁ ଦଳରୁ ବିଦା କରିଛି।

୧୪

୦୨

**କିମିଆ କରୁଛି ଲୁକ୍**

ତାରା ସୁତାରିଆଙ୍କ ଅଭିନୀତ ଫିଲ୍ମ 'ଟକ୍ସିକ୍: ଏ ଫେୟାରୀ ଟେଲ୍ ଫର୍ ଗ୍ରୋନ୍ ଅପ୍ସ'ର ଫାଷ୍ଟ ଲୁକ୍‌ରେ ତାଙ୍କ ଫଟୋକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରୁଛନ୍ତି।



# ଭେନେଜୁଏଲାରେ ଚାଲିବ ଆମେରିକା ଶାସନ

## କାରାକାସ୍‌ରେ ଏୟାର ଷ୍ଟ୍ରାଇକ୍

### ରାଷ୍ଟ୍ରପତି ମାଦୁରୋଙ୍କୁ କବ୍‌ଜାକୁ ନେଲେ ଆମେରିକୀୟ ସୈନ୍ୟ

**ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭେନେଜୁଏଲା ଉପରେ ଆମେରିକା ଶନିବାର ବଡ଼ଧରଣର ଆକ୍ରମଣ କରିବା ପରେ ନାଟକୀୟ ଭାବେ ଭୂରାଜନୈତିକ ପରିବର୍ତ୍ତନ ଆସିଛି। ଭେନେଜୁଏଲା ରାଜଧାନୀ କାରାକାସ୍ ସମେତ ଅନ୍ୟ ସହରର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆମେରିକୀୟ ଏଲିଟ୍ ଫୋର୍ସ ଏୟାର ଷ୍ଟ୍ରାଇକ୍ କରିଛି। ୨୦୧୩ରୁ କ୍ଷମତାରେ ଥିବା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଆମେରିକୀୟ ସୈନ୍ୟ କାବୁକରି ଯୁଦ୍ଧଜାହାଜରେ ନ୍ୟୁୟର୍କକୁ ନେଇଯାଇଛନ୍ତି । ଭେନେଜୁଏଲାରେ ସୁରକ୍ଷିତ ବାତାବରଣ ଆସିବା ପର୍ଯ୍ୟନ୍ତ ସେଠାରେ ୱାଶିଂଟନର ଶାସନ ଚାଲିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଆମେରିକା ଦୀର୍ଘଦିନ ଧରି ମାଦୁରୋଙ୍କ ବିରୋଧରେ ଦୁର୍ନୀତି, ଡ୍ରଗ୍ସ ଚାଲାଣ ଓ ବେଆଇନ ଭାବେ ସରକାର ଚଳାଇବା ଭଳି ସଙ୍ଗିନ ଅଭିଯୋଗ କରିଆସିଥିଲା। ଏୟାର ଷ୍ଟ୍ରାଇକ୍‌କୁ ଭେନେଜୁଏଲା ସରକାର ସାମରିକ ଅତିକ୍ରମଣ ଓ ଜାତୀୟ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ନିନ୍ଦା କରିବା ସହ ରାଷ୍ଟ୍ରପତି ଓ ଫାଷ୍ଟ ଲେଡି ଜୀବିତ ଥିବା ସମ୍ପର୍କରେ ଆମେରିକାକୁ ପ୍ରମାଣ ମାଗିଛନ୍ତି। କାରାକାସ୍ ଦେଶବ୍ୟାପୀ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛି। ରୁଷିଆ, ଚାଇନା, ଇରାନ୍, କ୍ୟୁବା, କଲମ୍ବିଆ ସମେତ ବିଭିନ୍ନ ଦେଶ ଆମେରିକାର ଆକ୍ରମଣକୁ ନିନ୍ଦା କରିଛନ୍ତି। ଭେନେଜୁଏଲାର ତୈଳ ସମ୍ପଦକୁ ଲୋଭକରି ଆମେରିକା ଏହି ଏୟାର ଷ୍ଟ୍ରାଇକ୍ କରିଥିବା ଅନେକ କହୁଛନ୍ତି।**



ଆମେରିକାର ଏୟାରଷ୍ଟ୍ରାଇକ୍ ପରେ କାରାକାସ୍‌ର କୋଠାଗୁଡ଼ିକ ଜଳିଯାଉଛି।



ନିକୋଲାସ୍ ମାଦୁରୋ



ସିଲିଆ ଫ୍ଲୋରେସ୍

କାରାକାସ/ୱାଶିଂଟନ,୩।୧

ଆମେରିକା ଶନିବାର ଭୋର ସମୟରେ ଭେନେଜୁଏଲା ଉପରେ ଏୟାର ଷ୍ଟ୍ରାଇକ୍ କରିଛି। ଏଥିସହ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ କବଜା କରି ନିଜ ଦେଶକୁ ନେଇଯାଇଛି। ଉପଯୁକ୍ତ ଏବଂ ସୁରକ୍ଷିତ କ୍ଷମତା ହସ୍ତାନ୍ତର ହେବା ପର୍ଯ୍ୟନ୍ତ ଭେନେଜୁଏଲାରେ ଆମେରିକା ଶାସନ ଚଳାଇବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର କହିଛନ୍ତି। ଆମେରିକା ଲୋକଙ୍କ ସ୍ୱାର୍ଥରକ୍ଷା କରୁ ନ ଥିବା କୌଣସି ନେତାଙ୍କୁ ଭେନେଜୁଏଲାରେ ଶାସନଭାର ଗ୍ରହଣ କରିବାକୁ ଦିଆଯିବ ନାହିଁ। କ୍ଷମତା ହସ୍ତାନ୍ତର ବେଳେ ଭେନେଜୁଏଲାରେ ଆମେରିକାର ଉପସ୍ଥିତି ରହିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି।

ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠୁ ଭେନେଜୁଏଲାକୁ ନିଜ ଅକ୍ତିଆରକୁ ନେବା ପାଇଁ ଯୋଜନା କରିଆସିଥିଲେ। ଏହିକ୍ରମେ ଗଭୀର ମୁଦ୍ରାସ୍ଫୀତି ସଙ୍କଟକୁ ସାମ୍ନା କରୁଥିବା ଭେନେଜୁଏଲାର ☞ପୃଷ୍ଠା-୪

## କଳାମୁଗୁନି ଖଣିରେ ବଡ଼ ବିସ୍ଫୋରଣ: ୪ ମୃତ୍ୟୁ ଆଶଙ୍କା

ଢେଙ୍କାନାଳ, ୩।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ମୋଟଙ୍ଗା ଥାନା ବଦାଲୋ ନିକଟସ୍ଥ ଗୋପାଳପୁରଠାରେ ଥିବା କଳାମୁଗୁନି ପଥର ଖଣିରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୪ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଥିବା ବେଳେ ସରକାରୀ ସ୍ତରରେ ମୃତାହତଙ୍କ ସୂଚନା ଦିଆଯାଇନାହିଁ। ଓଡ଼ାପଡ଼ା ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନ୍ଧାରରେ ଛାନ୍‌ଭିନ କରୁଛି । ଭାଇବ୍ରେଟର ଲଗାଇ ବ୍ଲାଷ୍ଟିଂ କରାଯାଉଥିବା ବେଳେ ପଥର ଖଣିରେ ୬ ଶ୍ରମିକ କାମ କରୁଥିବା କୁହାଯାଉଛି। ସେମାନଙ୍କ ଉପରେ ମାଟି ଖସିପଡ଼ିଥିବା ସନ୍ଦେହ କରାଯାଉଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦୁଇ ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା**

## ଆଦିତ୍ୟ ଆଲୁମିନା ରିଫାଇନେରିର ୦.୦୧% ଶେୟାର ଦାବିକଲେ ପ୍ରଭାବିତ ଲୋକେ

ରାୟଗଡ଼ା, ୩।୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କଂସାରିଗୁଡ଼ା ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଥିବା ଆଦିତ୍ୟ ଆଲୁମିନା ରିଫାଇନେରି କମ୍ପାନୀର ୦.୦୧% ଶେୟାର ଦାବି କରିଛନ୍ତି ପ୍ରଭାବିତ ଅଞ୍ଚଳବାସୀ। ରାୟଗଡ଼ା ଉପଜିଲାପାଳଙ୍କ ସଭାଗୃହରେ ଶନିବାର ଆଦିତ୍ୟ ଆଲୁମିନା ରିଫାଇନେରି କର୍ତ୍ତୃପକ୍ଷ ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହା ସମେତ ଆଉ କେତେକ ଦାବି କରାଯାଇଛି।

ଉପଜିଲାପାଳ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କାଶୀପୁର ବ୍ଲକ୍ ଅଞ୍ଚଳର

**ନୂତନ ନିୟମାବଳୀ ଅନୁସାରେ ଜମିର ବଜାର ଦରଠାରୁ ୪ ଗୁଣା ମୂଲ୍ୟ ଦେବାକୁ ଦାବି**

ପୋଡ଼ାପାଡ଼ି, ପୁହୁଣ୍ଡି, ଆଣ୍ଟୁଗୁଡ଼ା, କାଡ଼ାପଦରର ଗ୍ରାମବାସୀଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ବୈଠକରେ ପ୍ରଭାବିତ ଅଞ୍ଚଳବାସୀ ସେମାନଙ୍କ ଦାବି ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ପିଢ଼ି ସମେତ ଭବିଷ୍ୟତ ପିଢ଼ିର ଆର୍ଥିକ ସୁରକ୍ଷା ପାଇଁ କମ୍ପାନୀରେ ୦.୦୧%ର ଶେୟାର ସେମାନଙ୍କୁ ଦେବାକୁ ଦାବି କରାଯାଇଛି। ତୁରନ୍ତ ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକ କରିବା, ପୁହୁଣ୍ଡି ☞ପୃଷ୍ଠା-୪










# ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୧୦

## ଦଙ୍ଗାକାରୀଙ୍କୁ ସେମାନଙ୍କ ଜାଗାରେ ରହିବାକୁ ହେବ: ଖାମେନେଇ

ଦୁବାଇ,୩।୧

ଇରାନରେ ଦରଦାମ୍‌ର ଆକାଶଛୁଆଁ ବୃଦ୍ଧି ଓ ମୁଦ୍ରାର ଅବମୂଲ୍ୟାୟନକୁ ନେଇ ଦେଶର ସୁପ୍ରିମ ଲିଡର ଆୟାତୋଲା ଖାମେନେଇଙ୍କ ବରଖାସ୍ତ ଦାବିରେ ସପ୍ତାହେ ହେଲା ବିକ୍ଷୋଭ ଜାରି ରହିଛି। ଦେଶର ବିଭିନ୍ନ ସହରକୁ ଆନ୍ଦୋଳନ ବ୍ୟାପିଥିବାବେଳେ ହିଂସାଜନିତ ମୃତ୍ୟୁସଂଖ୍ୟା ଶନିବାର ୧୦ରେ ପହଞ୍ଚିଛି। ଦଙ୍ଗାକାରୀଙ୍କୁ ସେମାନଙ୍କ ଜାଗାରେ ରହିବାକୁ ହେବ ବୋଲି ୮୬ ବର୍ଷୀୟ ଖାମେନେଇ କହିଛନ୍ତି। ତେଣୁ ସେ ବିକ୍ଷୋଭ ଦମନ ପାଇଁ ଆକ୍ରମଣାତ୍ମକ ପଦକ୍ଷେପ ନେବା ନିମନ୍ତେ ସୁରକ୍ଷା ବଳକୁ ସବୁଜ ସଙ୍କେତ ଦେଇପାରନ୍ତି ବୋଲି କୁହାଯାଉଛି। ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ଇରାନ ଯଦି ହତ୍ୟାକରେ ତେବେ ଆମେରିକା ସେମାନଙ୍କ ସୁରକ୍ଷାରେ ବାହାରିବ ବୋଲି ଶୁକ୍ରବାର ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ସେଠାରେ ବିକ୍ଷୋଭ ଥମିବା ନାଁ ନେଉନାହିଁ।

# ତୈମୂର କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକ୍ ବାୟୁସେନା

ଇସ୍‌ଲାମାବାଦ,୩।୧(ପି.ଟି.)

ପାକିସ୍ତାନ ବାୟୁସେନା ଶନିବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତୈମୂର କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରିଛି। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୬୦୦ କିଲୋମିଟର ରହିଛି। ଏହି ପରୀକ୍ଷା ପାକିସ୍ତାନର ଜାତୀୟ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ସାମର୍ଥ୍ୟ ବଢ଼ାଇବାରେ ଏକ ଉଲ୍ଲେଖନୀୟ ସଫଳତା ବୋଲି ସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତୈମୂର ଏୟାରଲଞ୍ଚ୍‌ଡ୍ କ୍ରୁଜ୍ ମିଶାଇଲ ଶତ୍ରୁ ଦେଶ ଓ ସମୁଦ୍ରରେ ଥିବା ଟାର୍ଗେଟକୁ ମୁକାବିଲା କରିବାରେ ସମର୍ଥ। ପାରମ୍ପରିକ ଅସ୍ତ୍ର ନେଇ ଏହା ୬୦୦ କି.ମି. ଦୂରତା ପର୍ଯ୍ୟନ୍ତ ଠିକ୍ ଟାର୍ଗେଟକୁ ଆକ୍ରମଣ କରିପାରିବ। ଆଧୁନିକ ନାଭିଗେଶନ ଏବଂ ଗାଇଡାନ୍ସ ସିଷ୍ଟମ ସହାୟତାରେ ତୈମୂରକୁ ଏଭଳି ଡିଜାଇନ୍ କରାଯାଇଛି, ଯାହା ବହୁତ କମ୍ ଉଚ୍ଚତାରେ ଉଡ଼ି ଶତ୍ରୁ ପକ୍ଷର ଏୟାର ଏବଂ ମିଶାଇଲ ଡିଫେନ୍ସ ସିଷ୍ଟମକୁ ସଫଳତାର ସହ ଅତିକ୍ରମ କରିପାରିବ।

# ୧୨୭ ବର୍ଷ ପରେ ଫେରିଲା ପିପ୍ରହ୍ୱା ବୁଦ୍ଧ ରତ୍ନ

ନୂଆଦିଲ୍ଲୀ, ୩।୧

ଭଗବାନ ବୁଦ୍ଧଙ୍କ ପ୍ରବର୍ତ୍ତିତ ଜ୍ଞାନ ଓ ମାର୍ଗ ସମସ୍ତ ମାନବଜାତିର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ବୁଦ୍ଧଙ୍କ ପବିତ୍ର ଅବଶେଷ କେବଳ କଳାକୃତି ନୁହେଁ, ବରଂ ଭାରତର ପବିତ୍ର ଐତିହ୍ୟର ଅଂଶବିଶେଷ। ଗତ ଜୁଲାଇରେ ହଂକଂରେ ଅନୁଷ୍ଠିତ ନିଲାମ ପରେ ୧୮୯୮ରେ ଆବିଷ୍କୃତ ପିପ୍ରହ୍ୱା ରତ୍ନ ଭାରତ ଫେରିଥିଲା। ଏହି ରତ୍ନ ଓ ବୌଦ୍ଧ ଅବଶେଷକୁ ବ୍ରିଟିଶ ଇଞ୍ଜିନିୟର ପିପ୍ରହ୍ୱାରୁ ପାଇବା ପରେ ବ୍ରିଟେନ ନେଇଯାଇଥିଲେ। ତାହା ତାଙ୍କ ପରିବାର ଅଧୀନରେ ରହିଥିଲା। ୧୨୭ ବର୍ଷ ପରେ ଏହା ଫେରିଛି, ଯାହାର ପ୍ରଦର୍ଶନ ପାଇଁ ନୂଆଦିଲ୍ଲୀରେ ଶନିବାର ଅନ୍ତର୍ଜାତୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି।

ଦିଲ୍ଲୀରେ ଆଜି




ସୁପ୍ରିମକୋର୍ଟଙ୍କ ଶୁଣାଣି ପୂର୍ବରୁ ରାସ୍ତାରୁ ବୁଲାକୁକୁର ହଟାଇବାର ପ୍ରତିବାଦରେ କୁକୁରପ୍ରେମୀମାନେ ଶନିବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଛତିଶଗଡ଼ରେ ଏନ୍‌କାଉଣ୍ଟର: ୧୪ ମାଓବାଦୀ ନିହତ

ସୁକ୍‌ମା/ବିଜାପୁର/ମାଲକାନଗିରି, ୩।୧(ପି.ଟି./ଦୁର୍ଯ୍ୟୋଧନ ପାତ୍ର)

ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ଏ ଦିଗରେ ଶନିବାର ଭୋର ସମୟରେ ଛତିଶଗଡ଼ ବସ୍ତର ଅଞ୍ଚଳରେ ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। ୨ଟି ପୃଥକ୍ ଏନ୍‌କାଉଣ୍ଟରରେ ଅନ୍ୟୁନ ୧୪ ମାଓବାଦୀ ନିହତ ହୋଇଛନ୍ତି। ସୁକ୍‌ମାରେ ୧୨ ଓ ପଡ଼ୋଶୀ ବିଜାପୁର ଜିଲାରେ ଆଉ ୨ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ କ୍ୟାଡରଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଛତିଶଗଡ଼ ପୋଲିସର ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନମାନେ ଉଭୟ ସ୍ଥାନରେ ତଲାସି ଅଭିଯାନ ଚଳାଇଥିଲେ। ସକାଳ ପ୍ରାୟ ୮ଟାରେ ସୁକ୍‌ମାରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ସେଠାରୁ ୧୨ ମୃତଦେହ ଠାବ ହୋଇଥିବାବେଳେ ଅପରେଶନ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଅନୁରୂପ ଭାବେ ବିଜାପୁର ଜଙ୍ଗଲରେ ମଧ୍ୟ ଭୋର ୫ଟାରେ ଏକ ସ୍ୱତନ୍ତ୍ର ଅପରେଶନ ଆରମ୍ଭ ହୋଇଥିଲା। କିଛି ସମୟ ଧରି ଗୁଳି ବିନିମୟ ପରେ ୨ ଆତଙ୍କବାଦୀ ଟଳିପଡ଼ିଥିଲେ। ଉଭୟଙ୍କ ମୃତଦେହ ଠାବ ହୋଇଛି। ବିଜାପୁର ଜଙ୍ଗଲରେ ମଧ୍ୟ ଅପରେଶନ ଜାରି ରହିଛି। ଏନ୍‌କାଉଣ୍ଟର ସ୍ଥଳରୁ ଏକେ-୪୭, ଆଇଏନ୍‌ଏସ୍‌ଏଏସ୍, ସେଲ୍ଫ-ଲୋଡିଂ ରାଇଫଲ୍ସ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅପରେଶନ ଶେଷହେବା ପରେ ଅଧିକ ତଥ୍ୟ ହସ୍ତଗତ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପୋଲିସ କହିଛି, ସୁକ୍‌ମା ଏନ୍‌କାଉଣ୍ଟରରେ ମାଓବାଦୀଙ୍କ କୋଣ୍ଟା ଏରିଆ କମିଟି ଏକପ୍ରକାର ସଫା ହୋଇଯାଇଛି। ଗତବର୍ଷ ଛତିଶଗଡ଼ରେ ହୋଇଥିବା ଅନେକ ଏନ୍‌କାଉଣ୍ଟରରେ ୨୮୫ ମାଓବାଦୀ ନିହତ ହୋଇଥିବାବେଳେ ନୂଆବର୍ଷରେ ଏହା ହେଉଛି ସୁରକ୍ଷା ବଳର ପ୍ରଥମ ଏନ୍‌କାଉଣ୍ଟର।

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

## ୩ ଦିନ ପୂର୍ବରୁ ନିଆଁ ଲଗାଇ ଦେଇଥିଲେ

ଢାକା/ନୂଆଦିଲ୍ଲୀ,୩।୧(ପି.ଟି.)

ବାଂଲାଦେଶରେ ଗତ କିଛି ସପ୍ତାହ ହେଲା ହିନ୍ଦୁ ଓ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ହିଂସାକାଣ୍ଡ ଜାରି ରହିଛି। ୩ ଦିନ ପୂର୍ବରୁ ସେଠାରେ ହିନ୍ଦୁ ବ୍ୟବସାୟୀ ଖୋକନ୍ ଚନ୍ଦ୍ର ଦାସଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିବା ସହ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ସେ ନିକଟରେ ଥିବା ଏକ ପୋଖରୀକୁ ଡେଇଁ ପଡ଼ିଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ଜଣେ ସଂଖ୍ୟାଲଘୁ ନେତା କହିଛନ୍ତି। ବାଂଲାଦେଶରେ ଡିସେମ୍ବରରୁ ଇତିମଧ୍ୟରେ ୫ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ସେଠାର କଠୋରପନ୍ଥୀ ସଂଗଠନଗୁଡ଼ିକ ସଂଖ୍ୟାଲଘୁମାନଙ୍କୁ ଆତଙ୍କ ମଧ୍ୟରେ ରଖିବାକୁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି ବୋଲି ବାଂଲାଦେଶ ହିନ୍ଦୁ ବୁଦ୍ଧିଷ୍ଟ ଖ୍ରୀଷ୍ଟିଆନ୍ ଏକତା ପରିଷଦ ମୁଖପାତ୍ର କାଜୋଲ ଦେବନାଥ କହିଛନ୍ତି।

ଢାକାଠାରୁ ଦକ୍ଷିଣରେ ୧୦୦ କି.ମି.ଦୂରରେ ଅବସ୍ଥିତ ଶାରିଆତପୁର ଜିଲାର କେଉରଭଙ୍ଗା ବଜାର ନିକଟରେ ବୁଧବାର ରାତିରେ ଖୋକନ ତାଙ୍କ



ଖୋକନ୍ ଚନ୍ଦ୍ର ଦାସ

ଔଷଧ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେ ୩ ଦିନ ମୃତ୍ୟୁ ସହ ସଂଘର୍ଷ କରିବା ପରେ ଆଖିବୁଜିଛନ୍ତି। ଆକ୍ରମଣକାରୀ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ୧୮ରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେବା ପରେ ଗଛରେ ଝୁଲାଇ ଜାଳିଦେଇଥିଲେ। ଡିସେମ୍ବର ୨୩ରେ ଚାଟ୍ଟୋଗ୍ରାମ ନିକଟ ରାଓଜାନଠାରେ ୨ କାତାର ପ୍ରବାସୀ ଶ୍ରମିକଙ୍କ ଘର ଜାଳିଦିଆଯାଇଥିଲା। ୨୪ରେ ଅମ୍ରିତ ମଣ୍ଡଳ ନାମକ ଜଣେ ହିନ୍ଦୁଙ୍କୁ ପିଟି ମାରିଦିଆଯାଇଥିଲା। ୨୦୨୨ ଜନଗଣନା ଅନୁଯାୟୀ, ବାଂଲାଦେଶରେ ୧୩.୧୩ ନିୟୁତ ହିନ୍ଦୁ ଅଛନ୍ତି, ଯାହାକି ଦେଶର ମୋଟ ଲୋକସଂଖ୍ୟାର ୭.୯୫ ପ୍ରତିଶତ।

# ୫ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ୨ ଅଭିଯୁକ୍ତଙ୍କୁ ଗୁଳିପାଡ଼ ପରେ ଗିରଫ

ବୁଲନ୍ଦଶହର,୩।୧

ଉତ୍ତରପ୍ରଦେଶରେ ୫ ବର୍ଷର ବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ବଳରାମପୁର ଜିଲାର ରାଜୁ ଏବଂ ଲଖିମପୁର ଖେରି ଜିଲାର ବୀରୁ କାଶ୍ୟପ। ସିକନ୍ଦ୍ରାବାଦ ଥାନା ଅଞ୍ଚଳରେ ସେମାନଙ୍କୁ ପୋଲିସ ଗୁଳି ଚଳାଇବା ପରେ ଆହତ ଅବସ୍ଥାରେ ଗିରଫ କରିଛି। ସେମାନଙ୍କଠାରୁ ବେଆଇନ ଅସ୍ତ୍ର ଏବଂ କାର୍ଟ୍ରିଜ୍ ଜବତ ହୋଇଛି। ସିକନ୍ଦ୍ରାବାଦ ଥାନା ଅଞ୍ଚଳର ଏକ ସ୍ଥାନରେ ନାବାଳିକା ଜଣକ ଗୁରୁତର ଅବସ୍ଥାରେ ପଡ଼ିଥିବା ଶୁକ୍ରବାର ରାତିରେ ପୋଲିସ ଖବର ପାଇବା ପରେ ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳିକାଙ୍କ ବାପା କରିଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ନାବାଳିକାର ପରିବାର ରହୁଥିବା ବିଲ୍ଡିଂରେ ଅଭିଯୁକ୍ତ ୨ ଯୁବକ ଭଡ଼ାରେ ରହୁଥିଲେ। ସେମାନେ ବଳାତ୍କାର କରିଥିବା ନାବାଳିକାଙ୍କ ବାପା ଆଶଙ୍କା ବ୍ୟକ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୋଲିସ ୩ଟି ଟିମ୍ ଗଠନ କରିଥିଲା। ସେମାନେ କନଓ୍ୱାର ରୋଡ୍‌ର ଏକ ନିର୍ମାଣାଧୀନ କଲୋନିରେ ଲୁଚିଥିବା ସୂଚନା ପାଇ ପୋଲିସ ଚାରିପଟେ ଘେରିବା ସହ ଗୁଳି ଚଳାଇଥିଲା। ଅଭିଯୁକ୍ତ ରାଜୁ ଏବଂ ବୀରୁଙ୍କ ଗୋଡ଼ରେ ଗୁଳିବାଜି ସେମାନେ ଆହତ ହୋଇଥିଲେ। ପରେ ସେମାନଙ୍କୁ ଗିରଫ କରାଯାଇଛି।



ଆମେରିକା ସେନା ଦ୍ୱାରା ଗିରଫ ହୋଇ ଯୁଦ୍ଧଜାହାଜରେ ବସିଥିବା ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ପ୍ରଥମ ଫଟୋ ଡୋନାଲ୍ଡ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିଛନ୍ତି।

# ଇଭି ବ୍ୟାଟେରି ପାଇଁ ଆଧାର ଭଳି ପରିଚୟ ପ୍ରସ୍ତାବ

ନୂଆଦିଲ୍ଲୀ,୩।୧

ବିଦ୍ୟୁତ୍‌ଚାଳିତ ଯାନଗୁଡ଼ିକର ବ୍ୟାଟେରିର ସମ୍ପୂର୍ଣ୍ଣ ଜୀବନକାଳରେ ଏହାର କଞ୍ଚାମାଲଠାରୁ ଉତ୍ପାଦନ, ଉପାଦାନ ଓ ବିକ୍ରି ପର୍ଯ୍ୟନ୍ତ ଚିହ୍ନଟ ସୁନିଶ୍ଚିତ କରିବା ଏବଂ ପୁନଃ ଚକ୍ରଣ ସାମର୍ଥ୍ୟ ବଢ଼ାଇବା ପାଇଁ ସଡ଼କ ପରିବହନ ମନ୍ତ୍ରଣାଳୟ ଆଧାର ଭଳି ଏକ ଅନନ୍ୟ ପରିଚୟ ନମ୍ବର କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରସ୍ତାବ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଚିଠା ମାର୍ଗଦର୍ଶିକାରୁ ଏହା ଜଣାପଡ଼ିଛି। ପ୍ରସ୍ତାବିତ ରୂପରେଖ ଅନୁଯାୟୀ, ବ୍ୟାଟେରି ଉତ୍ପାଦନକାରୀ ଏବଂ ଆମଦାନିକାରୀ ବଜାରକୁ ଛାଡ଼ୁଥିବା ପ୍ରତ୍ୟେକ ବ୍ୟାଟେରି ଏବଂ ନିଜ ବ୍ୟବହାର ପାଇଁ ପାଖରେ ରଖୁଥିବା ବ୍ୟାଟେରିଗୁଡ଼ିକ ନିମନ୍ତେ ଏକ ୨୧ ସଂଖ୍ୟାବିଶିଷ୍ଟ ବ୍ୟାଟେରି ପ୍ୟାକ୍ ଆଧାର ନମ୍ବର (ବିପିଏଏନ୍) ନିର୍ଦ୍ଦିଷ୍ଟ କରିବାକୁ ହେବ। ସେମାନେ ସରକାରୀ ବିପିଏଏନ୍ ପୋର୍ଟାଲରେ ସମ୍ପୃକ୍ତ ବ୍ୟାଟେରି ପ୍ୟାକ୍ ଡାଇନାମିକ୍ ତଥ୍ୟ ଅପ୍‌ଲୋଡ୍ କରିବେ। ଉକ୍ତ ବିପିଏଏନ୍ ସମସ୍ତେ ଦେଖିପାରିବା ସ୍ଥାନରେ ଏବଂ ସ୍ପଷ୍ଟ ଦୃଶ୍ୟ ହେଉଥିବା ଭଳି ଲେଖିବାକୁ ହେବ। ଏହାକୁ ଏଭଳି ଭାବରେ ସ୍ଥାନିତ କରାଯିବ, ଯେପରି ତାହା ନଷ୍ଟ ହୋଇପାରିବ ନାହିଁ। ରିସାଇକ୍ଲିଂ କିମ୍ବା ପୁନରୁଦ୍ଦେଶ୍ୟରେ ବ୍ୟାଟେରିରେ କୌଣସି ପରିବର୍ତ୍ତନ କରାଗଲେ, ସମ୍ପୃକ୍ତ ଉତ୍ପାଦନକାରୀ କିମ୍ବା ନୂଆ ଉତ୍ପାଦନକାରୀ ବା ଆମଦାନିକାରୀଙ୍କୁ ନୂଆ ବିପିଏଏନ୍ ଜାରି କରିବାକୁ ହେବ। ବ୍ୟାଟେରି ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସ୍ଥାୟିତ୍ୱ ଆଣିବା ଲକ୍ଷ୍ୟରେ ମନ୍ତ୍ରଣାଳୟ ଏଭଳି ଗାଇଡ୍‌ଲାଇନ ଆଣିଛି। ଏହାଦ୍ୱାରା ବ୍ୟାଟେରି ପ୍ରଦର୍ଶନ ଓ ପରିବେଶ ପ୍ରଭାବର ଠିକ୍ ଚିହ୍ନଟ ହୋଇପାରିବ।

# ପଶ୍ଚିମବଙ୍ଗ: ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୬ ପୋଲିସ ଆହତ

କୋଲକାତା,୩।୧

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଅନ୍ତର୍ଗତ ସନ୍ଦେଶଖାଲି ଅଞ୍ଚଳରେ ଶୁକ୍ରବାର ରାତିରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୬ ଜଣ ପୋଲିସ ଆହତ ହେବା ସହ ଅନେକ ପୋଲିସ ଗାଡ଼ି ଭାଙ୍ଗିଯାଇଛି। ପୋଲିସ ତୃଣମୂଳ କଂଗ୍ରେସର ଜଣେ ସ୍ଥାନୀୟ ନେତାଙ୍କ ଘରେ ଚଢ଼ାଉ କରିବାକୁ ଯାଇଥିବାବେଳେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛି। ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ପଞ୍ଚାୟତ ପ୍ରଧାନ ଏବଂ ତାଙ୍କ ସହଯୋଗୀଙ୍କୁ ଜେରା ପାଇଁ ଅଟକ ରଖାଯାଇଛି। ଖବର ଅନୁଯାୟୀ, ବୋୟେରମାରି ଗ୍ରାମର ମୁସା ମୋଲ୍ଲାଙ୍କ ଜଳାଶୟଗୁଡ଼ିକୁ ଜବରଦଖଲ କରି ଚିଙ୍ଗୁଡ଼ିଚାଷ ଚଳାଇଥିବାରୁ ତାଙ୍କୁ ଗିରଫ କରିବା ପାଇଁ ନଜାତ ଥାନା ଟିମ୍ ଯାଇଥିଲେ। ସେମାନେ ମୁସାଙ୍କୁ ପୋଲିସ ଭ୍ୟାନ୍‌ରେ ବସାଇବା ପରେ ଗ୍ରାମବାସୀ ଟେକାମାଡ଼ କରିଥିଲେ। ଫଳରେ ଗାଡ଼ି ଭାଙ୍ଗିବା ସହ ୬ ଜଣ ପୋଲିସ ଆହତ ହୋଇଛନ୍ତି।

# ଆରାବଳୀରେ ବେଆଇନ ଖଣି ଖନନ ବିରୋଧରେ ଚଢ଼ାଉ

ଜୟପୁର,୩।୧

ଆରାବଳୀ ପର୍ବତମାଳାର କ୍ଷତିଗ୍ରସ୍ତ ପରିବେଶର ସୁରକ୍ଷା ଏବଂ ବେଆଇନ ଖଣି ଖନନ ରୋକିବା ପାଇଁ ରାଜସ୍ଥାନ ସରକାର ରାଜ୍ୟ ମଧ୍ୟରେ ଚଢ଼ାଉକୁ ଜୋର୍‌ଦାର କରିଛନ୍ତି। ଆରାବଳୀ ଅଞ୍ଚଳରେ ୧୦୦ ମିଟରରୁ ଅଧିକ ଉଚ୍ଚତାକୁ ପର୍ବତମାଳା ବିବେଚନା କରାଯିବ ବୋଲି ପୂର୍ବରୁ କେନ୍ଦ୍ର ସରକାର ସୁପାରିସ କରିଥିବାବେଳେ ଏହାକୁ ରାଜସ୍ଥାନରେ ଜୋର୍‌ଦାର ବିରୋଧ କରାଯାଇଥିଲା। ଫଳରେ ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେଇଥିଲେ। ସେବେଠାରୁ ରାଜ୍ୟର ଖଣି ବିଭାଗ, ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ ଜାରି ରହିଛି। ଗତ ୨ ଦିନରେ ଜୟପୁର ଏବଂ ଅଲଓ୍ୱର ଜିଲାରେ ବେଆଇନ ଖଣି ଖନନ ସହ ସମ୍ପୃକ୍ତ ଅନେକ ଡଜନ ଗାଡ଼ିକୁ ଜବତ କରାଯିବା ସହ ଅପରାଧୀଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଛି।

# ୧୦ରୁ କଂଗ୍ରେସର ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ସଂଗ୍ରାମ

ନୂଆଦିଲ୍ଲୀ,୩।୧(ପି.ଟି.)

କେନ୍ଦ୍ର ସରକାର ଆଣିଥିବା ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସ ଆସନ୍ତା ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ 'ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ସଂଗ୍ରାମ' ଚଳାଇବ ବୋଲି ଶନିବାର ଘୋଷଣା କରିଛି। ଏମ୍‌ଜିଏନ୍‌ଆର୍‌ଇଜିଏ ଏକ ଅଧିକାର ଭିତ୍ତିକ ଆଇନ, ଯାହା କାର୍ଯ୍ୟ କରିବାର ଅଧିକାର ପ୍ରଦାନ କରେ, ତାହାକୁ ପୁନର୍ବାର ଲାଗୁ କରିବା ପାଇଁ କଂଗ୍ରେସ ଦାବି କରିଛି। ଏକ ମିଳିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏବଂ ଜୟରାମ ରମେଶ କହିଛନ୍ତି, ଭିବି ଜି-ରାମ-ଜି ଆଇନ ଜରିଆରେ କେନ୍ଦ୍ର ସରକାର ଏହାକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣ କରିବାକୁ ଚାହାନ୍ତି। ନୂଆ ଆଇନରେ ନିଯୁକ୍ତି ଆଉ ଅଧିକାର ହୋଇ ରହିବ ନାହିଁ। ଏହାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯିବ ବୋଲି ସେମାନେ କହିଛନ୍ତି। ନୂଆ ଆଇନକୁ ଇଣ୍ଡିଆ ବ୍ଲକ୍ ଶାସିତ ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିବେ ନାହିଁ କିମ୍ବା ବିରୋଧ କରିବେ ବୋଲି ବେଣୁଗୋପାଳ କହିଛନ୍ତି। ଏନେଇ କଂଗ୍ରେସ ଏହାର ମେଣ୍ଟ ସହଯୋଗୀମାନଙ୍କ ସହ ଆଲୋଚନା କରିବ। ଏହି ଆଇନ ଦେଶର ସଂଘୀୟ ଢାଞ୍ଚା ବିରୋଧରେ ହୋଇଥିବାରୁ କୌଣସି ଭାଜପା ଶାସିତ ରାଜ୍ୟ କାର୍ଯ୍ୟକାରୀ କରିବା ସ୍ଥିତିରେ ନାହାନ୍ତି ବୋଲି ଜୟରାମ କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଏମ୍‌ଜିଏନ୍‌ଆର୍‌ଇଜିଏ ଉପରେ ଆକ୍ରମଣ ଦେଶର ବହୁକୋଟି ଶ୍ରମିକ ଓ ସେମାନଙ୍କର କାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ। ତାଙ୍କ ଦଳ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଏହାର ଦୃଢ଼ ବିରୋଧ କରିବ ବୋଲି ଖାର୍ଗେ Xରେ ଲେଖିଛନ୍ତି।



ଖବରଦାତା ସମ୍ମିଳନୀରେ ଜୟରାମ ରମେଶ ଏବଂ କେ.ସି. ବେଣୁଗୋପାଳ।

# କିମିଆ କରୁଛି ଲୁକ୍



ତାରା ସୁତାରିଆ

**ମୁମ୍ବାଇ:** ବଲିଉଡ୍‌ର ଫ୍ୟାଶନେବଲ୍ ଡିଭା ଭାବେ ତାରା ସୁତାରିଆଙ୍କ ଚର୍ଚ୍ଚା ସବୁବେଳେ ହୋଇଆସିଛି। ବ୍ୟକ୍ତିଗତ ଜୀବନ ହେଉ କି ଅଭିନୟ ଜୀବନ, ତାରା ଲାଇମଲାଇଟ୍‌ରେ ରୁହନ୍ତି। ଏବେ ତାଙ୍କ ହାତରେ ଏକ ବଡ଼ ଫିଲ୍ମ । ତାହା ପୁଣି କେଜିଏଫ୍ ଫେମ୍ ରକିଂ ଷ୍ଟାର ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍: ଏ ଫେୟାରୀ ଟେଲ୍ ଫର୍ ଗ୍ରୋନ୍ ଅପ୍‌ସ'।

ଫିଲ୍ମରେ ତାରାଙ୍କ ଫାଷ୍ଟ ଲୁକ୍‌କୁ ନିର୍ମାତା ଶେୟାର କରିଛନ୍ତି। ଏହା ଆସିବା ପରେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଫିଲ୍ମରେ ତାରାଙ୍କ ଚରିତ୍ରର ନାମ ରହିଛି 'ରେବିକା'। ପୋଷ୍ଟରରେ ତାରା କଳାରଙ୍ଗର ଲେଦର ଆଉଟ୍‌ଫିଟ୍‌ରେ ବନ୍ଧୁକ ଧରିଥିବା ନଜର ଆସୁଛନ୍ତି। ଯିଏ ବି ଫଟୋ ଦେଖୁଛି ଘଡ଼ିଏ ଅଟକିଯାଉଛି। ବ୍ୟକ୍ତିଗତ ଜୀବନ କହିଲେ, ତାରା ଏବେ ନୂଆ ନୂଆ ପ୍ରେମରେ ପଡ଼ିଛନ୍ତି। ଅଭିନେତା ବୀର ପାହାଡ଼ିଆଙ୍କ ସହ ସମ୍ପର୍କ ଉପରେ ସେ ମୋହର ମାରିଛନ୍ତି। ଅନେକ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳୁଛି। ଏପରିକି ତାରା ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଶେୟାର କରିବାକୁ ଦ୍ୱିଧାବୋଧ କରୁନାହାନ୍ତି। ପ୍ରଶଂସକ ଉଭୟଙ୍କ ଯୋଡ଼ିକୁ ବେଶ୍ ପସନ୍ଦ କରୁଛନ୍ତି।

# ଅତିରିକ୍ତ ୧୫୧ ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

## ଓଏଏସ୍, ଓଆର୍ଏସ୍ ପଦବୀ ଲାଗି ବିଜ୍ଞପ୍ତି ବାହାରି ନ ଥିବାରୁ ବଢ଼ିଥିଲା ଅସନ୍ତୋଷ

ନିକଟରେ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିବା ବେଳେ ଏଥିରେ ଓଏଏସ୍, ଓଆର୍ଏସ୍ ଆଦି କେତେକ କ୍ୟାଡରରେ ଆଦୌ ପଦବୀ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ଏ ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପକରି ଏହିସବୁ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରେ ୧୪ଟି, ଓଡ଼ିଶା ରାଜସ୍ୱ ସେବା(ଓଆର୍ଏସ୍)ରେ ୧୧୩ଟି, ଓଡ଼ିଶା ପରିବହନ ସେବା(ଓଟିଏସ୍)ରେ ୧୬ଟି ଓ ଓଡ଼ିଶା ମଙ୍ଗଳ ସେବା (ଓଡ଼ବ୍ଲ୍ୟୁଏସ୍)ରେ ୮ଟି ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ସମୁଦାୟ ୧୫୧ଟି ଅଧିକ ପଦବୀ ପାଇଁ ଅନୁରୋଧ



କରାଯାଇଛି। ଏହାଦ୍ୱାରା ଏହିସବୁ ପଦବୀ ପାଇଁ ଆଶାୟୀ ଥିବା ଅନେକ ଯୁବତୀଯୁବକ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରିପାରିବେ। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ ହୋଇସାରିଛି। ବର୍ତ୍ତମାନ ମଧ୍ୟ ବିଭିନ୍ନ ଆୟୋଗ ଦ୍ୱାରା ଯେଉଁ ପରୀକ୍ଷା କରାଯିବ ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଯେତେ ପଦବୀ ଖାଲିଅଛି ସବୁ ପୂରଣ କରିବାକୁ ଆୟୋଗଗୁଡ଼ିକୁ ସୁପାରିସ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।







# ଚିଲିକା ହ୍ରଦର ପୁନରୁଦ୍ଧାର ଲାଗି ଖୁବ୍‌ଶୀଘ୍ର ଡିପିଆର୍: ମନ୍ତ୍ରୀ ହରିଚନ୍ଦନ

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

ଏସିଆ ମହାଦେଶର ସର୍ବବୃହତ୍ କ୍ଷାରୀୟ ହ୍ରଦ ତଥା ରାମସାର ସାଇଟ ଭାବେ ସାରା ବିଶ୍ୱରେ ପରିଚିତ ଥିବା ଚିଲିକା ହ୍ରଦର ଜୈବ ବିବିଧତାର ସୁରକ୍ଷା ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ନେଇ ଏକ ଆଲୋଚନା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ କହିଛନ୍ତି, ମୁହାଣ ପୋତିହେବା ଯୋଗୁ ଚିଲିକାର ପାଣି ସମୁଦ୍ରକୁ ଠିକ୍ ଭାବେ ଯାଇପାରୁନାହିଁ। ଅନ୍ୟପଟେ ସମୁଦ୍ର ପାଣି ମଧ୍ୟ ଏହା ମଧ୍ୟକୁ ପ୍ରବେଶ କରିପାରୁନାହିଁ। ଫଳରେ ଚିଲିକା ଜଳର କ୍ଷାରୀୟତା ନଷ୍ଟ ହେଉଥିବା ବେଳେ ଜୈବ ବିବିଧତା ସନ୍ତୁଳନ ଠିକ୍ ରହୁନାହିଁ। ଏଥିଯୋଗୁ ବିଭିନ୍ନ ପ୍ରକାର ମାଛ ଏବଂ ସାମୁଦ୍ରିକ ଜୀବ ସଂଖ୍ୟାର ଅନେକ ଫରକ ପରିଲକ୍ଷିତ ହେଉଛି। ତେଣୁ ଚିଲିକା ହ୍ରଦର ପୁନରୁଦ୍ଧାର ଦିଗରେ କାର୍ଯ୍ୟ ଆରମ୍ଭ କରିବା ସହ ତୁରନ୍ତ ସବିଶେଷ ବୈଜ୍ଞାନିକ ତଥ୍ୟ ସଂଗ୍ରହ ସହ ଡିପିଆର୍ ପ୍ରସ୍ତୁତ ଉପରେ ବିଭାଗୀୟ ଅଧିକାରୀ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଆଇଆଇଟି ଚେନ୍ନାଇଙ୍କୁ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଆଇଆଇଟି ଚେନ୍ନାଇର ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଚିଲିକାର ଅବରୋଧ ହୋଇଥିବା ମୁହାଣ ଖନନ, ଏହାର କ୍ଷାରୀୟତା ବଜାୟ ରଖିବା, ପଙ୍କ ଉଦ୍ଧାରକରି ଜଳଧାରା କ୍ଷମତା ବୃଦ୍ଧି କରିବା, ଜୈବ ବିବିଧତାର ସୁରକ୍ଷା, ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଏବଂ ଚିଲିକା ଉପରେ ନିର୍ଭରକରି ଜୀବିକା ନିର୍ବାହ କରୁଥିବା ଅଧିବାସୀଙ୍କ ସ୍ୱାର୍ଥରକ୍ଷା ଉପରେ ଆଲୋଚନା ହୋଇଛି। ବୈଠକ ପରେ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସ୍ପଷ୍ଟ ସୂଚନା ଦିଆଯିବା ସହ ଆଗାମୀ କାର୍ଯ୍ୟପନ୍ଥା ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ବୈଠକରେ ପୁରୀ ସାଂସଦ ସମ୍ବିତ ପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଇଆଇଟି ଚେନ୍ନାଇ ପ୍ରଫେସର ନୀଳାଞ୍ଜନ ଶାହା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଯୋଗାଜୟ ନନ୍ଦ ଏବଂ ଚିଲିକା ଡିଏଫ୍ଓ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରମଣି ନାଏକ ପଞ୍ଚାୟତିରାଜ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ଇନ୍ଦ୍ରମଣି ନାଏକଙ୍କୁ ରାଜ୍ୟ ସରକାର ପଞ୍ଚାୟତିରାଜ ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ପୂର୍ବରୁ ସେ ପରିବହନ ବିଭାଗର ଅତିରିକ୍ତ କମିଶନର ଭାବେ ଦାୟିତ୍ୱରେ ଥିଲେ। ଏହି ଦାୟିତ୍ୱରୁ ପରିବର୍ତ୍ତନକରି ପଞ୍ଚାୟତିରାଜ ନିର୍ଦ୍ଦେଶ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି।

# ତାଲଚେର ଦେଶର ସବୁଠୁ ପ୍ରଦୂଷିତ ସହର

**ଭୁବନେଶ୍ୱର, (ବନ୍ଦନା ସେଠୀ)/ ତାଲଚେର, ୩।୧ (ମନୋଜ ନନ୍ଦ)**

- ଏକ୍ୟୁଆଇ ୩ଶହ ପାର୍ କରିଥିବା ୪ ସହର ମଧ୍ୟରେ ଓଡ଼ିଶାର ୩
- କଟକଣା ଲାଗୁକଲା ଅନୁଗୋଳ ଜିଲା ପ୍ରଶାସନ



ପ୍ରଦୂଷଣରେ ଦେଶରେ ସବୁଠୁ ଆଗରେ ରହିଛି ଓଡ଼ିଶା। ଗତ କିଛିଦିନ ଧରି ଏହି ଧାରା ଜାରି ରହିଛି। ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ୩ଶହ ପାର କରିଥିବା ଦେଶର ୪ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ତାଲଚେର, ବାରିପଦା ଓ ଅନୁଗୋଳ ରହିଛି। ଶୁକ୍ରବାର ଭଳି ଶନିବାର ମଧ୍ୟ କଳାହୀରାର ସହର ତାଲଚେର ପ୍ରଦୂଷଣରେ ରେକର୍ଡ ଭାଙ୍ଗିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ, ଶନିବାର ତାଲଚେରରେ ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ୩୩୨ ରହିଥିବାବେଳେ ଏହା ଦେଶର ସବୁଠୁ ଅଧିକ ପ୍ରଦୂଷିତ ସହର ପାଲଟିଥିଲା। ସେହିପରି ବାରିପଦାରେ ଏକ୍ୟୁଆଇ ୩୨୪, ଅନୁଗୋଳ ୩୨୧, କଟକ ୩୦୦, ବାଲେଶ୍ୱର ୨୯୭ ଏବଂ ଭୁବନେଶ୍ୱରରେ ଏକ୍ୟୁଆଇ ୨୯୪ ରହିଥିଲା। ଦେଶର ରାଜଧାନୀ ନୂଆଦିଲ୍ଲୀରେ ଏକ୍ୟୁଆଇ ୨୬୭କୁ ଖସି ଆସିଥିବାବେଳେ ଓଡ଼ିଶାର ପ୍ରଦୂଷଣ ମାତ୍ରାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରଦୂଷଣ ଫୁସ୍‌ଫୁସ୍ ଉପରେ ଗଭୀର ପ୍ରଭାବ ପକାଉଥିବାବେଳେ ପ୍ରାତଃ ଭ୍ରମଣରେ ବି ଲୋକେ ଏହାର ଶିକାର ହେଉଛନ୍ତି।

ତାଲଚେର ପୌର ପରିଷଦ ଅଞ୍ଚଳରେ ବାୟୁ ଗୁଣବତ୍ତା (ଏକ୍ୟୁଆଇ) ଅତି ଖରାପ ଥିବାରୁ ଜିଆର୍ଏପି (ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ୍) ନିର୍ଦ୍ଦେଶାବଳୀକୁ ଗୁରୁତ୍ୱ ଦେଇ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁସାରେ ତାଲଚେର ପୌର ପରିଷଦ ଅଞ୍ଚଳରେ ଆଗାମୀ ୭ଦିନ ପାଇଁ ବିଭିନ୍ନ କଟକଣା ଲାଗୁ କରାଯାଇଛି। ଏହା ବ୍ୟତୀତ ତାଲଚେର ଉପଜିଲାପାଳ ଏବଂ ତାଲଚେର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ଦିନ ସମୟରେ ସମସ୍ତ କୋଇଲା ଓ ପାଉଁଶ ଟ୍ରକ ଚଳାଚଳ ଉପରେ ପୃଥକ କଟକଣା ଜାରି କରାଯାଇଛି। ଏବେ ତାଲଚେରରେ ଥଣ୍ଡା, କାଶ ଲାଗି ରହିଥିବା ବେଳେ ରାସ୍ତାରେ ଯା'ଆସ କରିବାବେଳେ ଭୟଙ୍କର ଧୂଳିଧୂଆଁରେ ନାକ ରୁନ୍ଧି ହୋଇଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତାଲଚେରରୁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। କିନ୍ତୁ ଲୋକେ ପ୍ରଦୂଷଣ ଜ୍ୱାଳାରେ ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ ଲୋକପ୍ରତିନିଧି, ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଜାଣି ଅଜଣା ଭଳି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଓପିଏସ୍‌ସି ବିଜ୍ଞପ୍ତି ନେଇ ସରକାରଙ୍କ ଉପରେ ବର୍ଷିଲା ବିଜେଡି

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

ନିକଟରେ ସରକାରୀ ଚାକିରିର ବିଭିନ୍ନ ପଦବୀ ପାଇଁ ଓପିଏସ୍‌ସି ତରଫରୁ ବିଜ୍ଞାପନ ପ୍ରକାଶ ପାଇଥିବା ବେଳେ ଏଥିରେ ଓଏଏସ୍, ଓଏଫ୍ଏସ୍ ଏବଂ ଓଆର୍ଏସ୍ ପଦବୀ ନ ଥିବାକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଶନିବାର ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ଅପାରଗପଣିଆ ପାଇଁ ଏପରି ହୋଇଛି। ତୁରନ୍ତ ବିଜ୍ଞପ୍ତିରେ ସଂଶୋଧନକରି ଏଥିରେ ଏହି ପଦବୀଗୁଡ଼ିକୁ ସାମିଲ କରାଯାଉ। ନବୀନ ସରକାରଙ୍କ ୨୪ ବର୍ଷ ଶାସନ ସମୟରେ ପ୍ରତିବର୍ଷ ଓଏଏସ୍, ଓଏଫ୍ଏସ୍ ଏବଂ ଓଆର୍ଏସ୍ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉଥିଲା। ପ୍ରଥମ ଥର ପାଇଁ ଏହି ପଦବୀଗୁଡିକ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟ ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି। ଗତ ୧୮ ମାସର ଭାଜପା ଶାସନରେ ୨୦ଟି ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଲାଣି। ଚାକିରି ଆଶାୟୀମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଅତ୍ୟନ୍ତ ତରବରିଆ ଭାବେ ଏକ ପ୍ରେସ୍ ବିବୃତି ଜାରି କରି ନିଯୁକ୍ତି ପ୍ରକ୍ରିୟାରେ ଏହି ପଦବୀଗୁଡିକୁ ସାମିଲ କରିବା ପାଇଁ ଅନୁରୋଧ କରାଯାଇଛି। ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ କହିଛନ୍ତି, ଏହି ପଦବୀଗୁଡ଼ିକୁ ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରା ନ ଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ।




# ପ୍ରମାଣ ଦିଅ, ପାଣ୍ଡିଆନ୍‌ଙ୍କ ବିରୋଧରେ ତଦନ୍ତ ହେବ

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

## କ୍ରାଇମବ୍ରାଞ୍ଚ ଛାଡ଼ି ସିବିଆଇ ତଦନ୍ତକଲେ ବି କିଛି ହେବନି: ଗଣେଶ୍ୱର

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟିର ପୂର୍ବତନ ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ କରିପାରେ। ବ୍ରହ୍ମପୁରର ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଅଭିଯୋଗ ଅନୁଯାୟୀ କ୍ରାଇମବ୍ରାଞ୍ଚ ଦେଇଥିବା ଏକ ଚିଠିରୁ ଏହା ଜଣାପଡ଼ିଛି। ଗତ ମାସ ୧୫ ତାରିଖରେ କ୍ରାଇମବ୍ରାଞ୍ଚ ଲେଖିଥିବା ଏକ ଚିଠିରୁ ଏହା ଜଣାପଡ଼ିଛି। ସୁରେନ୍ଦ୍ରଙ୍କୁ ଏକ ଚିଠି କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ବେଳେ ସେଥିରେ ଉଲ୍ଲେଖ କରାଯାଇଛି, ଓଡ଼ିଶାର ରୁଲ୍ସ ଅଫ୍ ବିଜ୍‌ନେସ୍‌ର ୧୯୫୬ ଏବଂ ଅନ୍ୟ ନିୟମର ଉଲ୍ଲଂଘନକରି ପାଣ୍ଡିଆନ୍ ବେଆଇନ ଭାବେ ମିଟିଂ ଆୟୋଜନ କରିଥିଲେ ବୋଲି ଅଭିଯୋଗ ଦେଇଛନ୍ତି। ଆପଣ କରିଥିବା ଅଭିଯୋଗର ଡକ୍ୟୁମେଣ୍ଟ ଏବଂ ବୈଦ୍ୟୁତିକ ରେକର୍ଡ ଆସନ୍ତା ୬ ତାରିଖ ସୁଦ୍ଧା ପ୍ରଦାନକରନ୍ତୁ। ଏହାଛଡ଼ା ଯଦି ଅନ୍ୟ କିଛି ପ୍ରମାଣ ରହିଛି ତାକୁ ମଧ୍ୟ ପ୍ରଦାନ କରାଯାଉ, ଯାହାକୁ ନେଇ ତଦନ୍ତ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ତେବେ ଏହି ଘଟଣାକୁ ନେଇ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, କ୍ରାଇମବ୍ରାଞ୍ଚ ଛାଡ଼ି ସିବିଆଇ ତଦନ୍ତକଲେ ମଧ୍ୟ କିଛି ହେବ ନାହିଁ। ଆକ୍ରୋଶମୂଳକ ଭାବେ ତଦନ୍ତକଲେ କିଛି ହେବନାହିଁ। ସେମାନେ ତଦନ୍ତ ନ କରି କାହିଁକି ଏତେଦିନ ଡେରି କରୁଛନ୍ତି। ସରକାରଙ୍କ ଅନୁମତି ନେଇ ସରକାରୀ ଅଧିକାରୀ ବୁଲିଲେ କିଛି ସମସ୍ୟା ନାହିଁ। ଯିଏ ଚାହିଁଲେ ବି ଅଭିଯୋଗ କରିପାରିବେ ହେଲେ ଏହା ପ୍ରମାଣିତ ହେବା ଦରକାର ବୋଲି ଗଣେଶ୍ୱର କହିଛନ୍ତି।

# ୩ ସରକାରୀ ପ୍ରତିଷ୍ଠାନରେ ଭିଡିଓ, ଫଟୋ, ରିଲ୍ସକରି ଛାଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

## ଗୃହ ବିଭାଗ ପକ୍ଷରୁ ବାହାରିଲା ନୋଟିସ

ସାମାଜିକ ଗଣମାଧ୍ୟମରେ ଲୋକସେବା ଭବନ, ରାଜୀବ ଭବନ ଏବଂ ଖାରବେଳ ଭବନରେ ରିଲ୍ସ, ଭିଡିଓ ଉତ୍ତୋଳନ ଉପରେ ସରକାର କଟକଣା ଲଗାଇଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ଶନିବାର ବିଧିବଦ୍ଧ ନୋଟିସ ଜାରି କରାଯାଇଛି। ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି, ନିକଟରେ ନଜରକୁ ଆସିଛି କେତେଜଣ କର୍ମଚାରୀ ଏବଂ ଅନ୍ୟ ବ୍ୟକ୍ତିବିଶେଷ ସାମାଜିକ ଗଣମାଧ୍ୟମରେ ଲୋକସେବା ଭବନ ଭିତରେ ଭିଡିଓ ଓ ରିଲ୍ସ ପ୍ରସ୍ତୁତକରି ଛାଡ଼ିଛନ୍ତି। ଲୋକସେବା ଭବନ, ରାଜୀବ ଭବନ ଏବଂ ଖାରବେଳ ଭବନ କଡ଼ା ସୁରକ୍ଷା ଏବଂ ସମ୍ବେଦନଶୀଳ ସରକାରୀ ସଂସ୍ଥା। ଏହିସବୁ ସ୍ଥାନରେ ଭିଡିଓ ବା ରିଲ୍ସ କରିବା ଦ୍ୱାରା କେବଳ କାର୍ଯ୍ୟାଳୟ ବ୍ୟବସ୍ଥାକୁ ପ୍ରଭାବିତ କରିବ ନାହିଁ ବରଂ ଶୃଙ୍ଖଳା, କାର୍ଯ୍ୟାଳୟ ପରିବେଶର ଅଖଣ୍ଡତାକୁ ନଷ୍ଟକରିବ। ସରକାରୀ କାର୍ଯ୍ୟାଳୟର ବ୍ୟବସ୍ଥା ଆଡ଼କୁ ମଧ୍ୟ ଏହା ପ୍ରଶ୍ନ ଉଠାଇବ। ତେଣୁ ଏହାକୁ ଦୃଷ୍ଟିରେ ରଖି ସବୁ କର୍ମଚାରୀ, ଅଧିକାରୀ, ଠିକା କର୍ମଚାରୀ, ପରିଦର୍ଶକ ଏବଂ ଅନ୍ୟ ବ୍ୟକ୍ତିବିଶେଷମାନେ ସାମାଜିକ ଗଣମାଧ୍ୟମରେ ଏହିସବୁ ସଂସ୍ଥା ଭିତରର କୌଣସି ଭିଡିଓ ବା ରିଲ୍ସ ଏବଂ ଫଟୋ ପ୍ରସ୍ତୁତକରି ଅପ୍‌ଲୋଡ୍ କରିବା ଉପରେ କଡ଼ା ନଜର ରହିବ। ଯଦି କେହି ଏହାକୁ ଅନୁପାଳନ ନ କରନ୍ତି ତେବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଏହା ଉପରେ କଡ଼ା ନଜର ରଖିବା ଲାଗି ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

# ବନ୍ଧମୁଣ୍ଡାରେ ମାଲଗାଡ଼ି ଲାଇନଚ୍ୟୁତ

**ରାଉରକେଲା/ବନ୍ଧମୁଣ୍ଡା, ୩।୧ (ସଙ୍ଗୀତା ଜେନା/ସୁବ୍ରତ ଦେ)**

ଦକ୍ଷିଣପୂର୍ବ ରେଳବାଇ ଚକ୍ରଧରପୁର ରେଳମଣ୍ଡଳର ବନ୍ଧମୁଣ୍ଡା ଷ୍ଟେଶନ ନିକଟରେ ଶନିବାର ସକାଳ ୭ଟା ୪୫ରେ ଏକ ମାଲଗାଡ଼ିର ୨ଟି ୱାଗନ୍ ଲାଇନ୍‌ଚ୍ୟୁତ ହୋଇଛି। ଏଥିରେ ମୁମ୍ବାଇ- ହାୱଡ଼ା ରୁଟ୍‌ରେ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା। ସକାଳ ସମୟରେ କେବିନ୍ କେ ନିକଟରେ ପୋଷ୍ଟ ୪୦୮/୧୧ଇ ସ୍ଥାନରେ ଏହି ଦୁର୍ଘଟଣା ଘଟିଥିଲା। ଉକ୍ତ ମାଲଗାଡ଼ିଟି ବନ୍ଧମୁଣ୍ଡାର ଏନ୍ ବକ୍ସ ୟାର୍ଡରୁ ବାହାରି ରାଉରକେଲା ଆଡକୁ ଯାଉଥିବା ବେଳେ ହଠାତ୍ ୱାଗନ୍ ଗୁଡ଼ିକ ଲାଇନଚ୍ୟୁତ ହୋଇଥିଲା। ତୁରନ୍ତ ଉକ୍ତ ଅଞ୍ଚଳରେ ରେଳ ଚଳାଚଳ ବନ୍ଦ କରିଦିଆଯାଇଥିଲା। ସୂଚନା ପାଇ ମଣ୍ଡଳର ବରିଷ୍ଠ ଅଧିକାରୀ, ଯନ୍ତ୍ରୀ, କ୍ୟାରେଜ ଓ ୱାଗନ ଶାଖାର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ମରାମତି ଓ ପୁନର୍ବାସ କାମ ଦ୍ରୁତଗତିରେ କରାଯାଇଥିଲା। ଏବେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପଥ ଉତ୍ସବ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ସକାଳ ୬ଟା।
- ଆମେରିକାର ଦାଦାଗିରି ବିରୋଧରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌କେଏନ୍ ପକ୍ଷରୁ ଗାନ୍ଧୀଜି ଆନିମଲ ୱେଲଫେୟାର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସଂସ୍କୃତି ବିହାର ପକ୍ଷରୁ ପ୍ରତିଷ୍ଠା ଦିବସ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜ୍ଞା ମିଶନ୍ ପକ୍ଷରୁ ଗୀତା ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ମଞ୍ଚସ୍ଥ ନାଟକ 'କହିବାକୁ ଲାଜ ଶୁଣିଲେ ପାପ', ସ୍ଥାନ: ବାଲିଅନ୍ତା –ବେଣ୍ଟପୁର କୁଶଗାଡିଆ ମଠ ପରିସର, ସମୟ: ରାତି ୧୧ଟା।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟ ଶାସ୍ତ୍ର ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- କଟକ ଲେଖକ ସହଯୋଗ ସମିତି ପକ୍ଷରୁ ଶ୍ରୀଜଗନ୍ନାଥ ଚେତନା ଆଲୋଚନାସଭା, ସ୍ଥାନ: କାଳୀଭବନ, ଖାନ୍ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ କନ୍ତପଡ଼ା ପ୍ରିମିଅର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଶହୀଦ ପଡ଼ିଆ, କନ୍ତପଡ଼ା, ସମୟ: ପୂର୍ବାହ୍ନ ୧୧ଟା୩୦।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୩ଟା।

## ପୁରୀ

- ମହୋଦଧି ଆଳତିର ବାର୍ଷିକ ଉତ୍ସବ, ସ୍ଥାନ: ପୁରୀ ବେଳାଭୂମି, ସମୟ: ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପୌରସଦନ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସକାଳ ୯ଟା ୪୫।
- ସମଗ୍ର ହିନ୍ଦୁ ସମାଜର ହିନ୍ଦୁ ସମ୍ମିଳନୀ, ସ୍ଥାନ: ଲବଣଗିରି ଜଗନ୍ନାଥ ମନ୍ଦିର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା–୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ନୂତନ ପଞ୍ଚାୟତ ଅଫିସ ଗୃହ ଉଦ୍‌ଘାଟନ, ସ୍ଥାନ: ବାହାବଳପୁର ରାଜୀବ ଭଜନ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋଚିକୋଇଲି କଲ୍ୟାଣ ମଣ୍ଡପ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ସବ ଉତ୍ତର ଓଡ଼ିଶା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଦୁର୍ଗାପଡ଼ିଆ, ଅର୍ଜୁନବିନ୍ଧା, ତିହିଡ଼ି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରାଜ୍ୟ ଶିଳ୍ପ ମନ୍ତ୍ରୀଙ୍କ ବଡ଼ବିଲ ଗସ୍ତ, ସ୍ଥାନ: ଆଇଟିଆଇ ଓ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା ୪୫।
- ଜଳ ବିଭାଜିକା ମହୋତ୍ସବ, ସ୍ଥାନ: ପାଟଣା ବ୍ଲକ୍ ଚିନାମାଳି ପୋଖି ପଞ୍ଚାୟତ ନୂଆପଡ଼ା ଛକ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ବାଇବାର୍ଥର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ସେଲ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବ୍ରହ୍ମପୁର

- ବିଶ୍ୱ ବ୍ରେଲି ଦିବସ, ସ୍ଥାନ: ଓମ୍ ସାଇ ଗାର୍ଡେନ, ହିଲପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁର ସାହିତ୍ୟ ପରିଷଦର ସମ୍ବର୍ଦ୍ଧନା ସଭା, ସ୍ଥାନ: ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ଗୋଇଲୁଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ମା' ଦଣ୍ଡକାଳୀ ଗଞ୍ଜାମ ଢୋଲିଆ ମହାସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରକାଶମ ହଲ୍, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦୀବ୍ୟଜୀବନ ସଂଘ, ଆଙ୍କୋଲି ଶାଖା, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ଏଡ଼ିୟୁଜେର ବାର୍ଷିକ ବୈଠକ, ସ୍ଥାନ: ମା ବିନିକେୟୀ ଶକ୍ତିପୀଠ, ଆଠମଲ୍ଲିକ, ସମୟ: ପୂର୍ବାହ୍ନ ୧୦ ଟା।

## ଜଗତ୍‌ସିଂହପୁର

- ଆଦିଦେବ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ବିୟୁଟି କଣ୍ଟେଷ୍ଟ, ସ୍ଥାନ: ଶ୍ରମିକ ଭବନ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।
- ବାଦିପାଳା ମହୋତ୍ସବ, ସ୍ଥାନ: ମା'ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଉତ୍କଳ ଜର୍ନାଲିଷ୍ଟ ଆସୋସିଏଶନ ଯାଜପୁର ଶାଖାର ବାର୍ଷିକ ଉତ୍ସବ, ସ୍ଥାନ: ଦାନଗଦି ରୟାଲ ତାଜ୍ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା।
- ଧର୍ମଶାଳା ମହୋତ୍ସବର ୧୧ତମ ସନ୍ଧ୍ୟାରେ ବି. ପ୍ରାକ୍ ବଲିଉଡ୍ ନାଇଟ୍, ସ୍ଥାନ : ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଜିଲା ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ:ଖଣ୍ଡପଡା ଉମାଦେବୀ ମନ୍ଦିର, ସମୟ:ଅପରାହ୍ନ ୧ଟା।

## ରାୟଗଡ଼ା

- ବଂଶଧାରା ବସନ୍ତ ମହୋତ୍ସବର ମେଗା କ୍ରୀଡା ଉତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ଠାକୁରାଣୀ ମନ୍ଦିରରୁ ସେବା ସମାଜ ସମ୍ମୁଖ ଖେଳ ପଡିଆ, ଗୁଣପୁର, ସମୟ: ସକାଳ ୮ଟା।
- ପ୍ରେସ ଆଣ୍ଡ ମିଡିଆ ୱେଲଫେୟାର ଆସୋସିଏଶନର ବନ୍ଧୁମିଳନ ଓ ବୈଠକ, ସ୍ଥାନ: ହାଲୁଆ ଡୋଟା, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଦେଓମାଳୀ ପବ୍ଲିକ ସ୍କୁଲର ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ବେହେରା ଗୁଡ଼ା, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ପୁଷ ପରବ ବାଲିଯାତ୍ରା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାତସମିଳୀ ବାଲିଯାତ୍ରା ମଣ୍ଡପ, ନନ୍ଦପୁର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟିର କୃଷ୍ଣବରଣ କାର୍ଯ୍ୟକ୍ରମ ଓ ପୂଜାର୍ଚ୍ଚନା, ସ୍ଥାନ : ଛତାବର ଗ୍ରାମ, ସମୟ : ସକାଳ ୯ଟା ୩୦।
- ଲୋକ ମହୋତ୍ସବ ସମ୍ବଲପୁର ୨୦୨୬ର ଉଦ୍‌ଘାଟନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା ୩୦।

## ରାଉରକେଲା

- ଏନ୍‌ଆଇଟି ଏଫ୍‌ଟିବିଆଇ ଷ୍ଟାର୍ଟଅପ୍‌ର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୨ ଇଣ୍ଡୋ ଜର୍ମାନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଲୋକନାଟକ ମହୋତ୍ସବ– –୨୦୨୬ର ଉଦ୍‌ଘାଟନୀ ସମାରୋହ ଏବଂ ପ୍ରଥମ ନାଟକ ମଞ୍ଚସ୍ଥ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- କୋଶଲ ଟାଇମର ସନକ୍ଷତ୍ର ସମାରୋହ, ସ୍ଥାନ:ସ୍ୱାମୀ ଶିବାନନ୍ଦ ଆଶ୍ରମ, ବରଗଡ଼,ସମୟ: ସକାଳ ୯ଟା ୩୦।
- ତହସିଲ କାର୍ଯ୍ୟାଳୟ ନୂତନ କୋଠାଘର ନିର୍ମାଣର ଶିଳାନ୍ୟାସ,ସ୍ଥାନ: ନିଶାମଣି ସ୍କୁଲ ପାଖ ପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ତୃତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସୁବର୍ଣ୍ଣ ଧନୁଷ ଯାତ୍ରାକୁ ସ୍ୱାଗତ ସମାରୋହ, ସ୍ଥାନ: ଦେବଗଡ଼ ଗୋପାଳଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ଅଷ୍ଟାଦଶ ମହୁରି ମହୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରାର୍ଥନା ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ସତ୍‌ସଂଗ ବିହାର ନୂଆପଡ଼ା, ସମୟ: ପ୍ରାତଃ ୫ଟା ୪୪।

## ଝାରସୁଗୁଡ଼ା

- ଜିଲା ମହୋତ୍ସବ ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ:ବିଟିଏମ ପଡିଆ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ବହୁତ ଭଲ। ପାରିବାରିକ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରର ବିବାଦ ସମାଧାନ କରି ଆଶ୍ୱସ୍ତି ଲାଭ କରିବେ। ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହେବେ। ଅଧସ୍ତନ କର୍ମଚାରୀ ପ୍ରତିବାଦର ସ୍ୱର ଉଠାଇ ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ବୃଷ** ସାହାଯ୍ୟ, ସହଯୋଗ ଓ ପରୋପକାର ପ୍ରବୃତ୍ତି କାରଣରୁ ଲୋକସମ୍ପର୍କ ବୃଦ୍ଧି ପାଇବ। ବୈଷୟିକ ଅଭିବୃଦ୍ଧି ନୂଆ ନୂଆ କାମ କରିବା ସକାଶେ ଉତ୍ସାହିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରଭୃତି କ୍ଷେତ୍ରରୁ ଲାଭବାନ୍ ହେବେ। ଭୁଲ୍ ବୁଝାମଣା ଓ ଯୁକ୍ତିତର୍କ କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ମିଥୁନ** ଭୂମିପୁତ୍ର ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କିଣାବିକା ଦିଗରେ ଆଲୋଚନା କରିପାରନ୍ତି। ପୂର୍ବର କୌଣସି ବିବାଦୀୟ କଥା ପରିସ୍ଥିତିକୁ ସରଗରମ କରି ଦେଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଗୁରୁ ସହ ଚନ୍ଦ୍ରଙ୍କ ସଂଯୋଗ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରେ।

**କର୍କଟ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ଭଲ ରହିବ। ବଳହୀନ ରବିଙ୍କ ଯୋଗୁ ପିତାଙ୍କ ସହ ମତପାର୍ଥକ୍ୟ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିପାରେ। କେତୁଙ୍କ କୁପ୍ରଭାବରୁ ଧନହାନି ସହ ବନ୍ଧୁଙ୍କ ସହ ବିତର୍କର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ।

**ସିଂହ** ଆଜିର ଯାତ୍ରା ସମୟରେ ବିଜାତୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଦସ୍ଥ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣାରୁ ସୁଯୋଗ ହାତଛଡ଼ା ହୋଇପାରେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପରିବହନରେ ଆଖିଦୃଶିଆ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଲଘୁ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ କାର୍ଯ୍ୟ ହାସଲରେ ସହାୟକ ହେବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିଜନଙ୍କ ସହିତ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଶୁଭଫଳ ପ୍ରଦାନ କରିବ।

**ତୁଳା** କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ସହ ସାମାଜିକ ପ୍ରତିଷ୍ଠା ଲାଭ କରିବେ। ଚେଷ୍ଟା କରୁଥିବା କାମ ପାଇଁ ବିଶେଷ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ପରିବାରରେ ପରସ୍ପର ମନର ଦୁଃଖ ଓ ଅବସୋସକୁ ପ୍ରକାଶ କରି ନ ପାରି ନୀରବ ରହିବାକୁ ବାଧ ହେବେ। ଜିଦ୍‌ଖୋର ପ୍ରବୃତ୍ତି କେତେକ ସମ୍ଭାବ୍ୟ ସମସ୍ୟାକୁ ନିମନ୍ତ୍ରଣ କରିପାରେ।

**ବିଛା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ଅଭ୍ୟର୍ଥନା ମନୋବଳ ବୃଦ୍ଧିରେ ସହାୟକ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହମତି କିମ୍ବା ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ କାରବାରରେ ଲାଭବାନ୍ ହେବେ। ଆଇନ ଅଦାଲତ, କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା କରାଯାଇପାରେ।

**ଧନୁ** ଅବହେଳା କାରଣରୁ ପରିବାର, ପରିବହନ ଏବଂ ସାମାଜିକ ସ୍ଥିତି ହ୍ରାସ ପାଇବ। ମନାନ୍ତରଜନିତ ହ୍ରାସ ପାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବାର ଆଶା ରହିଛି। ନୀଚ ଜାତିର ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଯାତ୍ରା, ଆଲୋଚନା, ନିର୍ମାଣ, ଚୁକ୍ତିପତ୍ର ପ୍ରଭୃତିରେ ଆଂଶିକ ସଫଳତା ମିଳିବ।

**ମକର** ଦୀର୍ଘଦିନ ହେଲା ଯେଉଁ ଅଭିଳାଷ ରଖିଛନ୍ତି ତାହା ଆଜି ପୂରଣ ହୋଇଯିବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିବାରିକ ବନ୍ଧୁମିଳନରୁ ସାମୟିକ ଖୁସି ରହିପାରନ୍ତି।

**କୁମ୍ଭ** ପଦସ୍ଥ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। ଅତ୍ୟଧିକ କର୍ମଜଞ୍ଜାଳ ହେତୁ କଠିନ ଶ୍ରମଜନିତ ମାନସିକ ଚାପ ବୃଦ୍ଧି ପାଇବ। ବ୍ୟବସାୟ , ବାଣିଜ୍ୟ, ପରିବହନ ଏବଂ ଏଜେନ୍‌ସିପ୍ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ପ୍ରିୟ ବନ୍ଧୁଙ୍କର ଅଶାଳୀନ ମନ୍ତବ୍ୟ କିମ୍ବା ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** ଆନୁଷଙ୍ଗିକ ସହଯୋଗ ଲାଭ କରି ପୂର୍ବ ସଂକଳ୍ପିତ କାର୍ଯ୍ୟ ସାଧନ କରିପାରିବେ। ପାରିବାରିକ ସ୍ତରରେ ଶତ୍ରୁତାଜନିତ ବିଭିନ୍ନ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି। ଅସ୍ୱସ୍ତିକର ପରିସ୍ଥିତିରେ ଆତ୍ମୀୟ ଓ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଜାନୁଆରୀ ୪ ତାରିଖ, ବିଶ୍ୱ ବ୍ରେଲ୍ ଦିବସ, ମାଘ କୃଷ୍ଣ ପ୍ରତିପଦା ରବିବାର, ରାଶିନକ୍ଷତ୍ର–ପୁନର୍ବସୁ/ ମିଥୁନ, ଦିବା ଘ.୦୯।୪୩ମି. ଗତେ, କର୍କଟ ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୯ ଗତେ ଘ. ୦୮।୧୯ ମଧ୍ୟେ, ଘ.୦୮।୧୨ ଗତେ ଘ.୦୩।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୫ ଗତେ ଘ.୦୪।୧୬ ମଧ୍ୟେ ରାହୁକାଳ।

## କଳାମୁଗୁନି ଖଣିରେ...

ଏ ସଂକ୍ରାନ୍ତରେ ଓଡ଼ାପଡ଼ା ତହସିଲଦାର ମନୋଜ ମାଝୀ କହିଛନ୍ତି, ଅତିରିକ୍ତ ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ଅଧିକାରୀ ଦୀପକ ଲେଙ୍କା ଓ ପୋଲିସ ସମସ୍ତେ ମିଶି ଘଟଣାସ୍ଥଳ ନିକଟରେ ପହଞ୍ଚିଥିବା ବେଳେ ରାତି ହୋଇଯାଇଥିବାରୁ ଅନ୍ଧାରରେ ମୋବାଇଲ ଲାଇଟ୍ ଲଗାଇ ତଦନ୍ତ କରିବା କଷ୍ଟକର ହୋଇପଡିଛି। ତଥାପି ଯାଞ୍ଚ ଜାରିରଖିଛୁ। ଘଟଣା ସମ୍ପର୍କରେ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଖବରପାଇ ମୋଟଙ୍ଗା ଥାନା ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ରାତି ହୋଇଯିବାରୁ ଛାନଭିନରେ ସମସ୍ୟା ଉପୁଜିଛି। ବର୍ତ୍ତମାନ ସୁଦ୍ଧା ଘଟଣା ସମ୍ପର୍କରେ ତଥ୍ୟ ଅସ୍ପଷ୍ଟ ରହିଛି। ସୂଚନା ମିଳିଲେ ଆମେ ଜଣାଇବୁ। କିଛି ଶ୍ରମିକ ମାଟିତଳେ ଫସିରହିଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନାରୁ ମିଳୁଛି। ସ୍ଥାନୀୟ ଅଞ୍ଚଳରୁ ଖବର ପାଇବା ପରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଏ ସମ୍ପର୍କରେ ତଦନ୍ତ କରିବା ପାଇଁ ଜିଲାପାଳ, ଏସ୍‌ପି ଓ ଉପଜିଲାପାଳଙ୍କୁ କହିଛନ୍ତି। ଓଡ଼ିଶା ମାଇନିଂ ଅଫିସର ଢେଙ୍କାନାଳ ଜିଲା ପକ୍ଷରୁ ଗତ ୮.୯.୨୦୨୫ରେ ପତ୍ର ସଂଖ୍ୟା ନଂ ୧୮୦୮ରେ ଖଣି ଅଧିକାରୀ ସମସ୍ତ କଳାପଥର ଓ ରୋଡ୍‌ମେଟାଲ କ୍ୱାରି ଲିଜ୍‌ଧାରୀଙ୍କୁ ବ୍ଲାଷ୍ଟିଂ ଅନୁମତିପତ୍ର ଦାଖଲ କରି ନ ଥିଲେ ଖଣିରେ ପଥର ଖନନ କାର୍ଯ୍ୟ କରିପାରିବେ ନାହିଁ ବୋଲି ଚିଠି ମାଧ୍ୟମରେ ଜଣାଇଥିଲେ। ଏହିପତ୍ରର ଏକକିତା ନକଲ ଜିଲାପାଳ ଏବଂ ବିଭିନ୍ନ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଉକ୍ତ ପଥର ଖଣିରେ ବ୍ଲାଷ୍ଟିଂ ଅନୁମତିପତ୍ର ପ୍ରଦାନ କରାଯାଇ କାର୍ଯ୍ୟ କରାଯାଉଥିଲା କି ନାହିଁ ତାହା ତଦନ୍ତ ସାପେକ୍ଷ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନ ମେଘ, ମେଘ ନୁହେଁ**
**ଅଦିନ କୁଣିଆ, କୁଣିଆ ନୁହେଁ।**

ସାଧାରଣତଃ ଅକାଳେ ବା ଅଦିନରେ ହେଉଥିବା ମେଘ ସ୍ୱଳ୍ପ ବୃଷ୍ଟି କରି ଛାଡ଼ିଯାଇଥାଏ। ସେହିପରି ଅଦିନରେ ଆସୁଥିବା ଅତିଥି ବା କୁଣିଆ ଅଧିକ ସମୟ ପର୍ଯ୍ୟନ୍ତ ଘରେ ରହି ନ ଥାନ୍ତି ବୋଲି ବିଶ୍ୱାସ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଅନଳ ନଳ**
**ଓଦା କଞ୍ଚା ସବୁ ଜଳ ।**

ନିଆଁ ସବୁକିଛି ପୋଡ଼ିଜାଳି ଦେଇଥାଏ। ନିଆଁ ଯେପରି ଓଦା କଞ୍ଚା କିଛି ମାନି ନ ଥାଏ , ସହିଷ୍ଣୁ ଲୋକଙ୍କ ପକ୍ଷେ କଷ୍ଟ ଏବଂ ସହଜ ମଧ୍ୟରେ ଥିବା ପ୍ରଭେଦର ଗୁରୁତ୍ୱ କିଛି ରହି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

## ଆଦିତ୍ୟ ଆଲୁମିନା ....

ମୌଜାର ୩୪ ପରିବାର ଓ ନୂଆସାହିକୁ ବିସ୍ଥାପିତ ମାନ୍ୟତା ଦେବା, ୨୦୧୩ ଶିଳ୍ପନୀତି ଅନୁସାରେ ଜମିର ବଜାର ଦରର ୪ ଗୁଣା ମୂଲ୍ୟ ମୂଳ ଜମିମାଲିକଙ୍କୁ ଦେବା, ଅଣତାଲିମ କ୍ଷେତ୍ରରେ ୯୦% ଓ ତାଲିମପ୍ରାପ୍ତ କ୍ଷେତ୍ରରେ ୭୫% ଯୁବତୀଯୁବକଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦେବାକୁ ବିସ୍ଥାପିତ ଓ ପ୍ରଭାବିତ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ସ୍ଥାନୀୟ ଠିକାଦାରଙ୍କୁ ୩୦% କାର୍ଯ୍ୟ ଦେବା, ରପ୍ତାନି କାର୍ଯ୍ୟ ବିସ୍ଥାପିତ ଓ ଜମିହରାଙ୍କୁ ଦେବା, ଉଚ୍ଚଶିକ୍ଷା ପାଇଁ ଇଞ୍ଜିନିୟରିଂ କଲେଜ ଓ ଗୁଣାତ୍ମକ ଚିକିତ୍ସା ସେବା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ସ୍ଥାପନ କରିବାକୁ ଦାବି ହୋଇଛି। କାଡ଼ାମପଦର ଗାଁ ଦେଇ କମ୍ପାନୀର ମାଇନିଂ ରାସ୍ତା ଓ ମାଇନିଂ ବେଲ୍ଟ ଯାଉଥିବା କାରଣରୁ ଗ୍ରାମକୁ ସମ୍ପୂର୍ଣ୍ଣ ବିସ୍ଥାପିତ ମାନ୍ୟତା ଦେବା ପାଇଁ ଦାବି କରାଯାଇଛି। ସେହିଭଳି ଆର୍‌ପିଡିଏସିରେ ସ୍ଥାନୀୟ ଅଞ୍ଚଳର ଅଖିଳ ଝୋଡ଼ିଆ, ଗଙ୍ଗାଧର ରାଜ, ରବି ମାଝି ଓ ଲଳିତା ନାଏକଙ୍କୁ ସଦସ୍ୟ କରିବା ସହ କମ୍ପାନୀରେ ଜଣେ ଓଡ଼ିଆ ସିଇଓଙ୍କୁ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବରୁ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କୁ ନିଯୁକ୍ତି ମିଳିଛି। ଆଗାମୀ ଦିନରେ ମଧ୍ୟ ନିଯୁକ୍ତି ଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦିଆଯାଇଛି। ବିସ୍ଥାପିତଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଆଦିତ୍ୟ ଆଲୁମିନା ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ଦୀପକ ମହାନ୍ତି, ସିଏସ୍‌ଆର୍ ଓ ଆର୍‌ଆର୍ ମୁଖ୍ୟ ତନ୍ମୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ରାୟଗଡ଼ା ଉପଜିଲାପାଳ, କମ୍ପାନୀ କର୍ତ୍ତୃପକ୍ଷ ଓ ଜମିହରାମାନେ ଆଲୋଚନା କରୁଛନ୍ତି।

ସୂଚନାଥାଉ କି, କଂସାରିଗୁଡ଼ାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଆଦିତ୍ୟ ଆଲୁମିନା ରିଫାଇନେରି କାରଖାନା ପ୍ରତିଷ୍ଠା ନେଇ ୨୦୦୬ରେ କଂସାରିଗୁଡ଼ା, ପୋଡ଼ାପାଡ଼ି, ପୁହୁଣ୍ଡି, ଆଣ୍ଟୁଗୁଡ଼ା, କାଡ଼ାପଦର ଗ୍ରାମର ଜମି ଅଧିଗ୍ରହଣ ହୋଇଥିଲା। ଜମି ମାଲିକଙ୍କୁ ସେହି ସମୟର ଜମି ମୂଲ୍ୟ ଆଧାରରେ କ୍ଷତିପୂରଣ ଦିଆଯାଇଥିଲା। ୨୦୧୪ ନଭେମ୍ବର ୪ରେ ଅନୁଷ୍ଠିତ ଦ୍ୱିତୀୟ ଆର୍‌ପିଡିଏସି ବୈଠକରେ ତତ୍କାଳୀନ ରାଜସ୍ୱ ଆୟୁକ୍ତ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ ଓ ତତ୍କାଳୀନ ଲକ୍ଷ୍ମୀପୁର ବିଧାୟକ କାର୍ଯ୍ୟ ତ୍ୱରାନ୍ୱିତକରି କାର୍ଯ୍ୟକ୍ଷମ ପାଇଁ ଆଦିତ୍ୟ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ୨୦୨୩ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ୨୦୦୬ ଶିଳ୍ପନୀତି ଏବଂ ୨୦୧୩ ଶିଳ୍ପନୀତି ଅନୁଯାୟୀ ଜମି ଅଧିଗ୍ରହଣର ୫ବର୍ଷ ମଧ୍ୟରେ କମ୍ପାନୀ କାର୍ଯ୍ୟକ୍ଷମ ନ ହେଲେ ଜମିକୁ ମୂଳ ମାଲିକଙ୍କୁ ଫେରାଇ ଦିଆଯିବ ଏବଂ ପୁନଃ ଅଧିଗ୍ରହଣ ହେବା ନିୟମ ରହିଛି। କିନ୍ତୁ କମ୍ପାନୀ ଜମି ଫେରସ୍ତ ପରିବର୍ତ୍ତେ ସେଠାରେ ୨୦୨୩ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଜମି ଦେଇ କାମ ନ ଥିବା ଓ ଆର୍ଥିକ କ୍ଷୟକ୍ଷତିର ଶିକାର କାରଣରୁ କମ୍ପାନୀ କାର୍ଯ୍ୟକ୍ଷମକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ନୂତନ ନିୟମାବଳୀ ଅନୁସାରେ କ୍ଷତିପୂରଣ ଦାବି କରିଥିଲେ। ପୁନଃ ଆର୍‌ପିଡିଏସି ବୈଠକ ପାଇଁ ଦାବି ହେଉଥିଲେ ମଧ୍ୟ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଗତ ଡିସେମ୍ବରରେ କମ୍ପାନୀ ସମ୍ମୁଖରେ ଜମି ଦେଇଥିବା ଲୋକେ ଧାରଣାରେ ବସିଥିଲେ। ସେହି ସମୟରେ ଉପଜିଲାପାଳ ରମେଶ ଚନ୍ଦ୍ର ଜେନା ଏକ ବୈଠକ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଭେନେଜୁଏଲାରେ ଚାଲିବ ...

ରାଜଧାନୀ କାରାକାସ୍ ଉପରେ ଆମେରିକା ସେନା ଶନିବାର ଅତର୍କିତ ଆକ୍ରମଣ କରିଛି। ରାଷ୍ଟ୍ରପତି ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ସାମରିକ ଘାଟିରୁ ଉଠାଇନେଇ ଯୁଦ୍ଧଜାହାଜରେ ନ୍ୟୁୟର୍କକୁ ନେଇଯାଇଛି। ସେଠାରେ ମାଦୁରୋଙ୍କୁ ଆପରାଧିକ ମାମଲା ବିଚାରର ସମ୍ମୁଖୀନ ହେବାକୁ ପଡ଼ିବ। ଆମେରିକା ସେନା ଦ୍ୱାରା ଗିରଫ ହୋଇ ଯୁଦ୍ଧଜାହାଜରେ ବସିଥିବା ମାଦୁରୋଙ୍କ ପ୍ରଥମ ଫଟୋ ଟ୍ରମ୍ପ୍ ଜାରି କରିଛନ୍ତି। ତାଙ୍କ ହାତରେ ହାତକଡ଼ି ପଡ଼ିବା ସହ ଆଖିରେ ପଟି ବନ୍ଧାଯାଇଛି। ୬୩ ବର୍ଷୀୟ ମାଦୁରୋ ହାତରେ ଏକ ପ୍ଲାଷ୍ଟିକ୍ ପାଣି ବୋତଲ ଧରିଥିବା ଦେଖାଯାଇଛି।

ସୂଚନାଯୋଗ୍ୟ, ଜୀବାଶ୍ମ ତୈଳ ସମ୍ପଦରେ ପରିପୂର୍ଣ୍ଣ ଏହି ଦକ୍ଷିଣ ଆମେରିକୀୟ ଦେଶ ଉପରେ ଟ୍ରମ୍ପ୍ ପ୍ରଶାସନ ଗତ କିଛିମାସ ହେଲା ଚାପ ପକାଇ ଆସୁଥିଲା। ନ୍ୟୁୟର୍କର ସଦର୍ନ ଡିଷ୍ଟ୍ରିକ୍ଟ ୨୦୨୦ ମାର୍ଚ୍ଚରେ ମାଦୁରୋଙ୍କ ବିରୋଧରେ ନାର୍କୋ ଟେରୋରିଜମ୍ (ନିଶାଦ୍ରବ୍ୟ ଚୋରାଚାଲାଣ) ଅଭିଯୋଗ ଆଣିଥିଲା। ମାର୍–ଏ–ଲାଗୋରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରମ୍ପ୍ କହିଛନ୍ତି, କ୍ଷମତା ହସ୍ତାନ୍ତର ପର୍ଯ୍ୟନ୍ତ ଆମେରିକା ଭେନେଜୁଏଲାକୁ ନିଜ ଅକ୍ତିଆରରେ ରଖିବାର ଯୋଜନା କରିଛି। ସେଠାରେ ଆମେରିକୀୟମାନଙ୍କ ଉପସ୍ଥିତି ରହିଛି। ସେନାର ଏହି ଅତ୍ୟନ୍ତ ସଫଳ ଅଭିଯାନ ଆମେରିକୀୟ ସାର୍ବଭୌମତ୍ୱ କିମ୍ବା ନାଗରିକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି ଦେଶ ପାଇଁ ଏକ ଚେତାବନୀ ବୋଲି ଟ୍ରମ୍ପ୍ କହିଛନ୍ତି।

ଅନ୍ୟପକ୍ଷରେ ଆମେରିକାର ସାମରିକ ଅଭିଯାନ ଏକ ଆପରାଧିକ ତଥା ସାମ୍ରାଜ୍ୟବାଦୀ ଆକ୍ରମଣ ବୋଲି ଭେନେଜୁଏଲା କହିଛି। ଏହା ବିରୋଧରେ ଜନସାଧାରଣ ରାସ୍ତାକୁ ଓହ୍ଲାଇବାକୁ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। କାରାକାସ୍‌ରେ ମାଦୁରୋଙ୍କ ସମର୍ଥକମାନେ ରାସ୍ତାରେ ବିକ୍ଷୋଭ କରୁଥିବା ଫଟୋ ଭେନେଜୁଏଲା ସରକାରୀ ଟିଭିରେ ପ୍ରସାରିତ ହୋଇଛି। ଭେନେଜୁଏଲାରେ ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ସେଠାରେ ରହିଥିବା ନିଜ ନାଗରିକମାନଙ୍କ ପାଇଁ ଶନିବାର ବିଳମ୍ବିତ ରାତିରେ ଟ୍ରାଭେଲ ଆଡଭାଇଜରି ଜାରି କରିଛନ୍ତି। ଜରୁରୀ ନ ଥିଲେ ଭେନେଜୁଏଲାକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ତେବେ ଭେନେଜୁଏଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଓ ଏହାର ରାଷ୍ଟ୍ରପତିଙ୍କୁ ଗିରଫ କରିବା ସମ୍ପର୍କରେ ନୂଆଦିଲ୍ଲୀ କୌଣସି ମନ୍ତବ୍ୟ ଦେଇନାହିଁ।

ନୂଆବର୍ଷର ତୃତୀୟ ଦିନରେ କାରାକାସ୍ ଉପରେ ଆମେରିକା ଅନ୍ୟୁନ ୭ଟି ବୋମାମାଡ଼ କରିଥିଲା। ଲୋକେ ଭୟରେ ରାସ୍ତାକୁ ପଳାଇ ଆସିଥିଲେ। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ୩୦ ମିନିଟ୍‌ର ଏହି ଆକ୍ରମଣରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଆକ୍ରମଣକୁ ଦୃଷ୍ଟିରେ ରଖି ସଂଘୀୟ ବିମାନ ଚଳାଚଳ ପ୍ରଶାସନ ଭେନେଜୁଏଲାରେ ଆମେରିକାର ବ୍ୟବସାୟିକ ବିମାନ ଚଳାଚଳକୁ ନିଷେଧ କରିଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଭେନେଜୁଏଲା ଡ୍ରଗ୍ ଉତ୍ପାଦନକାରୀମାନେ ବ୍ୟବହାର କରୁଥିବା ଏକ ଡକିଂ ଅଞ୍ଚଳରେ ମିଶାଇଲ୍ ମାଡ଼ ହୋଇଥିଲା। ଏହି ଆକ୍ରମଣ ପଛରେ ସିଆଇଏ (ଆମେରିକାର କେନ୍ଦ୍ରୀୟ ଗୋଇନ୍ଦା ଏଜେନ୍ସି) ଥିଲା। ସେପ୍ଟେମ୍ବରରେ ଆମେରିକା ଆକ୍ରମଣ ଆରମ୍ଭ କରିବା ପରଠାରୁ ଭେନେଜୁଏଲା ମାଟିରେ ଏହା ପ୍ରଥମ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଥିଲା। ଏହା ପୂର୍ବରୁ କିଛି ମାସ ହେଲା ନିଶାଦ୍ରବ୍ୟ ପରିବହନ କରୁଥିବା ବୋଟ୍‌ଗୁଡ଼ିକ ଉପରେ ଆକ୍ରମଣ ଚାଲିଥିବାବେଳେ ଖୁବ୍‌ଶୀଘ୍ର ଭେନେଜୁଏଲା ମାଟିରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେବେ ବୋଲି ଟ୍ରମ୍ପ୍ ଧମକ ଦେଇଥିଲେ। ତେବେ ତାଙ୍କୁ କ୍ଷମତାରୁ ହଟାଇବା ପାଇଁ ଆମେରିକାର ସେନା ଅଭିଯାନ ଏକ ଲୁଚାଛପା ପ୍ରୟାସ ବୋଲି ମାଦୁରୋ ଅଭିଯୋଗ କରିଥିଲେ।

ଭେନେଜୁଏଲା ଉପରେ ଆମେରିକାର ଜୋର୍‌ଦାର ଆକ୍ରମଣ ଏବଂ ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରିନେବା ଘଟଣାକୁ ନେଇ ବିଭିନ୍ନ ଦେଶ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କଲମ୍ବିଆର ବାମପନ୍ଥୀ ରାଷ୍ଟ୍ରପତି ଗୁଷ୍ଟଭୋ ପେଟ୍ରୋ ଜାତିସଂଘର ଜରୁରୀ ବୈଠକ ଡାକିବାକୁ ଆହ୍ୱାନ ଦେଇଛନ୍ତି। ସେ ଭେନେଜୁଏଲା ସୀମାରେ ସେନା ମୁତୟନ କରିଛନ୍ତି। ଆମେରିକା ଓ ଭେନେଜୁଏଲା ମଧ୍ୟରେ ସୃଷ୍ଟ ସଙ୍କଟର ସମାଧାନ ପାଇଁ ସ୍ପେନ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛି। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ରୁଷିଆ ନିନ୍ଦା କରିଛି। ଆକ୍ରମଣ ପଛରେ କୌଣସି ତର୍କସଙ୍ଗତ ଯଥାର୍ଥତା ନାହିଁ। କୂଟନୀତି ଉପରେ ବୈଚାରିକ ଶତ୍ରୁତା ଲଦିଦିଆଯାଇଥିବା ମସ୍କୋ କହିଛି। ଭେନେଜୁଏଲା ଉପରେ ଆକ୍ରମଣକୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କଡ଼ା ନିନ୍ଦା କରିଛି। ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାର ଏହା ଘୋର ଉଲ୍ଲଂଘନ ବୋଲି ଇରାନ କହିଛି।

**ନାବାଳିକା ବଳାତ୍କାର ଅଭିଯୋଗ, ବୃଦ୍ଧ ଅଟକ**

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ସହର କ୍ଷେତରାଜପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାରକରିବା ଅଭିଯୋଗରେ ପୋଲିସ ଜଣେ ୭୦ବର୍ଷୀୟ ବ୍ୟକ୍ତିଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁସାରେ ନାବାଳିକା(୧୬) ଜଣକ ଶନିବାର ସନ୍ଧ୍ୟାରେ ଘରେ ଏକାକୀ ଥିଲେ। ଏହାର ସୁଯୋଗରେ ଘର ନିକଟରେ ରହୁଥିବା ବୃଦ୍ଧ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଉଠାଇନେଇ ପଚରାଉଚରା କରୁଛି

# ବିମାନବନ୍ଦରରୁ ପୁଣି ୮କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର,୩।୧(ତ୍ରିନାଥ ମହାନ୍ତି)

- ବ୍ୟାଙ୍କକରୁ ଜଣେ ଯାତ୍ରୀ ଆଣୁଥିବାବେଳେ ଧରାପଡ଼ିଲେ
- ୫ଦିନରେ ୩ ଗିରଫ ହେଲେଣି



ଭୁବନେଶ୍ୱର ବିମାନବନ୍ଦରରୁ ପୁଣି ବିଦେଶୀ ଗଞ୍ଜେଇ (ମାରିଜୁଆନା) ଜବତ କରାଯାଇଛି। ଜବତ ମାରିଜୁଆନାର ମୂଲ୍ୟ ୮କୋଟି ହେବ ବୋଲି ଅନୁମାନ କରାଯାଉଛି। ଜଣେ ଯାତ୍ରୀଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳ(ଡିଆର୍‌ଆଇ) ଯାଞ୍ଚ କରିଥିଲା। ଯାଞ୍ଚ ପରେ ତାଙ୍କ ଲଗେଜରୁ ୪ଟି ପ୍ୟାକେଟରୁ ୮କେଜିର ମାରିଜୁଆନା ଜବତ କରାଯାଇଥିଲା। ବ୍ୟାଙ୍କକରୁ ଏହି ମାରିଜୁଆନା ଆଣିଥିବା ପଚରାଉଚରା ବେଳେ ଜଣାପଡ଼ିଛି। ସେ ରାଜଧାନୀର କାହାପାଖକୁ ଚାଲାଣ କରୁଥିଲେ ତାହା ଜଣାପଡ଼ି ନାହିଁ। ବିଶେଷକରି ବଡ଼ ବଡ଼ ହୋଟେଲକୁ ଏହି ବିଦେଶୀ ଗଞ୍ଜେଇ ଚାଲାଣ କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି। ହୋଟେଲକୁ ଆସୁଥିବା ବିଦେଶୀ ନାଗରିକ ଏବଂ ଧନୀକ ଶ୍ରେଣୀର ଲୋକ ଏହି ମାରିଜୁଆନାକୁ ନେଇଥାନ୍ତି। ବ୍ୟାଙ୍କକ, ଥାଇଲାଣ୍ଡ ଆଦି ସ୍ଥାନରେ ଏହି ବିଦେଶୀ ଗଞ୍ଜେଇ ମିଳିଥାଏ। ସେଠାରେ ନିଶା ମାଫିଆମାନେ ଏକ ର୍‍ୟାକେଟ୍ କରି ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଅନ୍ୟ ସହରକୁ ପଠାଇଥାନ୍ତି। ଯେଉଁ ବିମାନବନ୍ଦରରେ ଯାଞ୍ଚ ବ୍ୟବସ୍ଥା ଢିଲା ରହିଥାଏ ଉକ୍ତ ସହରକୁ ନିଶା ମାଫିଆମାନେ ଟାର୍ଗେଟ କରିଥାନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ନିଶା ମାଫିଆମାନେ ଟାର୍ଗେଟ କରୁଛନ୍ତି। ସେମାନେ ହ୍ୱାଟ୍ସଆପ୍ ମାଧ୍ୟମରେ ଡିଲ୍ କରିଥାନ୍ତି। ଗଞ୍ଜେଇ ବିମାନରେ ଚାଲାଣ ପାଇଁ ତାଙ୍କୁ ୩୦ପ୍ରତିଶତ ଟଙ୍କା ମିଳିଥାଏ। ବିମାନ ଟିକେଟ ସହ ଅଗ୍ରିମ ଆକାରରେ ଟଙ୍କା ମିଳିବା ପରେ ସେ ଚାଲାଣ କରିଥାନ୍ତି। ବିଶେଷକରି ଚାଲାଣକାରୀ ର୍‍ୟାକେଟର କୌଣସି ବ୍ୟକ୍ତିଙ୍କୁ ଜାଣି ନ ଥାନ୍ତି। ଫୋନ୍‌ରେ ଡିଲ୍ ହେବାପରେ ଅନ୍ୟଜଣେ ବ୍ୟକ୍ତି ଆସି ବିମାନ ବନ୍ଦର ବାହାରୁ ମାରିଜୁଆନା ଦେବା ପରେ ପଳାଇଯାଇଥାନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଏଠାରେ ଥିବା ବ୍ୟକ୍ତି ରିସିଭ୍ କରି ନେଇଥାନ୍ତି। ର୍‍ୟାକେଟ୍‌ରେ ଥିବା ବ୍ୟକ୍ତିମାନେ କେହି କାହାକୁ ଜାଣି ନ ଥାନ୍ତି ବୋଲି ଡିଆର୍‌ଆଇ ତଦନ୍ତରୁ ଜଣାପଡ଼ିଛି। ମାତ୍ର ୫ଦିନରେ ୩ ଥର ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ଗତ ଡିସେମ୍ବର ୩୦ ଏବଂ ୩୧ ତାରିଖରେ ମଧ୍ୟ ବିମାନ ବନ୍ଦରରୁ ମାରିଜୁଆନା ଧରା ହୋଇଥିଲା।

# ଥାନା ସମ୍ମୁଖରେ ଯୁବକଙ୍କୁ ନିର୍ମମ ହତ୍ୟା

ତାଳଚେର,୩।୧ (ମନୋଜ ନନ୍ଦ)

ତାଳଚେର ସଦର ଥାନା ନିକଟରେ ଜଣେ ଯୁବକଙ୍କୁ ବେକକୁ ଏକ ପେଚକସ ଭୁସି ହତ୍ୟା କରାଯାଇଛି। ମୃତକ ହେଲେ ତାଳଚେର ଟାଉନ ଅଞ୍ଚଳର ସନ୍ତୋଷ ମହାପାତ୍ର (୫୦)। ସେ ବିଭିନ୍ନ ମନ୍ଦିରରେ ପୂଜା କରି ପରିବାର ପୋଷଣ କରୁଥିଲେ। ଅଭିଯୁକ୍ତ ଚଗଲା ଅମାନ୍ତଙ୍କୁ ତାଳଚେର ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ପୂର୍ବ ଶତ୍ରୁତା ଓ ଟଙ୍କା ପଇସା କାରବାରକୁ ନେଇ ସନ୍ତୋଷ ଏବଂ ଚଗଲାଙ୍କ ମଧ୍ୟରେ ପୂର୍ବରୁ ଯୁକ୍ତିତର୍କ ହୋଇଥିଲା। ଶନିବାର ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ତାଳଚେର ଥାନା ନିକଟରେ ଯୁକ୍ତିତର୍କ ହୋଇଥିଲା, ଯାହାକୁ ନେଇ ଅଭିଯୁକ୍ତ ଚଗଲା ଏକ ପେଚ୍‌କସ ମାଧ୍ୟମରେ ସନ୍ତୋଷଙ୍କ ବେକକୁ ଭୁସି ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ସନ୍ତୋଷଙ୍କୁ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାରୁ ଜଣାପଡ଼ିଛି, ଅଭିଯୁକ୍ତ ଚଗଲା ତା'ର ଶାଳୀ ବିବାହ ଭୋଜି ରୋଷେଇ ପାଇଁ ସନ୍ତୋଷକୁ ଡାକି ନେଇଥିଲେ। ସନ୍ତୋଷ ଓ ଆଉ ୨ଜଣ ସହଯୋଗୀ ରୋଷେଇ କରିବାକୁ ଯାଇଥିଲେ। ସେହିଦିନ ଚଗଲାର ୭୨୦୦ ଟଙ୍କା ଚୋରି ହୋଇଥିଲା। ଏହି ଟଙ୍କା ସନ୍ତୋଷ ନେଇଥିବା ଚଗଲା ଅଭିଯୋଗ କରିବା ସହିତ ୭୨୦୦ ଟଙ୍କା ମାଗିଥିଲେ। ଭୋଜି ରୋଷେଇ ବାବଦ ଅର୍ଥ ମଧ୍ୟ ଦେଇ ନ ଥିଲେ। ତେବେ ସନ୍ତୋଷଙ୍କୁ ଭୋଜି ରୋଷେଇ କରିବାକୁ ଡାକି ନେଇ ଚଗଲା ତାଙ୍କ ପଇସା ଦେଇ ନ ଥିବା ବେଳେ ମାଗିବାରୁ ସେ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି।

# ହୋଟେଲରେ ଜୁଆଖେଳ, ୧୦ ଗିରଫ

- ଟଏଲେଟ୍ ଫ୍ଲସ୍‌ରୁ ୮ଲକ୍ଷ ୧୪ଶହ ଟଙ୍କା ଉଦ୍ଧାର
- ୨ ବାଇକ୍ ଜବତ କଲା ପୋଲିସ

ସମ୍ବଲପୁର,୩।୧(ପ୍ରମୋଦ ବହିଦାର)



ଶୌଚାଳୟ ଫ୍ଲସ୍‌ରୁ ଜବତ ଓଦା ଟଙ୍କାକୁ ଶୁଖାଯାଉଛି।

ସମ୍ବଲପୁର ଭିଏସ୍‌ଏସ୍ ମାର୍ଗସ୍ଥିତ ହୋଟେଲ ଉପହାର ପ୍ୟାଲେସରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପ୍ରାୟ ୮ ଲକ୍ଷ ୧୪ ଶହ ଟଙ୍କା ଜବତ ହୋଇଛି। ଏହାସହ ୨ଟି ବାଇକ୍ ଏବଂ ୭ଟି ମୋବାଇଲ୍‌କୁ ଧନୁପାଲି ଥାନା ପୋଲିସ ଜବତ କରିଛି। ଏଥିସହ ଉକ୍ତ ହୋଟେଲର ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ହୋଟେଲ ମ୍ୟାନେଜର ଫେରାର ହୋଇଯାଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଶନିବାର ପଶ୍ଚିମ ଓଡ଼ିଶାର ଅନ୍ୟତମ ଗଣପର୍ବ ପୁଷ୍ପୁନୀ(ପୌଷ ପୂର୍ଣ୍ଣିମା) ଅବସରରେ ହୋଟେଲ୍ ଉପହାର ପ୍ୟାଲେସ୍‌ର ରୁମ୍ ନମ୍ବର ୧୦୫ରେ ଜୁଆଖେଳ ଚାଲିଥିଲା। ଖବର ପାଇ ଧନୁପାଲି ଥାନା ପୋଲିସ ଅପରାହ୍ନରେ ଉକ୍ତ ହୋଟେଲ୍‌ରେ ଅତର୍କିତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଜୁଆ ଖେଳରେ ସମ୍ପୃକ୍ତ ବ୍ୟକ୍ତିମାନେ ରୁମ୍‌ରେ ଥିବା ଶୌଚାଳୟ ଫ୍ଲସ୍‌ରେ ଖେଳରେ ବ୍ୟବହୃତ ଟଙ୍କାକୁ ଲୁଚାଇ ଦେଇଥିଲେ। ଅପରପକ୍ଷରେ ପୋଲିସ ଉକ୍ତ ରୁମ୍‌ରେ ତନ୍ନତନ୍ନ କରି ଯାଞ୍ଚ ବେଳେ ଶୌଚାଳୟ ଫ୍ଲସ୍‌ରେ ଲୁକ୍କାୟିତ ଅବସ୍ଥାରେ ଥିବା ଲକ୍ଷାଧିକ ଟଙ୍କାକୁ ଜବତ କରିଥିଲା। ପୋଲିସ ଅଟକ ବ୍ୟକ୍ତିମାନଙ୍କୁ ପଚରାଉଚରା କରୁଛି। ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ହୋଟେଲ ମାଲିକ ଗୋପକୃଷ୍ଣ ସାମନ୍ତରାୟ କହିଛନ୍ତି, ତାଙ୍କ ହୋଟେଲ୍ ରୁମ୍‌ରେ ଜୁଆଖେଳ ଚାଲିଥିବା ନେଇ ସେ ଆଦୌ ଜାଣି ନ ଥିଲେ। ୩ ଜଣ ବ୍ୟକ୍ତି ଆସି ଏଠାରେ ରୁମ ବୁକ୍ କରିଥିଲେ। ଏପରିକି ରୁମ୍ ସର୍ଭିସ୍ ଜରିଆରେ ଖାଇବା ଅର୍ଡର ମଧ୍ୟ କରିଥିଲେ। ତେବେ ସେହି ରୁମକୁ ୯ ଜଣ କିଭଳି ଆସିଲେ ସେ ସମ୍ପର୍କରେ ମଧ୍ୟ ସେ ଆଦୌ ଜାଣିନାହାନ୍ତି ବୋଲି କହିଛନ୍ତି ।

ଏସ୍‌ଡିପିଓ ତୋଫାନ ବାଗ୍ କହିଛନ୍ତି, ଶୌଚାଳୟ ଫ୍ଲସରୁ ଜବତ ଟଙ୍କାସବୁ ଓଦା ହୋଇ ଯାଇଥିଲା। ସେଗୁଡ଼ିକୁ ଗଣତି ପରେ ତାହା ୮ ଲକ୍ଷ ୧୪ ଶହ ଟଙ୍କା ବୋଲି ଜଣାପଡ଼ିଥିବା ସେ କହିଛନ୍ତି। ସେହିପରି ଜୁଆଖେଳରେ ହୋଟେଲ ମାଲିକଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ବାଗ୍ କହିଛନ୍ତି। ଧନୁପାଲି ଥାନା ଆଇଆଇସି ଆଦିତ୍ୟ ମହାକୁଡ଼ଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ହୋଟେଲ୍‌ରେ ଚଢ଼ାଉ କରିଥିଲା।

# ବ୍ରାଉନସୁଗାର କାରବାରରେ ଆଇନ ଛାତ୍ର

ଭୁବନେଶ୍ୱର,୩।୧(ତ୍ରିନାଥ ମହାନ୍ତି)

- ବିମାନ ବନ୍ଦର ଅଞ୍ଚଳରୁ ୨୬୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ
- ପାସ୍‌ଆଉଟ୍ ଆଇନ ଛାତ୍ରଙ୍କ ସମେତ ୩ ଗିରଫ

ବ୍ରାଉନସୁଗାର କାରବାରରେ ଏବେ ଶିକ୍ଷିତ ଯୁବକମାନେ ସାମିଲ ହେଉଛନ୍ତି। ସେମାନେ ବ୍ରାଉନସୁଗାର ନେଇ ଛାତ୍ରମାନଙ୍କୁ ବିକ୍ରି କରୁଛନ୍ତି। ଶନିବାର ନୂଆ ଫରେଷ୍ଟ ପାର୍କ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଜଣେ ପାସ୍‌ଆଉଟ୍ ଆଇନ ଛାତ୍ରଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୨୬୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବ।

ଗିରଫ ଯୁବକମାନେ ହେଲେ ଆଇନ ଛାତ୍ର ସନ୍ତୋଷ କୁମାର ନାୟକ, ଦେବୀ ପ୍ରସାଦ ଦାଶ ଏବଂ ସୁକାନ୍ତ ନାୟକ। ଦେବୀ ପ୍ରସାଦଙ୍କ ବାପା ଜଣେ ଏ' କ୍ଲାସ୍ କଣ୍ଟ୍ରାକ୍ଟର। ସୁକାନ୍ତ ଜଣେ ପେସାଦାର ଡ୍ରଗ୍ସ ବେପାରୀ। ସେ ଖୋର୍ଦ୍ଧାରୁ ଡ୍ରଗ୍ସ ଆଣି ଦେବୀ ଏବଂ ସନ୍ତୋଷଙ୍କୁ ବିକ୍ରି କରିବା ପାଇଁ ଦିଅନ୍ତି। ସନ୍ତୋଷ ଯାଆଁଳା ଆଉଟ୍‌ପୋଷ୍ଟ ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥାଇ ୬ମାସ ହେବ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ବ୍ରାଉନସୁଗାର କାରବାର କରୁଥିଲେ। ବ୍ରାଉନସୁଗାର ବିକ୍ରି ପାଇଁ ସେମାନେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିଛନ୍ତି। ଯେଉଁମାନେ ତାଙ୍କଠାରୁ ବ୍ରାଉନସୁଗାର କିଣି ନେଉଛନ୍ତି ସେମାନଙ୍କୁ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡୁଥିଲେ। ଯାହାର ବ୍ରାଉନସୁଗାର ଦରକାର ହୁଏ, ସେମାନେ ଏହି ଗ୍ରୁପ୍‌ରେ ଜଣାଉଥିଲେ।






# ୧୮୦ ଗ୍ରାମ୍ ବ୍ରାଉନସୁଗାର ଜବତ

ନୀଳଗିରି, ୩।୧(ପ୍ରଶାନ୍ତ ବିଶ୍ୱାଳ)

**ଗ୍ରାହକ ସାଜି ମାଡ଼ିବସିଲେ ଅଧିକାରୀ, ୨ ଗିରଫ**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଚୋରାମଦ କାରବାରଠାରୁ ଆରମ୍ଭ କରି ବ୍ରାଉନସୁଗାର କାରବାର ଦିନକୁ ଦିନ ବଢିବାରେ ଲାଗିଛି। ଶନିବାର ନୀଳଗିରି ଅବକାରୀ ବିଭାଗର ୨ ଅଧିକାରୀ ଗ୍ରାହକ ସାଜି ବ୍ରାଉନସୁଗାର ବେପାରୀଙ୍କୁ କାବୁକରିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କଠାରୁ ୧୮୦ ଗ୍ରାମ୍ ଓଜନର ବ୍ରାଉନସୁଗାର୍, ଗୋଟିଏ ସ୍କୁଟି ଜବତ କରାଯାଇଛି।

ସୂଚନା ଅନୁଯାୟୀ ନୀଳଗିରି ଅବକାରୀ ବିଭାଗ ଇନ୍ସପେକ୍ଟର କେଶବଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଔପଦା କଲେଜଛକ ନିକଟରେ ଚଢାଉ କରିଥିଲେ। ଅବକାରୀ ଅଧିକାରୀମାନେ ଗ୍ରାହକ ସାଜି ଅଭିଯୁକ୍ତଙ୍କ ସହ ଜିନିଷ କିଣିବା ପାଇଁ ବାହାନା କରିଥିଲେ। ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୮୦ ଗ୍ରାମର ଓଜନର ବ୍ରାଉନସୁଗାର୍ ସହ ଏକ ଓଲା ବ୍ୟାଟେରୀ ଗାଡ଼ି ନମ୍ବର (ଓଡ଼ି୦୧ଏୟୁ -୦୨୪୨) ଜବତ କରିଥିଲେ। ଏନେଇ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୨୬୯/୨୫-୨୬) ରୁଜୁ କରି ୨ ଅଭିଯୁକ୍ତ ଔପଦା ଅଞ୍ଚଳର ରାଜୀବ ପାତ୍ର ଓ ଶୁଭମ ଦଲେଇଙ୍କୁ କୋର୍ଟଚାଲଣ କରାଯାଇଛି। ଚଢ଼ାଉରେ ନୀଳଗିରି ଅବକାରୀ ଅଧିକାରୀ ମନୋଜ କୁମାର ସାହୁ, କନଷ୍ଟେବଲ ତପନ ମଲ୍ଲିକ, ସନ୍ତୋଷ କୁମାର ବେହେରା ଓ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ଥିଲେ।

# କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

କୁଆଁରମୁଣ୍ଡା,୩।୧(ମହେନ୍ଦ୍ର କୁମାର ସାହୁ)

**ଅଭିଯୁକ୍ତ ପୁଅ ଗିରଫ**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବାରାବାଂଶ ହାଦ୍ରାଟୋଲିରେ ଶୁକ୍ରବାର ରାତି ପ୍ରାୟ ୯ଟାରେ କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା କରିଛନ୍ତି ପୁଅ। ଏହି ଘଟଣାରେ ବୀରମିତ୍ରପୁର ପୋଲିସ ଶନିବାର ଅଭିଯୁକ୍ତ ପୁଅ ସ୍ୱରାଜ କୁଜୁର(୨୮)ଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ନଂ. ୬/୨୬ ରୁଜୁ ହୋଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି। ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ମଦ୍ୟପାନକୁ କେନ୍ଦ୍ରକରି ସମରା କୁଜୁର(୫୫)ଙ୍କ ସହ ସ୍ୱରାଜଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କାଠଫାଳିଆରେ ପିଟି ସେ ବାପାଙ୍କୁ ହତ୍ୟା କରିଥିବା ଥାନାରେ ସ୍ୱୀକାର କରିଥିବା ଆଇଆଇସି ନାଗ ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ରାସ୍ତାରେ ଯୁବକଙ୍କ ଗଳା କାଟି ଦେଲେ

ମଥୁରାନଗରୀ,୩।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସହର ଉତ୍ସବମୁଖର ଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ନିକଟସ୍ଥ ଘୁଲିପାଲି ରାସ୍ତାରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ. ୧୮ ବାନ୍ଧୁଟିକ୍ରାର ଚନ୍ଦନ ରାଉତ(୨୫)। ଶନିବାର ସକାଳୁ ବରଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ଅନ୍ୟପଟେ ଏହି ଘଟଣାରେ ପୋଲିସ ଏକ କାର ଜବତ କରିବା ସହ ୩ ସନ୍ଦିଗ୍ଧଙ୍କୁ ଟାଉନ ଥାନାକୁ ଆଣି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଅନ୍ୟ ଦିନ ଭଳି ଶୁକ୍ରବାର ଚନ୍ଦନ ଧନୁଯାତ୍ରା ମହୋତ୍ସବ ଦେଖିବା ପାଇଁ ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ଚନ୍ଦନଙ୍କୁ ହତ୍ୟା କରି ମୃତଦେହକୁ ରାସ୍ତା ଉପରେ ପକାଇ ଦୁର୍ବୃତ୍ତମାନେ ଖସି ପଳାଇଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ଖବର ପାଇ ମୃତକଙ୍କ ବାପା ଶରତ ରାଉତ ଏବଂ ପଡ଼ୋଶୀ ରାତାରାତି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଚନ୍ଦନଙ୍କ ଗଳା କାଟି ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ ବୋଲି ମୃତକଙ୍କ ବାପା କହିଛନ୍ତି। ଖବର ପାଇ ପୋଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଥିଲେ।

# ଦାଦାବଟି ନ ଦେବାରୁ ବାର୍‌ରେ ଭଙ୍ଗାରୁଜା, ୪ ଗିରଫ

ଭୁବନେଶ୍ୱର,୩।୧(ତ୍ରିନାଥ ମହାନ୍ତି)

ମଦ ପିଇ ବାର୍ କର୍ମଚାରୀଙ୍କୁ ବଟି ମାଗିଲେ। ବଟି ନ ଦେବାରୁ ଭଙ୍ଗାରୁଜା କରିବା ସହ ବାର୍‌ରେ ଗୀତ ଗାଉଥିବା ଯୁବତୀଙ୍କୁ ମଧ୍ୟ ଅସଦାଚରଣ କଲେ। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ପରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ଶିଅଳ, ଦେବୀପ୍ରସାଦ ବାରିକ, ପ୍ରିୟବ୍ରତ ଖଟୁଆ ଏବଂ ଆଶୁତୋଷ ମହାନ୍ତି।

ଗୁରୁବାର ରାତି ପ୍ରାୟ ୧୦ଟା୪୫ମିନିଟରେ ପୂର୍ଣ୍ଣଚନ୍ଦ୍ର, ଦେବୀପ୍ରସାଦ, ପ୍ରିୟବ୍ରତ, ଯୁବରାଜ ଖଟୁଆ, ପପୁ ରାଉତରାୟ ଏବଂ ଆଶୁତୋଷ ନିଶାଗ୍ରସ୍ତ ଅବସ୍ଥାରେ ରସୁଲଗଡ଼ସ୍ଥିତ ଏକ ବାର୍‌ରେ ପଶି ସ୍ଥାନୀୟ ବଟି ଆକାରରେ ଟଙ୍କା ଦାବି କରିଥିଲେ। ଏହାକୁ ବାରଣ କରିବାରୁ ସେମାନେ ବାର୍‌ର କର୍ମଚାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକ୍ ଦେଇଥିଲେ। ଏପରି କି ବାର୍‌ର ବିଭିନ୍ନ ଆସବାବପତ୍ର ଭଙ୍ଗାରୁଜା କରିବା ସହ ସଙ୍ଗୀତ ପରିବେଶଣ କରୁଥିବା ମହିଳା ଗାୟିକାଙ୍କୁ ଦୁର୍ବ୍ୟବହାର କରିଥିଲେ। ପୋଲିସ ବାର୍‌ରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ବ୍ରାଉନସୁଗାର ବେପାରୀଙ୍କୁ ୨୦ବର୍ଷ ଜେଲ

ଭୁବନେଶ୍ୱର,୩।୧(ତ୍ରିନାଥ ମହାନ୍ତି)

ଏକ ଏନ୍‌ଡିପିଏସ୍ ମାମଲାର ଶୁଣାଣି କରି ଭୁବନେଶ୍ୱର ଅତିରିକ୍ତ ସେସନ୍ସ କୋର୍ଟ-୩ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଜେଲଦଣ୍ଡ ପାଇଥିବା ଅଭିଯୁକ୍ତ ହେଲେ ଏସ୍.କେ. ହସିମ୍ ବକ୍ସ। ୧୦ଜଣ ସାକ୍ଷୀ ଓ ୪୨ଟି ଡକ୍ୟୁମେଣ୍ଟ ଆଧାରରେ ବିଚାରପତି ୨୦ବର୍ଷ ଜେଲଦଣ୍ଡ ଦେବା ସହ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଆହୁରି ୨ବର୍ଷ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୨୦୨୦ ଅକ୍ଟୋବର ୩୦ରେ ହସିମ୍ ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଓହ୍ଲାଇଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଚଢ଼ାଉ କରି ଏସ୍‌କେ ହସିମ୍‌ଙ୍କୁ କାବୁ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ୧୧୭୭ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଥିଲା। ଏସ୍‌ଟିଏଫ୍ ଜବତ ଏହାକୁ ରାଜ୍ୟ ଫୋରେନ୍‌ସିକ ଲ୍ୟାବ୍‌କୁ ପରୀକ୍ଷା ପାଇଁ ପଠାଇଥିଲା। ସେଠାରୁ ଡ୍ରଗ୍ସ ରିପୋର୍ଟ ଆସିବା ପରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। କୋର୍ଟ ଚାର୍ଜଫ୍ରେମ୍ କରିବା ପରେ ମାମଲାର ଶୁଣାଣି କରିଥିଲେ।

# 'ଆମ ବସ୍' ଧକ୍କାରେ ଚାପିହୋଇଗଲେ ଅଟୋ ଡ୍ରାଇଭର

ଭୁବନେଶ୍ୱର,୩।୧(ତ୍ରିନାଥ ମହାନ୍ତି)

**ଘଟଣାସ୍ଥଳରେ ଡ୍ରାଇଭର ମୃତ, ୨ଗୁରୁତର**

- ଗୋଟିଏ ଦିନରେ ରୂପାଲୀ ଛକରେ ୨ ଦୁର୍ଘଟଣା
- ମୃତକଙ୍କ ପରିବାରକୁ ୨ଲକ୍ଷ କ୍ଷତିପୂରଣ ଦେଲା କ୍ରୁଟ୍
- ଶହୀଦନଗର ଦେଇ ବନ୍ଦ ରହିଥିଲା ଆମ ବସ୍ ଚଳାଚଳ




ରାଜଧାନୀରେ ଗଡୁଥିବା 'ଆମ ବସ୍' ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଶନିବାର ରାଜଧାନୀର ରୂପାଲି ଛକରେ ୨ଟି ଦୁର୍ଘଟଣା ଘଟିଛି। ସକାଳେ ରୂପାଲି ଛକରେ ଆମ ବସ୍ ଧକ୍କାରେ ଜଣଙ୍କ ଜୀବନ ଯାଇଛି। ଟ୍ରାଫିକ୍ ସିଗ୍‌ନାଲରେ ଛିଡ଼ା ହୋଇଥିବା ଏକ ଅଟୋକୁ ପଛରୁ ଆମ ବସ୍ ଧକ୍କା ଦେଇଥିଲା। ଫଳରେ ଆଗରେ ଛିଡ଼ାହୋଇଥିବା ସ୍କୁଲ ବସ୍ ପଛରେ ଅଟୋଟି ଚାପିହୋଇଯାଇଥିଲା। ଘଟଣାସ୍ଥଳରେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତ ଅଟୋ ଡ୍ରାଇଭର ହେଲେ ଯାଜପୁର ଜିଲା ବିଞ୍ଝାରପୁରର ବିଷ୍ଣୁଚରଣ ପାତ୍ର। ଅନୁଗୋଳର ଛାତ୍ରୀ ନମିତା ପ୍ରଧାନ ଏବଂ ରମଣି ନାୟକ ଗୁରୁତର ଆହତ ହୋଇଥିଲେ। ନମିତାଙ୍କ ମୁଣ୍ଡ ମାଡ଼ ହୋଇଥିବାରୁ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ରମଣି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଗାଡ଼ି ଚାବି ନେଇ ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ଫେରାର ଡ୍ରାଇଭର ସୁଚିତ୍ର କୁମାର ସାହୁଙ୍କୁ ଗିରଫ କରାଯାଇଥିଲା। ଦୁର୍ଘଟଣା ପରେ ରୂପାଲି ଛକରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ସହ କ୍ରୁଟ୍ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ଖବରପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ପରେ ଅପରାହ୍ନ ସାଢେ ୪ଟା ସମୟରେ ସେହି ରୂପାଲି ଛକରେ ଆଉ ଏକ ' ଆମ ବସ' ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ଆହତ ରାକେଶଙ୍କୁ ତୁରନ୍ତ ହସ୍ପିଟାଲକୁ ପଠାଯାଇଥିଲା। ସକାଳେ ଦୁର୍ଘଟଣା ଘଟାଇ ଜଣଙ୍କ ଜୀବନ ନେଇଥିବାରୁ ଲୋକେ ପୁଣି ତାତିଥିଲେ। 'ଆମ ବସ୍'ରୁ ଡ୍ରାଇଭରଙ୍କୁ ଘୋଷାଡ଼ି ଆଣି ତଳେ ପକାଇ ପିଟିଥିଲେ। ଠିକ୍ ସମୟରେ ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ପୋଲିସ ୨ଟି ଦୁର୍ଘଟଣା ମାମଲା ରୁଜୁ କରି 'ଆମ ବସ୍' ଦୁଇଟିକୁ ଅଟକ ରଖି ତଦନ୍ତ କରୁଛି। ଅପରାହ୍ନରେ ଏକ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିବାବେଳେ ସକାଳେ ୩ ଘଣ୍ଟା ରାସ୍ତାରୋକୋ କରାଯାଇଥିଲ। ଫଳରେ ରାମ ମନ୍ଦିର ପର୍ଯ୍ୟନ୍ତ ବହୁ ଗାଡ଼ି ଅଟକି ରହିଥିଲା। ବଡ଼ କଥାହେଲା ଲୋକ ଉତ୍ତେଜିତ ଥିବାରୁ ରାତି ପର୍ଯ୍ୟନ୍ତ 'ଶହୀଦନଗର ଦେଇ କୌଣସି ଆମ ବସ୍ ଯାତାୟାତ କରି ନ ଥିଲା। ଏହି ଦୁର୍ଘଟଣା ପରେ କ୍ରୁଟ୍ ପକ୍ଷରୁ ମୃତକଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଥିବାବେଳେ ଆହତଙ୍କୁ ୫୦ହଜାର ଦେବାକୁ ଘୋଷଣା କରିଛି। କ୍ରୁଟ୍ ପକ୍ଷରୁ କୁହାଯାଇଛି ଯେ, ୫ ବର୍ଷର ଡ୍ରାଇଭିଂ ଅଭିଜ୍ଞତା ଏବଂ ଟ୍ରେନିଂ ଦିଆଯାଇ ଗାଡ଼ି ଚଳାଇବାକୁ ଦିଆଯାଉଛି। ତେଣୁ ଏଭଳି ଦୁର୍ଘଟଣା ଯେପରି ଭବିଷ୍ୟତରେ ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, ଶନିବାର ସକାଳ ସାଢେ ୧୦ ସମୟରେ ରୂପାଲି ଛକ ଦେଇ ୩୨ ନମ୍ବର ରୁଟ୍‌ରେ ଯାଉଥିଲା ଆମ ବସ୍ । ଏହି ବସ୍ ଲିଙ୍ଗରାଜରୁ ବରମୁଣ୍ଡା ଯାଉଥିଲା। ରୂପାଲି ଛକରେ ସିଗ୍‌ନାଲ ବନ୍ଦ ହେବା ପରେ ଏକ ସ୍କୁଲ ବସ୍ ପଛ ଅଟକି ରହିଥିଲା। ଏହା ପଛକୁ ଅଟୋଟି ଆସି ରହିଥିଲା। ହେଲେ ଦ୍ରୁତଗତିରେ ଆସୁଥିବା ଆମ ବସ୍ ପଛରୁ ଅଟାକୁ ଧକ୍କା ଦେଇଥିଲା। ଅଟୋଟି ସ୍କୁଲ ବସ୍ ପଛରେ ଚାପିହୋଇ ଚୂରମାର ହୋଇଯାଇଥିଲା। ଫଳରେ ଅଟୋରେ ବସିଥିବା ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅଟୋ ପଛରେ ବସିଥିବା ୨ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ।

୨୦୧୯ରେ ଟ୍ୱିନ୍‌ସିଟି ବାସିନ୍ଦାଙ୍କ ଗମନାଗମନ ପାଇଁ ରାଜ୍ୟ ସରକାର ମୋ ବସ୍ ସେବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଆମ ବସ୍ ସେବା ନାମରେ ପରିବର୍ତ୍ତନ ହୋଇଛି। ସହର ମଧ୍ୟରେ ମୋ ବସ୍‌ର ବେଗ ଘଣ୍ଟା ପ୍ରତି ସର୍ବାଧିକ ୪୦ କି.ମି. ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଅନେକ ସମୟରେ ରାଜଧାନୀରେ ଗଡୁଥିବା ଏହି ବସ୍‌କୁ ଡ୍ରାଇଭରମାନେ ଦ୍ରୁତଗତିରେ ଚଳାଉଛନ୍ତି। ଫଳରେ ଅନେକଥର ଦୁର୍ଘଟଣା ଖବର ସାମ୍ନାକୁ ଆସୁଛି। ଗତ ୩ ବର୍ଷରେ ଆମ ବସ୍ ଧକ୍କାରେ ୩୨ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା' ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। –ଶ୍ରୀମା



# ଦୁଇ ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା



ଆକାର ପଟେଲ

୨୦୨୬ରେ ଆମ ଯୁଗର ଦୁଇ ବୃହତ୍ ଶକ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ୧୯୧୮ରେ ପ୍ରଥମ ବିଶ୍ୱଯୁଦ୍ଧର ଶେଷଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମେରିକା ବିଶ୍ୱବ୍ୟାପୀ ପ୍ରାଧାନ୍ୟ ବିସ୍ତାର କରିଆସିଛି। ଏହି ପ୍ରାଧାନ୍ୟ ଏବେ ଶେଷ ହେବାକୁ ଯାଉଥିବା ମନେ ହେଉଛି। ୨୦୦୦ରେ ଆମେରିକା ବିଶ୍ୱ ବାଣିଜ୍ୟ ଉପରେ ରାଜତ୍ୱ କରିଥିଲା। ହେଲେ ଏବେ ଚାଇନା ୧୫୦ରୁ ଅଧିକ ଦେଶ ସହ ବାଣିଜ୍ୟିକ ଅଂଶୀଦାର ହୋଇଛି। ହେଲେ ନୂତନ ଭାରତ ବେଜିଂ ସହିତ ସମ୍ପର୍କ ସ୍ଥାପନ କରିବାକୁ ଅନିଚ୍ଛୁକ; କିନ୍ତୁ ଅନ୍ୟ ଦେଶ ତୁଳନାରେ ଅଧିକ ଆମଦାନୀ କରିବାକୁ ବାଧ୍ୟ ହେଉଛି। ବୈଶ୍ୱିକ ବାଣିଜ୍ୟ ଯୁଦ୍ଧରେ ବିଜୟୀ ହେବା ଚାଇନା ପାଇଁ ଲାଭଦାୟକ ହୋଇଛି ଏବଂ ୨୫ ବର୍ଷ ପୂର୍ବେ ଆମେରିକା ଏହି ସ୍ତରରେ ପହଞ୍ଚିପାରି ନ ଥିଲା। ଟ୍ରେଡ୍ ସର୍ପଲସ(ଆମଦାନୀ ସାମଗ୍ରୀ ମୂଲ୍ୟଠାରୁ ରପ୍ତାନି ମୂଲ୍ୟ ଅଧିକ ରହେ)ରେ ଚାଇନା ପ୍ରତିଦିନ ୩ ବିଲିୟନ ଡଲାର ପାଉଛି, ଯାହା ଆଶ୍ଚର୍ଯ୍ୟଜନକ। ୨୦୨୫ ପାଇଁ ଏହା ୧.୧ ଟ୍ରିଲିୟନ ଡଲାର ହୋଇଛି। ସେହି ଗତିବିଧି ଜାରି ରହିଲେ ଚଳିତ ବର୍ଷ ଏହା ବୃଦ୍ଧି ପାଇବ। ୨୦୨୦ରେ ଚାଇନା ୧୦ ଲକ୍ଷ କାର ରପ୍ତାନି କରିଥିଲା ଏବଂ ତା'ପର ପାଞ୍ଚ ବର୍ଷରେ ଏହି ସଂଖ୍ୟା ୭୦ ଲକ୍ଷରେ ପହଞ୍ଚିଛି। ଏହି କାରଗୁଡ଼ିକ ଉନ୍ନତ ଏବଂ ଶସ୍ତା ହେଉଥିବାରୁ ବିଶ୍ୱ ସ୍ତରରେ ଆହୁରି ଅଧିକ ଗ୍ରହଣୀୟ ହେଉଛି। ଅକ୍ଷୟଶକ୍ତି, ସୌର ଏବଂ ପବନ ଶକ୍ତି ଉତ୍ପାଦନ କରୁଥିବା ଉପକରଣ ତିଆରି କରିବାରେ ଚାଇନା ସବୁଠୁ ଆଗରେ ରହିଛି। ବିଶ୍ୱର ପ୍ରାୟ ୭୦% ବୈଦ୍ୟୁତିକ ଯାନର ବ୍ୟାଟେରି ଚାଇନାରେ ତିଆରି ହୁଏ। ଏହା ବିଶ୍ୱର ଅଧା କିମ୍ବା ତା'ଠାରୁ ଅଧିକ ଇସ୍ପାତ, ଆଲୁମିନିୟମ ଏବଂ ସିମେଣ୍ଟ ପ୍ରସ୍ତୁତ କରେ। ବିଶ୍ୱରେ ବ୍ୟବହୃତ ପ୍ରାୟ ତିନି ଚତୁର୍ଥାଂଶ ଡ୍ରୋନ ଚାଇନାର। ବିଶ୍ୱର ଅଧାରୁ ଅଧିକ ଜାହାଜ ଚାଇନା ନିର୍ମିତ। ବିଶେଷକରି ଏଲ୍ଏନ୍‌ଜି ଟ୍ୟାଙ୍କର୍, କ୍ରୁଜ ଓ ବଡ଼ ସାମରିକ ଜାହାଜ ଏବଂ ସାମଗ୍ରୀ ବହନ କରୁଥିବା କଣ୍ଟେନର ଜାହାଜ ବର୍ତ୍ତମାନ ଚାଇନାରେ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଶାସନରେ, ଆମେରିକା ଟାରିଫ୍ ଲଗାଇ ବିଶ୍ୱକୁ ଦେଇଥିବା ଧମକକୁ ଚାଇନା ପ୍ରତିରୋଧ କରି ସଫଳ ହୋଇଥିଲାବେଳେ ନୂତନ ଭାରତ ସମେତ ଅଧିକାଂଶ ଦେଶ ଟ୍ରମ୍ପଙ୍କ କଥା ଅନୁସାରେ ଶୁଳ୍କ ଦେଇଛନ୍ତି। ଟ୍ରମ୍ପ ତାଙ୍କ ଟାରିଫ୍ ବୃଦ୍ଧିରୁ ପଛକୁ ହଟିଗଲେ ମଧ୍ୟ ଆମେରିକାର ପ୍ରତିରକ୍ଷା ଶିଳ୍ପ ପାଇଁ ଚୁମ୍ବକ ଏବଂ ସାମଗ୍ରୀ ଚାଇନାରୁ ଆଣିବାକୁ ପଡୁଛି, ଯାହା ବିନା କ୍ଷେପଣାସ୍ତ୍ର ଏବଂ ଜେଟ ତିଆରି ଅସମ୍ଭବ। କିଛି ସପ୍ତାହ ପୂର୍ବରୁ ଚାଇନାକୁ ରପ୍ତାନି ହେଉଥିବା ନିଭିଡିଆ କମ୍ପାନୀ ଉଚ୍ଚମାନର ଚିପ୍ସ ରପ୍ତାନି କଟକଣାକୁ ସହଜ କରିଥିଲେ ମଧ୍ୟ ଶି ଜିନ୍‌ପିଙ୍ଗ କହିଥିଲେ ଯେ ଚାଇନା ସେଗୁଡ଼ିକୁ କିଣିବ ନାହିଁ ଏବଂ ତା'ଠାରୁ କମ୍ ମାନର ହେଉ ପଛେ ତାହା ନିଜେ ତିଆରି କରିବ। ଗତ ମାସରେ ଏକ ରିପୋର୍ଟ ଆସିଥିଲା, ଚିପ୍ସ ପାଇଁ ଲିଥିଓଗ୍ରାଫି ପାଉ ନ ଥିଲେ ମଧ୍ୟ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚାଇନା ସଫଳତା ହାସଲ କରିଛି। ସାଧାରଣତଃ ଧାରଣା ରହିଛି ଯେ ଯଦି କିଛି ଉତ୍ପାଦନରେ ଜଟିଳତା ଯେତେ ଥାଉନା କାହିଁକି ଚାଇନା ତାହା କରିପାରିବ। ବାଣିଜ୍ୟିକ ବିମାନ ପାଇଁ ମଧ୍ୟ ସମାନ କଥା ପ୍ରଯୁଜ୍ୟ। ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଆମେରିକାରେ ବୋଇଂ ଏବଂ ୟୁରୋପରେ ଏୟାରବସ ଥିବାବେଳେ ଚାଇନା ଗତବର୍ଷ ଏହାର ବାଣିଜ୍ୟିକ ଜେଟ ଚାଲୁ କରିଥିଲା ଏବଂ ୨୦୨୬ରେ ଏହାକୁ ବ୍ୟାପକ କରିବା ଆମେ ଦେଖିବୁ। ଚାଇନା କିଛି ମାସ ପୂର୍ବରୁ ଏହାର ପ୍ରଥମ ସ୍ୱଦେଶୀ ତଥା ଉଚ୍ଚମାନର ବିମାନ ବାହକ ଜାହାଜକୁ ନିୟୋଜିତ କରିଥିଲା ଏବଂ ଚଳିତବର୍ଷ ଏହା ପ୍ରଥମ ପରମାଣୁ ଶକ୍ତିସଂପନ୍ନ ବିମାନ ନିର୍ମାଣ କରିବ। ଏକ ଆମେରିକୀୟ ପ୍ରତିରକ୍ଷା ରିପୋର୍ଟରେ କୁହାଯାଇଛି ଯେ ୧୦ ବର୍ଷ ମଧ୍ୟରେ ଚାଇନା ପାଖରେ ପ୍ରାୟ ସମାନ ସଂଖ୍ୟକ ବାହକ ଯୁଦ୍ଧ ବିମାନ ରହିବ, ଯାହା ଏବେ ଆମେରିକା ପାଖରେ (୧୧ଟି) ଅଛି। ୨୦୨୫ରେ ଚାଇନା ଯୁଦ୍ଧ ବିମାନ ପ୍ରଦର୍ଶନ କଲା, ଯାହା ପୁରୁଣା ଆମେରିକୀୟ ବିମାନ ଅପେକ୍ଷା ଉନ୍ନତ ଥିଲା।

ବିଶ୍ୱର ପ୍ରତିଭାମାନେ ଆମେରିକାକୁ ଚାଲିଯାଇଥିବାରୁ ଆମେରିକାର ପ୍ରାଧାନ୍ୟ ମୁଖ୍ୟତଃ ବଢ଼ିଛି। ଏହି ଧାରା ଭାରତୀୟ ବିଶେଷକରି ମଧ୍ୟବିତ୍ତ ବର୍ଗଙ୍କ ପାଇଁ କିଛି ସୁବିଧା ଆଣି ଦେଇଥିଲା। ହେଲେ ଏଚ୍‌ୱାନବି ପ୍ରୋଗ୍ରାମ ଦେୟ ଏବଂ ଆମେରିକା ବିଶ୍ୱବିଦ୍ୟାଳୟଗୁଡ଼ିକର ସମସ୍ୟା ସହ ଟ୍ରମ୍ପଙ୍କ ନୀତିଗୁଡ଼ିକ ଏହାକୁ ଶେଷ କରିଦେଇଛି। ଭାରତ ପରି ଚାଇନା କେବେ ବି ପ୍ରବାସୀଙ୍କୁ ସ୍ୱାଗତ କରିନାହିଁ। କିନ୍ତୁ ଏହା ଏହାର ସମାନତା ସହିତ ଆରାମଦାୟକ ଏବଂ ଶିଳ୍ପ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର କରି ବିଭିନ୍ନ ସମସ୍ୟା ଦୂର କରିଛି। ୨୦୧୮ରେ ଚାଇନା ପ୍ରଥମେ ଅନୁଭବ କରିଥିଲା ଯେ ଆମେରିକା ହେଉଛି ତାହାର ପ୍ରତିଦ୍ୱନ୍ଦ୍ୱୀ। ସ୍ଥିତିକୁ ପରଖି ପରବର୍ତ୍ତୀ ସାତ ବର୍ଷରେ ନିଜକୁ କିଭଳି ପ୍ରସ୍ତୁତ କରିବ ତାହା ଆକଳନ କରିଥିଲା। ଏକ ମାତ୍ର ଦେଶ ଭାବେ ସେ ଏହା କରିଛି। ଏକ ବର୍ଷ ପୂର୍ବେ ଟ୍ରମ୍ପ କ୍ଷମତାକୁ ଫେରିବା ବେଳକୁ ଚାଇନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଥିଲା ଏବଂ ଏବେ ତାକୁ ରୋକିବା ଅସମ୍ଭବ। ଏହା ମୁଖ୍ୟତଃ ଆତ୍ମନିର୍ଭରଶୀଳ ହେବାପାଇଁ ସେହି ସମୟ ବିତାଇଥିଲା। ଚାଇନା ଏତେ କମ୍ ସମୟ ମଧ୍ୟରେ ହାସଲ କରିପାରିଲା ଯେ ବର୍ତ୍ତମାନ ସାରା ବିଶ୍ୱ ଏହା ଉପରେ ନିର୍ଭରଶୀଳ। ଆମେରିକା ଆପଣାଇଥିବା ପଥକୁ ମୁକାବିଲା କରି ଏହା ହାସଲ କରିଛି। ଏହା ସରକାରଙ୍କ ଦାୟିତ୍ୱ ବୃଦ୍ଧି କରି କର୍ପୋରେଟଗୁଡ଼ିକର ବ୍ୟୟ ରୋକିବାରେ ସଫଳ ହୋଇଛି। ସବୁଠାରୁ ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ପ୍ରତ୍ୟାଖ୍ୟାନ କରି ନିଜସ୍ୱ ପ୍ରଯୁକ୍ତିବିଦ୍ୟା ପ୍ରସ୍ତୁତ କରିବାକୁ ପସନ୍ଦ କରିଛି। ବ୍ୟାଙ୍କଗୁଡ଼ିକ ରିୟଲ ଇଷ୍ଟେଟକୁ ଋଣ ଦେବା ପାଇଁ ଚାଇନା ବନ୍ଦ କରିବା ସହ ଶିଳ୍ପକୁ ପାଣ୍ଠି ଯୋଗାଇବାକୁ ବାଧ୍ୟ କରିଛି। ସମସ୍ତ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଚାଇନାକୁ ଏବେ ଏହି ସ୍ଥାନରେ ପହଞ୍ଚାଇଛି। ତେବେ ଆମେରିକାର ପ୍ରଭୁତ୍ୱ ବିସ୍ତାର ପ୍ରତି ଆହ୍ୱାନ ରହିଛି। ଏଠାରେ ବୟସ୍କଙ୍କ ସଂଖ୍ୟାରେ ବୃଦ୍ଧି ହେଉଛି, ବିଶ୍ୱ ପାଇଁ ନିଜ ଦ୍ୱାର ବନ୍ଦ କରିଦେଉଛି ଏବଂ ଧୀରେ ଧୀରେ ପଛରେ ପଡ଼ିଯାଉଛି। ବୃହତ୍ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଚଳିତବର୍ଷ ଏହି ଦୁଇ ଆଧୁନିକ ଶକ୍ତି ମଧ୍ୟରେ କ'ଣ ନୂତନ ବିକାଶ ଆସିବ ତାହା ଦେଖିବା ଆକର୍ଷଣୀୟ ହେବ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | 7 | |
| | 6 | | 2 | | | | 1 | 5 |
| | 5 | | | | | 2 | | |
| 7 | | 4 | | | | | | |
| | | | 7 | | 6 | | | |
| | | 3 | | | | | 2 | 8 |
| | | | 5 | 3 | | 1 | | 9 |
| 5 | | | 1 | 4 | 7 | | | |
| | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 3 | 1 | 7 | 8 | 5 | 9 |
| 5 | 3 | 7 | 6 | 8 | 9 | 4 | 1 | 2 |
| 1 | 8 | 9 | 5 | 2 | 4 | 3 | 7 | 6 |
| 3 | 7 | 1 | 2 | 9 | 8 | 5 | 6 | 4 |
| 9 | 6 | 8 | 4 | 5 | 1 | 2 | 3 | 7 |
| 4 | 2 | 5 | 7 | 3 | 6 | 1 | 9 | 8 |
| 8 | 1 | 4 | 9 | 7 | 3 | 6 | 2 | 5 |
| 7 | 5 | 3 | 8 | 6 | 2 | 9 | 4 | 1 |
| 2 | 9 | 6 | 1 | 4 | 5 | 7 | 8 | 3 |

ଗତକାଲିର ଉତ୍ତର

# ବିତର୍କରେ ଆରାବଳୀ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଶ୍ୱର ସର୍ବ ପୁରାତନ ପର୍ବତମାଳା ମଧ୍ୟରେ ଆରାବଳୀ ଅନ୍ୟତମ। ଭାରତର ଉତ୍ତର-ପଶ୍ଚିମରେ ଅବସ୍ଥିତ ଗୁଜରାଟ, ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀ ରାଜ୍ୟର ଭୌଗୋଳିକ ସୀମା ମଧ୍ୟରେ ପ୍ରାୟ ୬୭୦–୮୦୦ କି.ମି. ସୁଦୀର୍ଘ ଅଞ୍ଚଳରେ ଏହା ପରିବ୍ୟାପ୍ତ। ପର୍ବତମାଳାର ସର୍ବୋଚ୍ଚ ଗିରିଶୃଙ୍ଗ ୧୭୨୨ ମିଟର ଉଚ୍ଚତା ବିଶିଷ୍ଟ ଗୁରୁ ଶିଖର ରାଜସ୍ଥାନରେ ଅବସ୍ଥିତ। ଏହି ପାହାଡ଼ ସମୂହର ମନୋରମ ସୌନ୍ଦର୍ଯ୍ୟ ସନ୍ନିବେଶ ରହିଛି ଏହାର ଦୁର୍ଗମ ଭୂଦୃଶ୍ୟ, ସମୃଦ୍ଧ ଜୈବ ବିବିଧତା ଏବଂ ଗଭୀର ସାଂସ୍କୃତିକ ଐତିହ୍ୟରେ, ଯାହା ସବୁଜିମା ପରିପୂର୍ଣ୍ଣ ଉପତ୍ୟକା; କୁମ୍ଭଲଗଡ଼, ଆମ୍ବର ପରି ଚମତ୍କାର, ପ୍ରସ୍ତର ଆଚ୍ଛାଦିତ ଶିଖର ଓ ପ୍ରାଚୀନ ଦୁର୍ଗ; ମାଉଣ୍ଟ ଆବୁ ପରି ଶୈଳନିବାସ ଏବଂ ଦିଲୱା ଜୈନ ମନ୍ଦିର ପରି ଆଧ୍ୟାତ୍ମିକ ସ୍ଥଳୀ ସହ ଶାନ୍ତ, ସ୍ନିଗ୍ଧ ବାତାବରଣ ପ୍ରଦାନକରେ। ପାହାଡ଼ିଆ ପରିବେଶରେ ଯାଦୁକରୀ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ପ୍ରକୃତିପ୍ରେମୀଙ୍କ ନିମନ୍ତେ ଉପଭୋଗ୍ୟ ହୋଇଥାଏ। ଦିଲ୍ଲୀ-ଏନ୍‌ସିଆର୍ ପରି ଅଞ୍ଚଳରେ ଆରାବଳୀର ସବୁଜିମା 'ସବୁଜ ଫୁସ୍‌ଫୁସ୍' ଭାବରେ କାର୍ଯ୍ୟକରେ, ବାୟୁ ଗୁଣବତ୍ତାକୁ ଉନ୍ନତକରେ ଏବଂ ପରିବେଶୀୟ ସନ୍ତୁଳନ ବଜାୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଭୂମିକା ନିର୍ବାହ କରେ। ଏହି ପାର୍ବତ୍ୟାଞ୍ଚଳ ଭୂତଳ ଜଳର ପୁନଃ ଭରଣାକୁ ସମର୍ଥନକରେ, ଆଞ୍ଚଳିକ ଜଳବାୟୁକୁ ନିୟନ୍ତ୍ରଣକରେ ତଥା ବିବିଧ ଉଦ୍ଭିଦ ଓ ବନ୍ୟପ୍ରାଣୀଙ୍କୁ ବାସସ୍ଥଳୀ ପ୍ରଦାନ କରେ। ଏହାର ପ୍ରାଚୀନତା ଏବଂ ସାମଗ୍ରିକ ଗୁରୁତ୍ୱ ସତ୍ତ୍ୱେ ବର୍ଦ୍ଧିତ ଖଣି ଉତ୍ତୋଳନ, ଜଙ୍ଗଲ ଅବକ୍ଷୟ, ସହରୀକରଣ, ପରିବେଶଗତ ଆଇନର ଦୁର୍ବଳ କାର୍ଯ୍ୟକାରିତା ତଥା ନୀତିଗତ ବିବାଦର ପରିଣାମରେ ସମ୍ପ୍ରତି ଆରାବଳୀ ଏକ ପ୍ରମୁଖ ପରିବେଶଜନିତ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ପର୍ବତମାଳାର ସୁରକ୍ଷା ବନାମ ଅର୍ଥନୈତିକ ବିକାଶ ଉପରେ ବିତର୍କ କ୍ରମଶଃ ତୀବ୍ର ବିବାଦର ସୂତ୍ରପାତ ଘଟିଛି।

ତେବେ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଆରାବଳୀ ଅଞ୍ଚଳରେ ମୁଖ୍ୟତଃ ପଥର, ମାର୍ବଲ, କ୍ୱାର୍ଜାଇଟ, ତମ୍ବା, ଚୂନ ପଥର ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ନିମନ୍ତେ ବ୍ୟାପକ ଖଣି ଖନନ ବୃଦ୍ଧି ପାଉଛି। ରାଷ୍ଟ୍ରର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଏବଂ ସହରାଞ୍ଚଳ ପ୍ରସାରଣ ସହ ବିଶେଷକରି ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦର ନିକଟବର୍ତ୍ତୀ ଅଞ୍ଚଳରେ ଖଣି ଖନନ ତୀବ୍ର ହୋଇଚାଲିଛି। ଏପରି କାର୍ଯ୍ୟକଳାପ ଜଙ୍ଗଲ ଅବକ୍ଷୟ, ବନ୍ୟପ୍ରାଣୀ ବାସସ୍ଥଳୀର ବିନଷ୍ଟ, ମୃତ୍ତିକାର ଅବନତି ଏବଂ ଭୂତଳଜଳ ହ୍ରାସର କାରଣ ପାଲଟିଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ପରିବେଶଗତ ନିୟମସବୁ ଜାରି ସତ୍ତ୍ୱେ ରାଜନୈତିକ ପ୍ରଭାବ, ଅର୍ଥନୈତିକ ସ୍ୱାର୍ଥ ଏବଂ ଆଇନର ଦୁର୍ବଳ କାର୍ଯ୍ୟକାରିତା କେତେକ ସ୍ଥାନରେ ବେଆଇନ ଖଣି ଖନନକୁ ସମର୍ଥନ ଯୋଗାଉଛି। ପରିବେଶୀୟ ଅବକ୍ଷୟର ପ୍ରତିକ୍ରିୟାରେ ଭାରତର ଉଚ୍ଚତମ ନ୍ୟାୟାଳୟ ଆରାବଳୀର ସୁରକ୍ଷା ନିମନ୍ତେ ଅନେକ ଥର ହସ୍ତକ୍ଷେପ କରିଛନ୍ତି। ନ୍ୟାୟାଳୟ



ହରିୟାଣା ଏବଂ ରାଜସ୍ଥାନର ପର୍ବତମାଳାର କିଛି ଅଂଶରେ, ବିଶେଷକରି ଜଙ୍ଗଲ ଜମି ଭାବରେ ବର୍ଗୀକୃତ ଅଞ୍ଚଳରେ, ୨୦୦୨ ମସିହାରେ ଖଣି ଖନନ ଉପରେ ନିଷେଧାଦେଶ ଜାରି କରିଥିଲେ। ମାତ୍ର ସରକାରଙ୍କ 'ଜଙ୍ଗଲ' ଉପରେ ପ୍ରଦତ୍ତ ପରିଭାଷାରୁ ଏକ ପ୍ରମୁଖ ସମସ୍ୟା ଉପୁଜିଲା। ଆରାବଳୀର ଅନେକ ଅଞ୍ଚଳ ସରକାରୀ ରେକର୍ଡରେ ଜଙ୍ଗଲ ଭାବରେ ଲିପିବଦ୍ଧ ହୋଇ ନ ଥିଲା, ଯଦିଓ ସେଗୁଡ଼ିକ ପରିସଂସ୍ଥାୟ ଦୃଷ୍ଟିକୋଣରୁ ଜଙ୍ଗଲ ହିଁ ଥିଲା। ଏପରି ସଂଜ୍ଞା ନିର୍ଦ୍ଧାରଣ ଅନେକ ଅଞ୍ଚଳରେ ଆଇନଗତ ଭାବରେ ଖଣି ଏବଂ ନିର୍ମାଣ କାର୍ଯ୍ୟ ଜାରି ରଖିବାକୁ ଅନୁମତି ପ୍ରଦାନ କରିଛି, ଯାହା ଆରାବଳୀ ସଂରକ୍ଷଣ ପ୍ରୟାସକୁ ଦୁର୍ବଳ କରିଛି।

ବିବାଦର ଅନ୍ୟ ଏକ ପ୍ରମୁଖ ଦିଗ ହେଉଛି ସହରୀକରଣ ବୃଦ୍ଧି ଏବଂ ରିଏଲ ଇଷ୍ଟେଟ ବ୍ୟବସାୟର ପ୍ରସାର। ସହରଗୁଡ଼ିକ ବିସ୍ତାରିତ ହେବା ସହ ବିଶେଷକରି ଜାତୀୟ ରାଜଧାନୀ କ୍ଷେତ୍ର (ଏନ୍‌ସିଆର୍) ଅଞ୍ଚଳରେ ଆରାବଳୀର ବିଶାଳ ଅଂଶକୁ ଗୃହ ପ୍ରକଳ୍ପ, ରାସ୍ତାଘାଟ ଏବଂ ବାଣିଜ୍ୟିକ କମ୍ପ୍ଲେକ୍ସ ନିର୍ମାଣ ଉଦ୍ଦେଶ୍ୟରେ ସଫା କରାଯାଇଛି। ସମାଲୋଚକମାନେ ଯୁକ୍ତି ବାଢ଼ନ୍ତି ଯେ ରାଜ୍ୟ ସରକାରମାନେ ଘରୋଇ ନିର୍ମାଣକାରୀଙ୍କୁ ସମର୍ଥନଦେବା ଲକ୍ଷ୍ୟରେ ପରିବେଶଗତ ଆଇନକୁ ଦୁର୍ବଳ କରିଛନ୍ତି। ପରିବେଶବିତ୍‌ଙ୍କ ମତ ହେଉଛି, ଏହା ନିକଟବର୍ତ୍ତୀ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ, ଜଳ କ୍ଳିଷ୍ଟତା ଏବଂ ଜଳବାୟୁ ସମସ୍ୟାକୁ ଗମ୍ଭୀର କରୁଛି। ସାମ୍ପ୍ରତିକ ସମୟରେ, ନୂତନ ଭୂମି-ବ୍ୟବହାର ନୀତି ଅଧୀନରେ ଆରାବଳୀକୁ ପୁନଃ ପରିଭାଷିତ କରିବା ଏବଂ କେତେକ ନିର୍ମାଣ ପ୍ରକଳ୍ପକୁ ପରିବେଶୀୟ ମଞ୍ଜୁରୀରୁ ମୁକ୍ତ କରିବା ଭଳି ପ୍ରସ୍ତାବ ବିବାଦକୁ ତୀବ୍ର କରୁଛି। ଏହି ପରିପ୍ରେକ୍ଷୀରେ ସଂରକ୍ଷଣବାଦୀମାନେ ଆଶଙ୍କା ପ୍ରକଟ କରୁଛନ୍ତି ଯେ ଏପରି ନୀତି ଅଧିକ ଧ୍ୱଂସସାଧନକୁ ବୈଧତା ପ୍ରଦାନ କରିବ। ଅନ୍ୟପକ୍ଷରେ ସରକାର ଏବଂ ନିର୍ମାଣକାରୀ ସଂସ୍ଥାଗୁଡ଼ିକର ମତାମତ ହେଉଛି ଯେ ବିକାଶ ପ୍ରକ୍ରିୟାରେ ପ୍ରତିବନ୍ଧକ ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ଏବଂ ଭିତ୍ତିଭୂମି ନିର୍ମାଣରେ କ୍ଷତି ପହଞ୍ଚାଇବ। ନିକଟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆରାବଳୀ ପାହାଡ଼ ସବୁର ଉଚ୍ଚତାର ନୂତନ ସଂଜ୍ଞା ୧୦୦ ମିଟରରୁ ଊର୍ଦ୍ଧ୍ୱ ରଖିବାର ପ୍ରସ୍ତାବକୁ ସର୍ବୋଚ୍ଚ ନ୍ୟାୟାଳୟ ଗ୍ରହଣ କରିଛନ୍ତି। ମାତ୍ର ନ୍ୟାୟାଳୟଙ୍କ ଦ୍ୱାରା ୨୦୦୨ରୁ ସ୍ଥାପିତ କେନ୍ଦ୍ରୀୟ ସଶକ୍ତ କମିଟି ଗୁରୁତ୍ୱ ଆରୋପ କରିଛି, ଭାରତର ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରଦତ୍ତ ସଂଜ୍ଞାକୁ ଆରାବଳୀର ଛୋଟବଡ଼ ପାହାଡ଼ସମୂହ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଗ୍ରହଣ କରାଯିବା ବାଞ୍ଛନୀୟ। କୋର୍ଟ ନିଯୁକ୍ତ ଆମିକସ୍ କ୍ୟୁରି ମନ୍ତ୍ରଣାଳୟର ୧୦୦ ମିଟର ସଂଜ୍ଞାକୁ ଅନୁପଯୁକ୍ତ କହି ବିରୋଧ କରିଛନ୍ତି। ଏବେ ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତି ସ୍ଥଗିତ ରଖି ପ୍ରସଙ୍ଗର ପୁନର୍ବିଚାର ପାଇଁ ଘୋଷଣା କରିଛନ୍ତି।

ଉଲ୍ଲେଖନୀୟ ଯେ ବୈଜ୍ଞାନିକ, ପରିବେଶ କର୍ମୀ ଏବଂ ନାଗରିକ ସମାଜ ସଙ୍ଗଠନଗୁଡ଼ିକ ଆରାବଳୀ ପୁନରୁଦ୍ଧାରର ଗୁରୁତ୍ୱ ବିଷୟରେ ନିରନ୍ତର ସଚେତନତା ବୃଦ୍ଧି କରିଆସୁଛନ୍ତି। ବନୀକରଣର ପ୍ରସାରଣ, ଅବୈଧ ଖଣିଖାଦାନକୁ ନିଷିଦ୍ଧକରିବା, ବନ୍ୟପ୍ରାଣୀ ଚଳାପଥକୁ ସୁରକ୍ଷା ଦେବା ଏବଂ ସହନୀୟ ଭୂମି-ବ୍ୟବହାର ଯୋଜନା ଭଳି ପଦକ୍ଷେପ ଗ୍ରହଣ ନିମନ୍ତେ ପରାମର୍ଶ ଦିଆଯାଇଛି। ପାହାଡ଼ର ୧୦୦ ମିଟର ବ୍ୟାଖ୍ୟାନକୁ ନେଇ ପରିବେଶବିତ୍ ଆଶଙ୍କା ପ୍ରକଟ କରିଛନ୍ତି ଯେ ଏହାଦ୍ୱାରା କମ୍ ଉଚ୍ଚତାର ପାହାଡ଼ମାନେ ଆଇନଗତ ସୁରକ୍ଷା ହରାଇବେ ଏବଂ ଅଧିକ ଖଣି ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ପଥ ଉନ୍ମୁକ୍ତ ହେବ। କିଛି ରାଜ୍ୟ ସରକାର ଏବଂ ବେସରକାରୀ ସଂସ୍ଥାବୃକ୍ଷରୋପଣ ଅଭିଯାନ ଏବଂ ପରିବେଶ ପୁନରୁଦ୍ଧାର ପ୍ରକଳ୍ପ ଆରମ୍ଭ କରିଛନ୍ତି ସତ, କିନ୍ତୁ ଘଟୁଥିବା କ୍ଷୟକ୍ଷତିର ପରିମାଣ ତୁଳନାରେ ଏହି ପ୍ରୟାସଗୁଡ଼ିକ ସୀମିତ। ଅବଶ୍ୟ ନିକଟରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଅଭୟବାଣୀ ଶୁଣାଇଛନ୍ତି ଯେ ପର୍ବତମାଳାର ସମୁଦାୟ ୧ ଲକ୍ଷ ୪୭ ହଜାର ବର୍ଗ କି.ମି. ଆୟତନ ମଧ୍ୟରୁ ମାତ୍ର ୨%ରୁ କମ୍ ଅଞ୍ଚଳରେ ଖଣିଜ ଖନନ କାର୍ଯ୍ୟ ସମ୍ପାଦିତ ହେଉଛି ଏବଂ ଅଧିକ ଖଣି ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ। ଅନ୍ୟପକ୍ଷରେ ଏହି ପର୍ବତମାଳାର ପୁନରୁଦ୍ଧାର ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଆରାବଳୀ ଗ୍ରୀନ୍ ୱାଲ୍ ଇନିସିଏଟିଭ' ପ୍ରକଳ୍ପ ହେଉଛି ଏକ ପ୍ରମୁଖ ପଦକ୍ଷେପ, ଯାହା ସମ୍ପୃକ୍ତ ରାଜ୍ୟଗୁଡ଼ିକରେ, ପୋରବନ୍ଦରରୁ ପାନିପଥ ପର୍ଯ୍ୟନ୍ତ, ୧,୪୦୦ କି.ମି. ଲମ୍ବ ଏବଂ ୫ କି.ମି. ଚଉଡ଼ାର ସବୁଜ ବଳୟ ସୃଷ୍ଟିର ଲକ୍ଷ୍ୟ ରଖେ। ଆଫ୍ରିକାର ମହାନ୍ 'ଗ୍ରେଟ୍ ଗ୍ରୀନ୍ ୱାଲ' ଦ୍ୱାରା ଅନୁପ୍ରାଣିତ ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ମରୁଭୂମିକରଣକୁ ରୋକିବା, ମୃତ୍ତିକା ସ୍ୱାସ୍ଥ୍ୟକୁ ଉନ୍ନତ କରିବା, ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ସ୍ଥାନୀୟ ଜାତିର ବୃକ୍ଷରୋପଣ ଏବଂ ଜଳ ସଂରକ୍ଷଣକରି ଜୈବ ବିବିଧତାକୁ ସମୃଦ୍ଧ କରିବା। ପ୍ରଧାନମନ୍ତ୍ରୀ ମଧ୍ୟ ୨୦୨୫ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ତାଙ୍କ ଘୋଷିତ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନକୁ ଏହି ପ୍ରକଳ୍ପ ସହ ସଂଯୁକ୍ତ କରିଛନ୍ତି।

ପରିଶେଷରେ ଆରାବଳୀ ବିବାଦ କେବଳ ଏକ ପର୍ବତମାଳାକୁ ନେଇ ନୁହେଁ, ବରଂ ନିରନ୍ତର ବିକାଶ ଏବଂ ପରିବେଶଗତ ଦାୟିତ୍ୱ ପ୍ରସଙ୍ଗ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଆରାବଳୀକୁ ସୁରକ୍ଷା ପ୍ରଦାନ, ବିଶେଷ ରୂପେ ଉତ୍ତର ଭାରତ ନିମନ୍ତେ ପରିବେଶଗତ ସନ୍ତୁଳନ, ଜଳବାୟୁ ସ୍ଥିରତା ଏବଂ ସାଧାରଣ ସ୍ୱାସ୍ଥ୍ୟରକ୍ଷା ପରିପ୍ରେକ୍ଷୀରେ ଅତ୍ୟନ୍ତ ଜରୁରୀ। ବିକାଶ ଯେପରି ଅପରିବର୍ତ୍ତନୀୟ ପରିବେଶ କ୍ଷତିସାଧନର ମୂଲ୍ୟରେ ନ ଘଟେ, ସେଥିପାଇଁ ଦୃଢ଼ ଆଇନ, ଜଙ୍ଗଲ ଜମିର ସ୍ପଷ୍ଟ ପରିଭାଷା, କଠୋର ପ୍ରବର୍ତ୍ତନ ଏବଂ ଜନସଚେତନତା ଏକାନ୍ତ ଅପରିହାର୍ଯ୍ୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ:୯୪୩୭୦୭୬୧୦୦**

# ଭାରତୀୟ ବଂଶୋଦ୍ଭବ ଡେମ୍‌ହୁଡ୍

କୌଣସି ଏକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ରିଟେନ୍ ପକ୍ଷରୁ ନାଇଟ୍‌ହୁଡ୍ ଉପାଧିରେ ଜଣଙ୍କୁ ଭୂଷିତ କରାଯାଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ସାମରିକ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କୁ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ତାହା ବ୍ୟାପକତା ଲାଭ କରି ଅନ୍ୟମାନଙ୍କୁ ପ୍ରଦାନ କରାଯାଉଛି। ନାଇଟ୍‌ହୁଡ୍‌ର ମହିଳା ସମକକ୍ଷ ସମ୍ମାନ ଭାବେ ଡେମ୍‌ହୁଡ୍ ପ୍ରଦାନ କରାଯାଉଛି। ଡେମ୍ ଅର୍ଥାତ୍ ସମ୍ଭ୍ରାନ୍ତ ମହିଳା। ସେହି ଅନୁଯାୟୀ ଯିଏ ଏହି ସମ୍ମାନରେ ସମ୍ମାନିତ ହୋଇଥାଆନ୍ତି ସେ ଡେମ୍‌ହୁଡ୍ ଉପାଧି ପାଇଥାଆନ୍ତି। ନିକଟରେ ଭାରତୀୟ ବଂଶୋଦ୍ଭବ ମୀରା ସାୟଲ ସାହିତ୍ୟ ଓ ଅଭିନୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ବ୍ରିଟେନ୍‌ର ମର୍ଯ୍ୟାଦାଜନକ ସମ୍ମାନ ତାଲିକାରେ ନିଜ ନାମ ରଖିପାରିଛନ୍ତି। ଅଭିନେତ୍ରୀ, କମେଡିଆନ୍ ଓ ଲେଖିକା ମୀରା ବ୍ରିଟେନ୍ ରାଜାଙ୍କ ଏହି ନୂଆ ବର୍ଷ ସମ୍ମାନରେ ସମ୍ମାନିତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

୬୪ ବର୍ଷୀୟା ମୀରା ବ୍ରିଟିଶ ଏସିଆନ୍ କମେଡି ଯଥା 'ଗୁଡ୍‌ନେସ୍ ଗ୍ରେସିଅସ୍ ମି' ଏବଂ 'ଦି କୁମାରସ୍ ଏଟ୍ ନଂ ୪୨' ରଚନା କରିବା ସହ ଅଭିନୟ ପାଇଁ ସର୍ବାଧିକ ପରିଚିତି ହାସଲ କରିଛନ୍ତି। ଏଥିସହିତ ବଦାନ୍ୟ କାର୍ଯ୍ୟରେ ତାଙ୍କ ଯୋଗଦାନ ଓ ସେବା ପାଇଁ ଏଭଳି ସମ୍ମାନ ପାଇପାରିଛନ୍ତି। ସୂଚନା ଦିଆଯାଇପାରେ ଯେ, ମୀରା ପୂର୍ବରୁ ୧୯୯୭ରେ ରାଣୀଙ୍କ ନୂଆ ବର୍ଷ ସମ୍ମାନରେ ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟାର ସଦସ୍ୟ (ଏମ୍‌ବିଇ) ହୋଇଥିଲେ ଏବଂ ୨୦୧୫ରେ କମାଣ୍ଡର୍ ଅଫ୍ ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟାର (ସିବିଇ) ହୋଇଥିଲେ। ସେ ୧୯୬୧ରେ ଓଲଭରହାମ୍ପଟନ୍‌ରେ ଭାରତୀୟ ପଞ୍ଜାବୀ ମାତାପିତାଙ୍କ ଠାରୁ ଜନ୍ମଲାଭ କରିଥିଲେ। ତାଙ୍କ ପରିବାର ନୂଆଦିଲ୍ଲୀରୁ ବ୍ରିଟେନ୍‌କୁ ଚାଲିଯାଇଥିଲେ। ମୀରାଙ୍କ ପଢ଼ା ୱାଲସାଲ୍ କୁଇନ୍ ମେରିଜ୍ ହାଇସ୍କୁଲରେ ହୋଇଥିଲା। ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ସାହିତ୍ୟ ଓ ନାଟକରେ ଡିଗ୍ରୀ କରୁଥିବା ସମୟରେ ସେ 'ୱାନ୍ ଅଫ୍ ଅସ୍' ନାଟକର ସହ-ରଚୟିତା ଥିଲେ। ଅଭିନୟ ଲକ୍ଷ୍ୟରେ ଜଣେ ଏସୀୟ ଝିଅ କିଭଳି ଘରୁ ପଳାଇଯାଉଛି ତାହା ଉପରେ ନାଟକ ପର୍ଯ୍ୟବସିତ ଥିଲା। ସେ ଏହି ନାଟକକୁ ନ୍ୟାଶନାଲ ଷ୍ଟୁଡେଣ୍ଟ ଡ୍ରାମା ଫେଷ୍ଟିଭାଲରେ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ପରେ ତାହା ଏଡିନବର୍ଗ ଇଣ୍ଟରନ୍ୟାଶନାଲ ଫେଷ୍ଟିଭାଲରେ ଅଭିନୀତ ହେବା ଲାଗି ମନୋନୀତ ହୋଇଥିଲା। ସୌଭାଗ୍ୟକୁ ସେଠାରେ ମୀରାଙ୍କ ଅଭିନୟ ଉଚ୍ଚକୋଟୀର ହେବାରୁ ସେ ପୁରସ୍କୃତ ହୋଇଥିଲେ। ତା' ପରେ ସେ ଲେଖା ଓ ନାଟକରେ ମଜ୍ଜିଯାଇଥିଲେ। ସ୍ନାତକ ଡିଗ୍ରୀ ପରେ ନାଟକକୁ କ୍ୟାରିୟର ଭାବେ ନେଇ ସେ ୧୯୮୭ ରେ ଲିଭରପୁଲ୍ ରୟାଲ କୋର୍ଟ ଥିଏଟରରେ କାମ କଲେ। ସେଠାରେ ସେ କ୍ୟାରିଲ ଚର୍ଚ୍ଚିଲ୍‌ଙ୍କ ନାଟକ 'ସିରିୟସ ମନି'ରେ ଜାସିଣ୍ଟା କଣ୍ଡର୍ ଭୂମିକାରେ ଅଭିନୟ କରିଥିଲେ।

**ବ୍ୟକ୍ତିତ୍ୱ**



ମୀରା ସାୟଲ

୧୯୯୩ରେ ସେ କମେଡି-ଡ୍ରାମା ଫିଲ୍ମ 'ଭାଜି ଅନ୍ ଦ ବିଚ୍'ର ଚିତ୍ରନାଟ୍ୟ ଲେଖିଥିଲେ ଓ ଦୁଇ ବର୍ଷ ପରେ 'ଚ୍ୟାନେଲ ୪'ର ରୋମାଣ୍ଟିକ୍ କମେଡି ଫିଲ୍ମ 'ବିଉଟିଫୁଲ ଥିଙ୍ଗ୍'ରେ ଅଭିନୟ କରିଥିଲେ। ସେ ୧୯୯୦ରେ ବିବିସିରେ ଯୋଗ ଦେଇ ନିଜର ଉତ୍କର୍ଷ ପ୍ରତିପାଦନ କରିବାରୁ ତାଙ୍କୁ ଅଭିନୟ କରିବା ଲାଗି ବହୁ ସୁଯୋଗ ମିଳିଥିଲା। ସେଠାରେ ସେ ବ୍ରଡକାଷ୍ଟର୍ସ ସ୍କେଚ କମେଡି 'ଗୁଡ୍‌ନେସ୍ ଗ୍ରେସିୟସ୍ ମି' ଟିମ୍‌ରେ ସାମିଲ ହୋଇ ପ୍ରସିଦ୍ଧି ଅର୍ଜନ କରିଥିଲେ। ମୀରା ୧୯୯୬ରେ ଏହି ଶୋ' ପାଇଁ ମୁଖ୍ୟ ଲେଖିକା ଓ ଅଭିନେତ୍ରୀ ଥିଲେ ଏବଂ ୨୦୦୨ରେ ଆଣ୍ଡ୍ରୁ ଲୟଡ୍ ୱେବର୍ସଙ୍କ 'ବମ୍ବେ ଡ୍ରିମ୍ସ'ରେ ସହ-ରଚୟିତା ହୋଇ ବଲିଉଡ୍‌କୁ ପାଶ୍ଚାତ୍ୟ ମନୋରଞ୍ଜନରେ ସ୍ଥାନ ଦେଇଥିଲେ। ଡେମ୍ ମୀରା ନିଜର ପ୍ରଶଂସିତ କାର୍ଯ୍ୟରେ ପ୍ରାୟତଃ ନିଜର ଭାରତୀୟ ଐତିହ୍ୟ ଓ ସଂସ୍କୃତିକୁ ସନ୍ନିବେଶିତ କରି ଉଭୟ ଲେଖା ଓ ଅଭିନୟରେ ଏକ ସ୍ୱତନ୍ତ୍ର ପଦଚିହ୍ନ ସୃଷ୍ଟି କରିଛନ୍ତି। ୨୦୦୮ରେ ମୀରା ବିବିସିର 'ବିଉଟିଫୁଲ୍ ପିପୁଲ'ଠାରୁ ଆରମ୍ଭ କରି ଚର୍ଚ୍ଚିତ ଫିଲ୍ମ 'ପାଡିଂଟନ୍ ୨' (୨୦୧୭), 'ନାଟିଭିଟି ରକ୍ସ!' (୨୦୧୮), ୟେଷ୍ଟରଡେ (୨୦୧୯) ଏବଂ ସମ୍ପ୍ରତି 'ଟିନ୍‌ସେଲ ଟାଉନ୍' (୨୦୨୫)ରେ ଅଭିନୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୧୭ ମସିହାରେ ସେ ରୟାଲ ସୋସାଇଟି ଅଫ୍ ଲିଟରେଚର ଫେଲୋ ଏବଂ ୨୦୨୩ରେ ସେ ବାଫ୍ଟା ଫେଲୋଶିପ୍ ପୁରସ୍କାର ପାଇଥିଲେ। ସେ ତିନୋଟି ଉପନ୍ୟାସ ଲେଖିଛନ୍ତି। ତାଙ୍କ ପ୍ରଥମ ଉପନ୍ୟାସ 'ଅନିତା ଆଣ୍ଡ ମି' (୧୯୯୬) ତାଙ୍କୁ ବେଟି ଟ୍ରାସ୍କ ପୁରସ୍କାର ଜିତାଇଥିଲା। ଅନ୍ୟ ଉପନ୍ୟାସ 'ଲାଇଫ୍ ଇଜ୍ ନଟ୍ ଅଲ୍ ହା ହା ହୀ ହୀ' (୧୯୯୯) ଏବଂ 'ଦ ହାଉସ୍ ଅଫ୍ ହିଡେନ୍ ମଦର୍ସ' (୨୦୧୫) ସମୀକ୍ଷକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା।

କେବଳ ଲେଖା କିମ୍ବା ଅଭିନୟ ନୁହେଁ, ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ଆସିଛନ୍ତି। ୨୦୧୨ରେ ନିଜ ପିତାଙ୍କର ଡିମେନ୍ସିଆ ରୋଗ ବିଷୟରେ ଜଣାପଡ଼ିବା ପରେ ଦାତବ୍ୟ ସଂସ୍ଥାରୁ ସେ ବହୁ ସାହାଯ୍ୟ ପାଇଥିଲେ। ତେଣୁ ୨୦୧୩ରେ ଶିଖିବା ଅକ୍ଷମତା ଏବଂ ଅଟିଜମ୍ ଥିବା ଇହୁଦୀ ଶିଶୁ, ଯୁବକ ଓ ପ୍ରାପ୍ତବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଦାତବ୍ୟ ସଂସ୍ଥା 'କିସାରୋନ୍' ସହ ନିଜକୁ ସାମିଲ କରିଥିଲେ।

ମୀରାଙ୍କ ବ୍ୟକ୍ତିଗତ ଜୀବନ କହିଲେ ୧୯୮୯ରେ ସାମ୍ବାଦିକ ଶେଖର ଭାଟିଆଙ୍କୁ ବିବାହ କରିଥିଲେ। କିନ୍ତୁ ୨୦୦୨ରେ ସେମାନଙ୍କ ବିବାହ ବିଚ୍ଛେଦ ହୋଇଥିଲା। ସେମାନଙ୍କର ଝିଅ ମିଲି ଭାଟିଆ ରୟାଲ କୋର୍ଟ ଥିଏଟରର ଆସୋସିଏଟ୍ ଡାଇରେକ୍ଟର ଅଛନ୍ତି। ୨୦୦୫ ଜାନୁଆରୀରେ ମୀରା ନିଜର ଘନିଷ୍ଠ ସହଯୋଗୀ ସଞ୍ଜୀବ ଭାସ୍କରଙ୍କୁ ବିବାହ କରିଥିଲେ, ଯିଏ 'ଦ କୁମାର୍ସ ଏଟ୍ ନଂ ୪୨'ରେ ତାଙ୍କର ନାତି ଚରିତ୍ରରେ ଅଭିନୟ କରିଥିଲେ। ଏହି ବିବାହରୁ ତାଙ୍କର ପୁଅଟିଏ ଅଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆମେରିକାରୁ ଚାକିରି ଛାଡ଼ି ପୁଣେର ଇଞ୍ଜିନିୟର ରାହୁଲ ପଶ୍ଚିମଘାଟ ପର୍ବତମାଳା ଆଖପାଖର ଅନେକ ଗାଁରେ ବୋରୱେଲଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଫଳରେ ଜଳ ସମସ୍ୟା ଆଉ ନାହିଁ, ଲୋକେ ପ୍ରଚୁର ପାଣି ପାଇପାରୁଛନ୍ତି। ଚାଷ ମଧ୍ୟ ସୁରୁଖୁରୁରେ ଚାଲୁଛି। କେବଳ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳ ନୁହେଁ ଅନ୍ୟ ସବୁ ରାଜ୍ୟରେ ଏଯାବତ ସେ ୪୦୦ରୁ ଊର୍ଦ୍ଧ୍ୱ ବୋରୱେଲ ମରାମତି କରିସାରିଲେଣି। ନୂଆ ବୋରୱେଲ କରିବାରେ ଯେତିକି ଖର୍ଚ୍ଚ ଲାଗୁଛି ତାହାଠାରୁ ବହୁତ କମ୍ ଖର୍ଚ୍ଚରେ ପୁନରୁଦ୍ଧାର ହୋଇପାରୁଛି। କେବଳ ଭାରତ ନୁହେଁ, ଦକ୍ଷିଣ ଆଫ୍ରିକାରେ ମଧ୍ୟ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ବୋରୱେଲର ପୁନରୁଦ୍ଧାର ରୋବୋ ସାହାଯ୍ୟରେ କରାଯାଉଛି। 'ରୋହିଣୀ ନିଲେକାନି ଆର୍ଘ୍ୟାମ ଫାଉଣ୍ଡେଶନ' ଦ୍ୱାରା ସେ ଏହି କାର୍ଯ୍ୟ କରୁଛନ୍ତି। ଆମେରିକାରୁ ଫେରିବା ପରେ ଚାଷ କରିବା ସମୟରେ ସେ ତାଙ୍କ ଅଞ୍ଚଳର ଜଳାଭାବ ସ୍ଥିତି ଦେଖି ତାହା ଦୂର କରିବା ସକାଶେ ଯୋଜନା ପ୍ରସ୍ତୁତ କରିଥିଲେ। ରାହୁଲ ମଧ୍ୟ ଦେଶର ହାଇଡ୍ରୋଲୋଜିଷ୍ଟମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଜାନୁଆରୀ ୧୯୭୭

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଧଉଳିଠାରେ ଅନ୍ତଃସ୍ଥଳୀୟ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ ମଧୁର ଜଳ ବିଜ୍ଞାନ ଅନୁସନ୍ଧାନ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରବୀଣ କଂଗ୍ରେସ ନେତା ଅଜିତ ପ୍ରସାଦ ଜୈନଙ୍କ ୭୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କାଶବନ କହେ, ବାରେ
ଭୁଲିଯାଅ ପଥ ଆରେ
ରହିଯାଅ ସାବଧାନ ପାନ୍ଥ !
ଧରାରେ ଖେଳୁଛି ଛବି କାନ୍ତ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶାରଳା ମନ୍ଦିରରେ ଶୃଙ୍ଖଳା ରହୁ

ମହାଶୟ,

ଜଗତ୍‌ସିଂହପୁର ଜିଲାର କନକପୁରଠାରେ ମା' ଶାରଳା ଠାକୁରାଣୀଙ୍କ ମନ୍ଦିର। ପ୍ରତିଦିନ ହଜାର ହଜାର ଲୋକ ମା'ଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। କେତେକ ରାଉଳ ଅଛନ୍ତି ଯାତ୍ରୀମାନଙ୍କଠାରୁ ଦକ୍ଷିଣା ନେଲାବେଳେ ଏଭଳି ଜୁଲମ କରୁଛନ୍ତି ଲୋକେ ଆଉ ମନ୍ଦିରକୁ ଯିବେ ନାହିଁ ବୋଲି ସେଠାରେ ରୋକ୍‌ଠୋକ୍ କହି ଦେଉଛନ୍ତି। ଭକ୍ତମାନଙ୍କର ଭାବାବେଗକୁ ସେମାନେ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛନ୍ତି। ଏହାକୁ ଛୋଟ କଥା ନ ଭାବି ସରକାର ଭକ୍ତମାନଙ୍କର ସୁବିଧା ଲାଗି ଭୋଗ ଓ ଶାଢ଼ିଚଢ଼ା ଇତ୍ୟାଦି ଲାଗି ଏକ ରେଟ୍‌ଚାର୍ଟ ସିଂହଦ୍ୱାର ନିକଟରେ ଲଗାନ୍ତୁ ଏବଂ ଏକ କାଉଣ୍ଟରର ବ୍ୟବସ୍ଥା କରି ଅର୍ଥ ଆଦାୟ କରି ଟିକେଟିଏ ଦେବାର ବ୍ୟବସ୍ଥା କରନ୍ତୁ, ଭକ୍ତମାନେ ସେହି ଟିକେଟ ଦେଖାଇ ମନ୍ଦିରରେ ପୂଜା କରାଇ ଆସନ୍ତୁ। ଏହାଦ୍ୱାରା ଶୃଙ୍ଖଳା ରକ୍ଷା ହୋଇପାରିବ। ତାହା ନ ହେଲେ ରାଉଳମାନେ ସର୍ବ ସମକ୍ଷରେ ପାଟିତୁଣ୍ଡ କରି ଅର୍ଥ ଆଦାୟ କରୁଛନ୍ତି ଏବଂ କେତେକ ରାଉଳ ଏହାକୁ ସମର୍ଥନ କଲାବେଳେ ଆଉ କେତେକ ଏହାକୁ ନାପସନ୍ଦ କରୁଛନ୍ତି। ଅନେକ ଭକ୍ତ ଶୋଷଣର ଶିକାର ହୋଇ ବୀତସ୍ପୃହ ହୋଇଯାଉଛନ୍ତି। ରାଉଳମାନଙ୍କୁ ଏରିଆ ବାଣ୍ଟି ଦିଆଯାଇଥିବାରୁ ଅନ୍ୟ ରାଉଳ ତାଙ୍କର ଭୋଗ କିମ୍ବା ପୂଜା କରିପାରୁ ନାହାନ୍ତି। ସରକାର ଏ ସମ୍ପର୍କରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ଏବଂ ବିଶ୍ୱାସ।

**–ଅକ୍ଷୟ କୁମାର ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଲାବାରର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' ଉନ୍ମୋଚିତ



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଚନ୍ଦ୍ରଶେଖରପୁର ଷ୍ଟୋରରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କଲେକ୍ସନର ଉନ୍ମୋଚନ କରାଯାଇଛି। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର,୩।୧(ଅନୁରାଧା ମହାରଣା)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଚନ୍ଦ୍ରଶେଖରପୁର ଷ୍ଟୋରରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କଲେକ୍ସନର ଉନ୍ମୋଚନ କରାଯାଇଛି। ସ୍ୱତନ୍ତ୍ର ଶୈଳୀ ଗଢ଼ା ଯାଇଥିବା ସୁନା ଓ ହୀରା ଗହଣା ଏହି କଲେକ୍ସନରେ ଅନ୍ତର୍ଭୁକ୍ତ ରହିଛି। ବିବାହ ଋତୁକୁ ଦୃଷ୍ଟିରେ ରଖି ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ଗୁଞ୍ଜନ ମେକ୍ଅପ୍ ଷ୍ଟୁଡିଓ ଆଣ୍ଡ ଷ୍ଟାଇଲିଂ ଆଲେମାଏରର ଫାଉଣ୍ଡର ପଦ୍ମିନୀ ପୁରୋହିତ ଯୋଗଦେଇଥିଲେ। ଏହି ଅବସରରେ ମଡେଲମାନେ ମାଲାବାରର ସ୍ୱତନ୍ତ୍ର ଗହଣା କଲେକ୍ସନ ସହିତ ୬ ପ୍ରକାର ବିବାହ ପରମ୍ପରାକୁ ପ୍ରଦର୍ଶନ କରିଥିଲେ। ଓଡ଼ିଆ, ବଙ୍ଗାଳୀ, ମରାଠୀ, ପଞ୍ଜାବୀ, ଗୁଜରାଟୀ ଏବଂ ଖ୍ରୀଷ୍ଟିଆନ୍ ପରମ୍ପରାର ଆଭୂଷଣ ପରିଧାନକରି ମଡେଲମାନେ ର୍ୟାମ୍ପ ୱାକ୍ କରିଥିଲେ, ଯାହାକି ଗ୍ରାହକମାନଙ୍କ ମନକୁ ଛୁଇଁଥିଲା। କାର୍ଯ୍ୟକ୍ରମରେ ଜୋ'ନ୍ମ ମ୍ୟାନେଜର ଗୌରୀଶଙ୍କର ଆଚାର୍ଯ୍ୟ, ସିଦ୍ଧେଶ୍ୱର ରଥ ପ୍ରମୁଖ ଉପସ୍ଥିତ ଥିଲେ। ମାଲାବାରର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ପ୍ରତି ବର୍ଷ ଏହି କ୍ୟାମ୍ପେନ ମାଧ୍ୟମରେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟବର୍ତ୍ତୀ ହୋଇପାରିଥିବାରୁ ଉତ୍ସାହିତ ଅଛୁ। ସୂଚନା ଥାଉକି, ସାରା ଦେଶରେ ମାଲାବାରର ୧୪ତମ ସଂସ୍କରଣର ଶୁଭାରମ୍ଭ ଅବସରରେ ୨୨ କନ୍ୟା ଓ ୧୦ ସେଲିବ୍ରିଟିଙ୍କୁ ଏକତ୍ରିତ କରାଯାଇଛି। ଅଭିନେତା ସବ୍ୟସାଚୀ ମିଶ୍ର, ଆଲିଆ ଭଟ୍ଟ, କରୀନା କପୁର ଖାନ, ଏନ୍‌ଟିଆର, କାର୍ତ୍ତୀ, ଅନିଲ କପୁର, ଶ୍ରୀନିଧି ଶେଟ୍ଟୀ, ରୁକ୍ମିଣୀ ମିତ୍ର, ପ୍ରାର୍ଥନା ବେହେରେ ଏବଂ ମାନସୀ ପାରେଖ ଏହି କ୍ୟାମ୍ପେନର ଅଂଶ ହୋଇଛନ୍ତି। ଏହାସହ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫର ମଧ୍ୟ ଘୋଷଣା କରାଯାଇଛି। ଡାଇମଣ୍ଡ ଭାଲ୍ୟୁ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି।

# ଏସି, କିଚେନ୍ ଆପ୍ଲାଏନ୍ସର ଦରବୃଦ୍ଧି ଆଶଙ୍କା

ଭୁବନେଶ୍ୱର,୩।୧(ଅନୁରାଧା ମହାରଣା)

୨୦୨୬ରେ ଏୟାର କଣ୍ଡିସନରଠାରୁ ଆରମ୍ଭ କରି ରୋଷେଇ ଘର ଉପକରଣ ପର୍ଯ୍ୟନ୍ତ ସବୁଥିରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଶିଳ୍ପ ସାମଗ୍ରୀର ବୃଦ୍ଧି ସାଧାରଣ ଗ୍ରାହକଙ୍କ ପକେଟକୁ ପ୍ରଭାବିତ କରିପାରେ। ଅନେକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ତମ୍ବା ଓ ଅନ୍ୟାନ୍ୟ ଧାତୁଗୁଡ଼ିକର ମୂଲ୍ୟ ଆଶାଠାରୁ ଅଧିକ ହୋଇଥିବାରୁ ଅନେକ ନିର୍ମାତା କମ୍ପାନୀଙ୍କର ଇନପୁଟ ଖର୍ଚ୍ଚ ବୃଦ୍ଧି କରିଛନ୍ତି ଏବଂ ଏହି ବୋଝକୁ ଆଂଶିକ ବହନ କରିବାକୁ ଅସମର୍ଥ, ଯାହା ଫଳରେ ଏସି, କିଚେନ୍ ଆପ୍ଲାଏନ୍ସ, ବାଥ ଫିଟିଂ ଏବଂ ରୋଷେଇ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇପାରେ। ଅନ୍ତର୍ଜାତୀୟ ବଜାରରେ ଆଲୁମିନିୟମ ମୂଲ୍ୟ ଟନ ପ୍ରତି ୩,୦୦୦ ଡଲାର ଅତିକ୍ରମ କରିଛି, ଯାହା ତିନି ବର୍ଷ ମଧ୍ୟରେ ସର୍ବାଧିକ। ତମ୍ବା ମୂଲ୍ୟ ଟନ ପ୍ରତି ୧୨,୦୦୦ ଡଲାର ସର୍ବକାଳୀନ ସର୍ବାଧିକ ମୂଲ୍ୟ ଅତିକ୍ରମ କରିଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ତମ୍ବା ମୂଲ୍ୟ ସମ୍ପ୍ରତି ୧,୩୦୦ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିଛି। ଅନେକ ନିର୍ମାତା ମାର୍ଜିନ ବଜାୟ ରଖିବା ପାଇଁ ମୂଲ୍ୟ ୫ରୁ ୮% ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ଆର୍ଥିକ ବର୍ଷ ଆରମ୍ଭରୁ ତମ୍ବା-ଆଧାରିତ ଧାତୁ, ପିତ୍ତଳର ମୂଲ୍ୟ ଦୁଇ ଅଙ୍କ ବୃଦ୍ଧି ପାଇଥିବାରୁ ବାଥୱେର୍ କମ୍ପାନୀଗୁଡ଼ିକ ମଧ୍ୟ ଚାପର ସମ୍ମୁଖୀନ ହେଉଛନ୍ତି। ବାରୟାର ଯୋଗାଣ ମଧ୍ୟରେ ତମ୍ବା ୨୦୦୯ ପରଠାରୁ ସର୍ବାଧିକ ବାର୍ଷିକ ବୃଦ୍ଧି ପାଇଛି।

# 'ପ୍ରଗତି'ର ରୌପ୍ୟ ଜୟନ୍ତୀ ପାଳିତ

ଭୁବନେଶ୍ୱର,୩।୧


ପ୍ରଗତିର ରୌପ୍ୟ ଜୟନ୍ତୀ ପାଳନ ଉତ୍ସବରେ ଅତିଥିମାନେ ସ୍ମରଣିକା 'ସିଲଭର ସ୍ପାର୍କ' ଉନ୍ମୋଚନ କରୁଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

ପ୍ରଗତି କମ୍ପାନୀର ରୌପ୍ୟ ଜୟନ୍ତୀ ସମାରୋହ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୁଗ୍ଧ ସଂଗ୍ରହ କ୍ଷେତ୍ରରେ ପ୍ରଗତିର ଅବଦାନ ଉପରେ ଆଲୋକପାତ କରିଥିଲେ। ଯେକୌଣସି କାର୍ଯ୍ୟ କରନ୍ତୁ ସ୍ୱଚ୍ଛ ମନ ଓ କଠୋର ପରିଶ୍ରମ ସଫଳତା ଆଣିଦିଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଶିଳ୍ପ ନିର୍ଦ୍ଦେଶକ ଅବୋଲି ନରୱାନେ ଯୋଗଦେଇ କହିଥିଲେ, ଏକ କ୍ଷୁଦ୍ରଶିଳ୍ପ କିପରି ବୃହତ୍ ଶିଳ୍ପରେ ପରିଣତ ହୋଇପାରେ ପ୍ରଗତି ତା'ର ଉଦାହରଣ। ଅନୁଷ୍ଠାନର ଉପଦେଷ୍ଟା କ୍ୟାପ୍ଟେନ ନିର୍ମଳ ଚନ୍ଦ୍ର ରାଉତ ଓ ପ୍ରଗତି କମ୍ପାନୀର ସଙ୍ଗୀତ ପରିବେଷଣ ରିଭାକର୍ଷକ ପରିଚାଳନା ନିର୍ଦ୍ଦେଶକ ପ୍ରକାଶ କୁମାର ରାଉତ ପ୍ରଗତି ଯାତ୍ରାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇଥିବାବେଳେ ଅସୀମା ପଣ୍ଡା ଓ ତାଙ୍କ ଟିମ୍‌ର ସଙ୍ଗୀତ ପରିବେଷଣ ଚିତ୍ତାକର୍ଷକ ରହିଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଏବଂ ବ୍ୟବସାୟୀଙ୍କ ସହଯୋଗୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ନଭେମ୍ବରରେ ଜିଓର ୧ ଲକ୍ଷ ୮୫ ହଜାର ନୂଆ ଗ୍ରାହକ

ଭୁବନେଶ୍ୱର,୩।୧(ଅନୁରାଧା ମହାରଣା)

ରିଲାଏନ୍ସ ଜିଓ ନଭେମ୍ବର ମାସରେ ୱାୟରଲେସ, ୱାୟରଲାଇନ ଏବଂ ଫିକ୍ସଡ ୱାୟରଲେସ ଆକ୍ସେସ (ଏଫ୍‌ଡବ୍ଲ୍ୟୁଏ) କ୍ଷେତ୍ରରେ ସର୍ବାଧିକ ୧ ଲକ୍ଷ ୮୫ ହଜାର ନୂତନ ଗ୍ରାହକ ଯୋଡ଼ିଛି। ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ନଭେମ୍ବର ମାସରେ ଓଡ଼ିଶାରେ ସର୍ବାଧିକ ୧ ଲକ୍ଷ ୫୯ ହଜାରରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଏବଂ ୨୫୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ନଭେମ୍ବର ମାସରେ ଜିଓ ଓଡ଼ିଶାରେ ୧.୫୯ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବା ବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ସମାନ ସମୟରେ ୧୦୦୦୦ରୁ ଅଧିକ ମୋବାଇଲ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡ଼ିଛି।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବିରୋଧରେ ଆନ୍ଦୋଳନ

ଭୁବନେଶ୍ୱର,୩।୧(ଅନୁରାଧା ମହାରଣା)




ଦୀର୍ଘଦିନ ଧରି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ପଡ଼ିରହିଥିବା ଦାବିଗୁଡ଼ିକୁ ପୂରଣ ପାଇଁ ବିଭିନ୍ନ ମାଧ୍ୟମରେ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ତାହାର ସମାଧାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ଧ୍ୟାନ ଦେଉ ନ ଥିବା ଅଭିଯୋଗରେ ଏଆଇଆରଆରବିଆରଡବ୍ଲ୍ୟୁଏସ୍ ଓଡ଼ିଶା ଶାଖାର କର୍ମକର୍ତ୍ତା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅନ୍ୟାୟକୁ ପ୍ରତିବାଦକରି ଓ ନ୍ୟାୟ ଦାବିଗୁଡ଼ିକୁ ପୂରଣ ପାଇଁ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୁପ୍ରିମକୋର୍ଟଙ୍କ ଏସ୍‌ଏଲ୍‌ପି କେସ୍ ନଂ ୩୯୨୮୮/୨୦୧୨ ଓ ସିପି ୧୭୯୮/୨୦୧୮ ଅନୁସାରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ କମ୍ପ୍ୟୁଟର ଇନକ୍ରିମେଣ୍ଟ ଓ ମୂଳ ପେନ୍‌ସନର ବକେୟା ପ୍ରଦାନ କରିବାର ଆଦେଶ ଥିଲେ ମଧ୍ୟ ତାହା ସମସ୍ତ କ୍ଷେତ୍ରରେ ଅନୁପାଳନ କରାଯାଇନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ୧୨୦୧୮ ଏପ୍ରିଲଠାରୁ ସମସ୍ତ ବକେୟା ପ୍ରଦାନ କରିବାକୁ ଦାବି କରାଯାଇଛି। କମ୍ପ୍ୟୁଟର ଇନକ୍ରିମେଣ୍ଟ ବକେୟା ପ୍ରଦାନ ବାବଦରୁ କଟା ଯାଇଥିବା ଅଧିକ ଇନକମ୍ ଟ୍ୟାକ୍ସ ତୁରନ୍ତ ସୁଧ ସହ ଫେରସ୍ତ ଏବଂ କମ୍ପ୍ୟୁଟର ଇନକ୍ରିମେଣ୍ଟ ଲାଗୁ ପରେ ବର୍ଦ୍ଧିତ ପେନ୍‌ସନ ଉପରେ ଗ୍ରାଚ୍ୟୁଇଟି, କମ୍ୟୁଟେସନ ଓ ଏକ୍ସଗ୍ରାସିଆ ପ୍ରଦାନ କରିବା ପାଇଁ ମଧ୍ୟ ଦାବି କରାଯାଇଛି। ପେନ୍‌ସନଧାରୀଙ୍କ ମୃତ୍ୟୁପରେ ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ତୁରନ୍ତ ଫ୍ୟାମିଲି ପେନ୍‌ସନ ପ୍ରଦାନ କରାଯାଉ। ଯଦି ଦାବିଗୁଡ଼ିକୁ ତୁରନ୍ତ ପୂରଣ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଉଦାସୀନ ମନୋଭାବ ପୋଷଣ କରନ୍ତି ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଘର ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ଚେତାବନୀ ଦେଇଛନ୍ତି।

# ଡିସେମ୍ବର ସୁଦ୍ଧା ୨୪.୮୮ ମିଲିଅନ ଟନ୍ ଲୌହ ଧାତୁ ଉତ୍ପାଦନ

ଭୁବନେଶ୍ୱର,୩।୧(ଅନୁରାଧା ମହାରଣା)



ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଖଣିଜ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି କରିଛି। ଡିସେମ୍ବର ୩୧ ପର୍ଯ୍ୟନ୍ତ ଲୁହାପଥର ଉତ୍ପାଦନ ୨୪.୮୮ ମିଲିଅନ ଟନ୍ (ଏମ୍‌ଟି)ରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକ ବର୍ଷ ଡା ୨୦୨୪-୨୫ ବର୍ଷର ଉତ୍ପାଦନ ସୁଦ୍ଧା ହୋଇଥିବା ଉତ୍ପାଦନକୁ ଅତିକ୍ରମ କରିଛି। ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଅଧୀନ ଓଏମ୍‌ସି ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୁଦାୟ ୨୯.୦୩ ମିଲିଅନ ଟନ୍ (ଲୁହାପଥର, କ୍ରୋମ୍, ବକ୍ସାଇଟ ଓ ଅନ୍ୟାନ୍ୟ) ଖଣିଜ ଉତ୍ପାଦନ କରିଛି। ଏହି ଦୃଢ଼ କାର୍ଯ୍ୟଦକ୍ଷତା ଓଏମ୍‌ସିକୁ ଦେଶର ଅଗ୍ରଣୀ ମାଇନିଂ କମ୍ପାନୀଗୁଡ଼ିକ ମଧ୍ୟରେ ନିଜ ସ୍ଥାନକୁ ସୁଦୃଢ଼ କରିବା ସହ ଆର୍ଥିକ ବର୍ଷ ୨୦୨୫-୨୬ ରେ ନୂତନ ଉତ୍ପାଦନ ମାଇଲଷ୍ଟୋନ ସୃଷ୍ଟି ପାଇଁ ସହାୟକ ହେବ। ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସରେ ଓଏମ୍‌ସିର କାର୍ଯ୍ୟଦକ୍ଷତା ଏହି ଉର୍ଦ୍ଧ୍ୱଗାମୀ ଧାରାକୁ ଆହୁରି ସ୍ପଷ୍ଟ କରିଛି। ତୃତୀୟ ତ୍ରୈମାସରେ କର୍ପୋରେସନ ସମୁଦାୟ ୧୨.୯୪ ମିଲିଅନ ଟନ ଖଣିଜ ଉତ୍ପାଦନ କରିଛି, ଯାହା ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସରେ (୯.୮୪ ମିଲିଅନ ଟନ୍) ତୁଳନାରେ ପ୍ରାୟ ୩୧.୫% ବୃଦ୍ଧି। ୨୦୨୫-୨୬ର ତୃତୀୟ ତ୍ରୈମାସରେ ଉତ୍ପାଦନରେ ୧୧.୨୩ ମିଲିଅନ ଟନ୍ ଲୁହା ପଥର, ୦.୪୯ ମିଲିଅନ ଟନ୍ କ୍ରୋମ୍, ୧.୧୫ ମିଲିଅନ ଟନ୍ ବକ୍ସାଇଟ ଓ ୦.୦୭ ମିଲିଅନ ଟନ୍ ଅନ୍ୟାନ୍ୟ ଖଣିଜ ରହିଛି।

# ୪ ଟ୍ରେନ୍ ବାତିଲ, ୩ର ଗତିପଥ ପରିବର୍ତ୍ତନ

ଭୁବନେଶ୍ୱର,୩।୧(ଅନୁରାଧା ମହାରଣା)

ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର-ସରଲା ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ୪ ଟ୍ରେନ୍ ବାତିଲ କରାଯାଇଥିବାବେଳେ ୩ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ୫୮୨୧୩ ଟିଟଲାଗଡ଼-ବିଲାସପୁର ପାସେଞ୍ଜର (ଜେସିଓ) ଓ ୫୮୨୧୮ ରାୟପୁର-ଟିଟଲାଗଡ଼ ପାସେଞ୍ଜର (ଜେସିଓ) ରବିବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ୫୮୨୧୪ ବିଲାସପୁର-ଟିଟଲାଗଡ଼ ପାସେଞ୍ଜର (ଜେସିଓ) ଓ ୫୮୨୧୭ ଟିଟଲାଗଡ଼-ରାୟପୁର ପାସେଞ୍ଜର (ଜେସିଓ) ମଧ୍ୟ ୫ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ଅନ୍ୟପଟେ ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ (ଜେସିଓ) ୬ ତାରିଖ ପର୍ଯ୍ୟନ୍ତ ସରଲା-ସମ୍ବଲପୁର-ସମ୍ବଲପୁର ସିଟି ରୁଟ୍ ପରିବର୍ତ୍ତେ ସରଲା-ସମ୍ବଲପୁର ସିଟି ରୁଟ୍ ଦେଇ ଚଳାଚଳ କରିବ। ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ (ଜେସିଓ) ୬ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସିଟି-ସମ୍ବଲପୁର-ସରଲା ରୁଟ୍ ପରିବର୍ତ୍ତେ ସମ୍ବଲପୁର ସିଟି-ସରଲା ରୁଟ୍‌ଦେଇ ଚଳାଚଳ କରିବ। ଟ୍ରେନ୍ ନମ୍ବର ୨୦୮୦୭ ବିଶାଖାପାଟଣା-ଅମୃତସର ଏକ୍ସପ୍ରେସ (ଜେସିଓ) ୬ ତାରିଖରେ ସମ୍ବଲପୁର ସିଟି-ସମ୍ବଲପୁର-ସରଲା ପରିବର୍ତ୍ତେ ସମ୍ବଲପୁର ସିଟି-ସରଲା ରୁଟ୍‌ଦେଇ ଚଳାଚଳ କରିବ।


## ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ, ଜିଲ୍ଲା: ଭଦ୍ରକ

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଦ୍ରକ ଅନ୍ତର୍ଗତ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା୦୫।୦୧।୨୦୨୬ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିର୍ଦ୍ଧାରିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଦେଶୀ ଚାଷୀ ଭାଇ ଓ ଭଉଣୀମାନଙ୍କୁ ତାଙ୍କର ଉତ୍ପାଦିତ ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (WSHG)ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ।"

| ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ |
|---|---|---|---|---|
| ସୋମବାର | ମଙ୍ଗଳବାର | ବୁଧବାର | ଶୁକ୍ରବାର | ଶନିବାର |

ସମୟ: ସକାଳ ୮ଘଟିକାରୁ ଦିବା ୨ ଘଟିକା ମଧ୍ୟରେ ଧାନ ବିକ୍ରୟ କରିପାରିବେ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ରୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪%ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା - ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

### :ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା:

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |

ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରିମ ଟୋକନ) ପ୍ରେରଣ କରାଯିବ, ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରିମ ଟୋକନ ପାଇଲା ପରେ ସମ୍ପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଚଳିତ ବର୍ଷ ଟୋକନରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ। ବିନା ଟୋକନରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜୀକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ରରେ ସଂଯୁକ୍ତ ହୋଇଥିବା ଫୋନ ନମ୍ବରକୁ ଅଗ୍ରିମ ଟୋକନ ଆସିବ। ଚେକିଷ୍ଟିକୁ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜୀକୃତ ହୋଇଥିବା ମୋ. ନଂ.ରୁ ଟୋଲ୍ ଫ୍ରି ନଂ. 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

I.V.R.S. ପଦ୍ଧତିରେ :-
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
୬ ନମ୍ବର ଚୟନ କଲେ ଟୋକନର ସ୍ଥିତି ଜାଣିପାରିବେ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସ୍ୱା./- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

ସ୍ୱା./- ଉପଜିଲ୍ଲାପାଳ ଭଦ୍ରକ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-42, ତା.22.12.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ... (CIBs, TIBs) ...

ଟେଣ୍ଡର ମୂଲ୍ୟ (₹): 5,65,99,991.60, ବିଡ୍ ସିକ୍ୟୁରିଟି (₹): 4,33,000.00।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.01.2026 ରିଖ 1100 ଘଟିକାରେ

... https://www.ireps.gov.in ...

PR-965/Q/25-26

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 63/ET/SBP/ENGG/2025-26, ତା.26.12.2025ରିଖ

(1) ଇ-ଟେଣ୍ଡର ସଂ. 63-eT-DENC-SBP-25 ... CCTV ... RPF ...
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,26,04,152.36, ବିଡ୍ ସିକ୍ୟୁରିଟି : ₹ 2,13,100/-

(2) ଇ-ଟେଣ୍ଡର ସଂ. 64-eT-DENC-SBP-25 ... CCTV ... GRP ... RPF ...
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2,15,61,223.39, ବିଡ୍ ସିକ୍ୟୁରିଟି : ₹ 2,57,900/-

କାର୍ଯ୍ୟ ଶେଷ କରିବା ଅବଧି : 10 (ଦଶ) ମାସ (କ୍ରମ ସଂ. 1 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 19.01.2026, 1500 ଘଟିକା ...

... www.ireps.gov.in ...

PR-970/Q/25-26



## PANCHAYAT SAMITI OFFICE, PHULBANI

Tel : (06842)253671, E-Mail : ori-bphulbani@nic.in

### TENDER CALL NOTICE

No.15//Date.03.01.2026

The Block Development Officer, Phulbani, District-Kandhamal on behalf of Governor of Odisha invites sealed tender in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the state governments and Contractors of equivalent Grades/class registered with central Government/ MES Railways to be eventually drawn up in PWD P-1 Agreement form, for execution of culverts/Buildings i.e. civil works. The proof of registration from the appropriate authority shall be enclosed along with the BID. If successful, the bidder who has not registered under state government has to register under the state PWD in the appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approx vale of work (in Rs.) | Period of completion | Class of contractor | Bid Security @1% | Cost of BID document | Scheme |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of CDPO Office Building | 21,82,112/- | 6 (Six) calendar Month | B & C | 22,000/- | 5000/- | WCDMS |

SCHEDULE :-

| | |
|---|---|
| Place & date of Receipt of Tender Papers by Bidders | Sale of Bid documents starts From Dt.03.01.26 at 10 A.M. and close on Dt.17.01.26 up to 5.30 P.M. (in working days & working hours) at panchayat Samiti, Phulbani<br>Can be downloaded from www.kandhamal.odisha.gov.in from dt.03.01.26 at 10.00 A.M. and close on dated 17.01.26 up to 5.30 P.M.<br>Bid document shall be received by this agency up to 1.00 P.M on date 19.01.26 through Registered Post/Speed Post only |
| Place & date of opening of Tender papers | Dated 19.01.2026 at 4.00 P.M. in the office of the Block Development Officer, Panchayat Samiti Office, Phulbani |

Sd./- Block Development Officer
Panchayat Samiti, Phulbani



## ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ - ଦେଶ ନିମନ୍ତେ "ମଧ୍ୟସ୍ଥତା ୨.୦"

No. W-55: "ମଧ୍ୟସ୍ଥତା" ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର ପକ୍ଷ ରଖୁଥିବା ତାଲିମପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ଖୋଲାଖୋଲି ଆଲୋଚନା କରିପାରିବେ। ମାମଲାର ବୃହତ୍ତାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।

ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:-

- ଘରୋଇ ହିଂସା ଓ ଯୌତୁକ ନିର୍ଯ୍ୟାତନା (ଧାରା ୪୯୮A/IPC/୮୫ BNS) ସମେତ ସମସ୍ତ ପାରିବାରିକ ବିବାଦ।
- ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ।
- ଚେକ୍ ବାଉନ୍ସ ମାମଲା
- ଉଚ୍ଛେଦ ମାମଲା
- ନିଯୁକ୍ତି ସମ୍ବନ୍ଧୀୟ ଉପଯୁକ୍ତ ମାମଲା
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ରଫାଯୋଗ୍ୟ ଫୌଜଦାରି ମାମଲା
- ଶ୍ରମିକ ଅଧିନିୟମ ସମ୍ପର୍କୀୟ ମାମଲା
- ଚୁକ୍ତି ଅଧିନିୟମ ସମ୍ପର୍କୀୟ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ଭୂ-ଅଧିଗ୍ରହଣଜନିତ ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ

ଓ ଉପଯୁକ୍ତ ଅନ୍ୟାନ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।

ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ପୁନର୍ବାର ଅଭିଯାନ ଚାଲୁଅଛି। ଯାହାକି ଦେଶ ନିମନ୍ତେ "ମଧ୍ୟସ୍ଥତା ୨.୦" ନାମରେ ନାମିତ ହୋଇଛି। ଏହି ଅଭିଯାନ ୦୨।୦୧।୨୦୨୬ ତାରିଖଠାରୁ ଆରମ୍ଭ ହୋଇଛି। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ଅଧିକ ବିବରଣୀ ପାଇଁ ଦେୟ ମୁକ୍ତ ନମ୍ବର – ୧୫୧୦୦ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ: ୯୪୩୮୬୭୮୫୮୬
e-mail ID: oslsa1997@gmail.com

OIPR-18008/11/0026/2526

**ପଥ ଉତ୍ସବ ପାଇଁ ଟ୍ରାଫିକ୍ କଟକଣା**

ଭୁବନେଶ୍ୱର,(ତ୍ରିନାଥ ମହାନ୍ତି): ମାଷ୍ଟର କ୍ୟାଣ୍ଟିନ୍‌ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ରବିବାର ସକାଳେ ପଥ ଉତ୍ସବ ଆୟୋଜିତ ହେବ। ସେଥିପାଇଁ ଉକ୍ତ ରାସ୍ତାରେ କମିଶନରେଟ୍ ପୋଲିସ ପକ୍ଷରୁ ଶନିବାର ରାତି୧୧ଟାରୁ ରବିବାର ସକାଳ ୧୧ଟା ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା ଜାରି କରାଯାଇଛି। କଟକଣା ସମୟ ମଧ୍ୟରେ ମାଷ୍ଟରକ୍ୟାଣ୍ଟିନରୁ ରାମ ମନ୍ଦିର ଛକ ପର୍ଯ୍ୟନ୍ତ କୌଣସି ଗାଡି ଚଳାଚଳ କରିବ ନାହିଁ।

## ନୂଆ ଓଡ଼ିଆ ଚଳଚ୍ଚିତ୍ର 'କୁଣ୍ଡଳୀ'ର ଶୁଭ ମହୁରତ

ଫୁଲନଖରା,୩।୧(ସତ୍ୟରଞ୍ଜନ ଦାସମହାପାତ୍ର)

ନୂତନ ଓଡ଼ିଆ ଚଳଚ୍ଚିତ୍ର 'କୁଣ୍ଡଳୀ'ର ଶୁଭ ମହୁରତ ମା' ଧାକୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଥଣ୍ଡରଫିଙ୍ଗେଲ ଫିଲ୍ମସ ଓ ଆମରା ମ୍ୟୁଜିକ୍‌ର ମିଳିତ ସହଯୋଗରେ ଏହା ନିର୍ମାଣ ହେବ। ନବାଗତା ପ୍ରଯୋଜିକା ବିଜୟଲକ୍ଷ୍ମୀ ନାୟକ ଏହାର ପ୍ରଯୋଜନା କରିବେ ଏବଂ ନବାଗତ ନିର୍ଦ୍ଦେଶକ ରୋହନଜିତ ଦାଶ ନିର୍ଦ୍ଦେଶନା ଦେବେ। ଅଭିନେତା ଜ୍ୟୋତି, ମୃଣ୍ମୟ, ଅଭିନେତ୍ରୀ ଅନନ୍ୟା, ଜସ୍ମିନ ପ୍ରମୁଖ ଅଭିନୟ କରିବେ। ଶୁଭ ମହୁରତ କାର୍ଯ୍ୟକ୍ରମରେ ପ୍ରଯୋଜିକା, ନିର୍ଦ୍ଦେଶକ ଓ କଳାକାରଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ଜ୍ଞାନ ବେହେରା, କାର୍ଯ୍ୟକାରୀ ପ୍ରଯୋଜକ ଶୁଭ୍ରାଂଶୁ ଶେଖର ମହାପାତ୍ର, ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଯୁବ ପ୍ରଯୋଜକ ହିମାଦ୍ରି ତନୟ ଦାସ, ଶକ୍ତି ବରାଳ, ଋଷି ପଟ୍ଟନାୟକ, କେ.କେ, ଭକ୍ତି ଦାସ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡିଆ ପ୍ଲାନର ପ୍ରଣୟ ଜେଠୀ, କାହାଣୀକାର ତଥା ସଂଳାପକାର ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କୁଣ୍ଡଳୀ ରଜରେ ମୁକ୍ତିଲାଭ କରିବ। ଏହା ଏକ ସସ୍‌ପେନ୍ସ, ହରର୍ ଫିଲ୍ମ ଓ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବ ବୋଲି ନିର୍ଦ୍ଦେଶକ ରୋହନଜିତ ଦାଶ କହିଛନ୍ତି।

# ନୂଆ ସହର ପାଇଁ ମାଷ୍ଟର ପ୍ଲାନ୍ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩।୧(ବନ୍ଦନା ସେଠୀ)

**ସିଙ୍ଗାପୁର କମ୍ପାନୀ ପ୍ରତିନିଧିଙ୍କ ସହ ଆଲୋଚନା କଲେ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ**



ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ବନ୍ଧରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମୀକ୍ଷା କରାଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଖାରବେଳ ଭବନଠାରେ ସିଙ୍ଗାପୁର କମ୍ପାନୀ ଶର୍ବଣ ଜୁରଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍ଚର ପିଟିଇ ଲିମିଟେଡ୍ ପ୍ରତିନିଧିମାନଙ୍କ ସହ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ସଚିବ ବିଡିଏକୁ ସମସ୍ତ ହିତଧାରକଙ୍କ ସହ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାଷ୍ଟର ପ୍ଲାନ ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ଭୁବନେଶ୍ୱରର ସୁସଂଯୋଜିତ, ସୁସ୍ଥିର ଓ ଭବିଷ୍ୟତମୁଖୀ ନଗର ଉନ୍ନୟନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ।

ପ୍ରକଳ୍ପ ଅନୁଯାୟୀ ଭୁବନେଶ୍ୱର ବିକାଶ ଯୋଜନା କ୍ଷେତ୍ର (ବିଡିପିଏ) ମଧ୍ୟରେ ଅବସ୍ଥିତ ଗୋଠପାଟଣା, ମଳିପଡ଼ା ଏବଂ ଦାସପୁର ମୌଜା ଅଞ୍ଚଳକୁ ଆବର୍ତ୍ତିତ କରି ପ୍ରାୟ ୮ଶହ ଏକର ଜମିରେ ନୂତନ ସହର ବିକାଶ କରାଯିବ। ଏହି ପ୍ରସ୍ତାବକୁ ୨୦୨୫ ସେପ୍ଟେମ୍ବର ୧୦ରେ ଆୟୋଜିତ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦନ ମିଳିଥିଲା। ସମ୍ପୃକ୍ତ ସିଙ୍ଗାପୁର କମ୍ପାନୀ ନୂତନ ସହର ମାଷ୍ଟର ପ୍ଲାନର ପ୍ରକଳ୍ପୀକରଣ କରି ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘକାଳୀନ ପର୍ଯ୍ୟାୟରେ ପ୍ରାଥମିକତା ଆଧାରିତ ପ୍ରକଳ୍ପଗୁଡ଼ିକ ଚିହ୍ନଟ କରିବେ। ଏଥିରେ ପ୍ରତ୍ୟେକ ପ୍ରକଳ୍ପର ଉଦ୍ଦେଶ୍ୟ, କାର୍ଯ୍ୟ କ୍ଷେତ୍ର, ସମୟସୀମା ଓ ଆଦର୍ଶ ନଗର ଆକୃତି ସ୍ପଷ୍ଟ କରାଯିବ। ଏହାସହ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ପାଇଁ ତାଙ୍କ ପକ୍ଷରୁ ପ୍ରାଯୁକ୍ତିକ ସହଯୋଗ ଯୋଗାଇ ଦିଆଯିବ। ଏହି ସେବା କ୍ଷେତ୍ରରେ ସମସ୍ତ ନଗର ଆକୃତି ଢାଞ୍ଚା ଓ ମାର୍ଗନିର୍ଦ୍ଦେଶିକା ପ୍ରସ୍ତୁତି ସାମିଲ ରହିଛି। ଏହା ନୂତନ ସହରର ସମଗ୍ର ଭୌଗୋଳିକ ଓ ବିକାଶ ଗଠନକୁ ସ୍ପଷ୍ଟ କରିବ ବୋଲି ସୂଚନା ଦିଆଯାଇଛି। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଲେ, ୨୦୨୫ ଜାନୁଆରୀ ୧୭ରେ ଭାରତରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ବିଡିଏ ଓ ଶର୍ବଣ ଜୁରଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍ଚର ପିଟିଇ ଲିମିଟେଡ୍ ମଧ୍ୟରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହରର ଯୋଜନା ଓ ବିକାଶ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ବିସ୍ତୃତ ଆଲୋଚନା ପରେ ନୂତନ ସହର ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ସେବା କ୍ଷେତ୍ରର ଖସଡ଼ାକୁ ଅନ୍ତିମ ରୂପ ଦିଆଯାଇଛି ବୋଲି ସେ ମତ ରଖିଥିଲେ।

## ଅଭିଯୁକ୍ତ ଗିରଫ ହେବାରୁ ଅଭିଯୋଗକାରୀଙ୍କ ଶାଳକଙ୍କୁ ମାଡ଼

ବାରଙ୍ଗ,୩।୧(ଲିଙ୍ଗରାଜ ରାଉତ)

**ବାଇକ୍ ଚୋରିକୁ ନେଇ ତୁମୁଳକାଣ୍ଡ**

ନନ୍ଦନକାନନ ଥାନା ଅଞ୍ଚଳରେ ବାଇକ୍ ଚୋରିକୁ ନେଇ ତୁମୁଳକାଣ୍ଡ ଘଟିଛି। ଥାନାରେ ଭିଣୋଇଙ୍କ ଏତଲା ପରେ ଶଳାଙ୍କୁ ବାଟରେ ଅଟକାଇ ଅଭିଯୁକ୍ତଙ୍କ ଭାଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗାଡ଼ି ଚୋରି ଅଭିଯୋଗରେ ନନ୍ଦନକାନନ ପୋଲିସ ପୂର୍ବରୁ କଲ୍ୟାଣପୁରସ୍ଥିତ ହରିଜନ ସାହିର ଦୀପକ ନାୟକଙ୍କୁ ଗିରଫ କରିଥିଲା। ଅପରପକ୍ଷେ ମାଡ଼ ମାରିବା ଘଟଣାରେ ଶନିବାର ଅଭିଯୁକ୍ତଙ୍କ ଭାଇ କୈଳାସ ନାୟକ (୩୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ପୋଲିସ ଥାନାରେ ମାମଲା (ନଂ. ୩/୨୬)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଡିସେମ୍ବର ୩୧ ତାରିଖ ସନ୍ଧ୍ୟାରେ କଲ୍ୟାଣପୁର ଗ୍ରାମ ଶଶୁର ଘରକୁ ବସୁଦେବ ବେହେରା ନୂଆ ବର୍ଷ ପାଇଁ ଆସିଥିଲେ। ରାତିରେ ଭୋଜନ ପରେ ସେ ନିଜ ମୋଟର ସାଇକେଲକୁ ଘର ସାମ୍ନାରେ ରଖିଥିଲେ। କିନ୍ତୁ ସକାଳେ ତାଙ୍କ ଗାଡ଼ି ସେଠାରେ ନ ଥିବାରୁ ଚୋରି ଆଶଙ୍କା କରି ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ଦୀପକଙ୍କୁ ଗିରଫ କରିଥିଲା। ଏହିଘଟଣାରେ ପରେ ଡିସେମ୍ବର ୨ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀଙ୍କ ଶଳା ପ୍ରକାଶ ନାୟକ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡରେ ଦୀପକଙ୍କ ବଡ଼ ଭାଇ କୈଳାସଙ୍କୁ ରାସ୍ତାରେ ଅଟକାଇ, ଭାଇ ନାମରେ କାହିଁକି ଅଭିଯୋଗ କରିଛୁ ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ବାଉଁଶ ବାଡିରେ ଆକ୍ରମଣ କରିଥିଲେ। ଫଳରେ ପ୍ରକାଶଙ୍କ ମୁଣ୍ଡର ଡାହାଣ ପାର୍ଶ୍ୱରେ ଆଘାତ ଲାଗି ଗଭୀର ରକ୍ତସ୍ରାବ ହୋଇ ଗୁରୁତର ହୋଇଥିଲେ। ପରେ ନିକଟସ୍ଥ ଲୋକମାନେ ଘଟଣାସ୍ଥଳକୁ ଆସିବାରୁ କୈଳାସ ଘଟଣାସ୍ଥଳରୁ ପଳାଇଯାଇଥିଲେ। ଖବର ପାଇ ପୋଲିସ ଆସି ଗୁରୁତର ପ୍ରକାଶଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ଏହି ଘଟଣାରେ ଥାନା ଅଧିକାରୀ ବିଭୂତି ଭୂଷଣ ମୁଦୁଲି ଘଟଣାର ତଦନ୍ତ କରୁଛନ୍ତି।

## ନୂତନ ଏନ୍‌ଏସି କାର୍ଯ୍ୟାଳୟ ନିର୍ମାଣ ହେବ: ମନ୍ତ୍ରୀ

ଭୁବନେଶ୍ୱର, ୩।୧ (ବନ୍ଦନା ସେଠୀ)

**୬ କୋଟି ଟଙ୍କା ବ୍ୟୟ ବରାଦ**

ରାଜ୍ୟର ବିଭିନ୍ନ ସହରଗୁଡିକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୨୫ ଡିସେମ୍ବର ୩୧ରେ ନୂଆ ୪ଟି ଏନ୍‌ଏସିକୁ ମିଶାଇ ସମୁଦାୟ ୨୮ଟି ଏନ୍‌ଏସି ମାନ୍ୟତା ପାଇଛି। ଏହିସବୁ ଏନ୍‌ଏସିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୋଜନା କରାଯାଉଛି। ଏଥିପାଇଁ ୬କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିସହ ପ୍ରତି ଏନ୍‌ଏସିକୁ ପରିମଳ, ଆଲୋକୀକରଣ ଏବଂ ସଫେଇ କାର୍ଯ୍ୟ ପାଇଁ ଦେଢକୋଟି ଟଙ୍କା ଲେଖାଏ ଅର୍ଥରାଶି ମଞ୍ଜୁର କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଶନିବାର ଖାରବେଳ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୌଦ୍ଧଗଡ, ଆସ୍କା, ଭଞ୍ଜନଗର, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ଓ କରଞ୍ଜିଆ ଆଦି ୭ଟି ଅଞ୍ଚଳକୁ ନୂତନ ପୌରପାଳିକା ଭାବେ ଘୋଷଣା କରାଯାଇଛି। ଏଥିସହ ପୁରୀକୁ ଷଷ୍ଠ ମହାନଗର ନିଗମ ଭାବେ ଘୋଷଣା କରିଛନ୍ତି। ଏହାଦ୍ୱାରା ପୁରୀ ସହରର ଭିତ୍ତିଭୂମି ବିକାଶ ପାଇଁ ଅଧିକ ପାଣ୍ଠି ମିଳିବ ଏବଂ ପରିମଳ ଓ ଅନ୍ୟାନ୍ୟ ସେବାରେ ଉନ୍ନତି ଆସିବ। ପୁରୀର ଟାଉନ ପ୍ଲାନିଂ ସ୍କିମ୍‌କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବର୍ଜ୍ୟମୁକ୍ତ ସହର ଲକ୍ଷ୍ୟ ପାଇଁ ବର୍ଜ୍ୟରୁ ଜୈବିକ ଖତ ଓ ପୁନଃନବୀକରଣ ପଦାର୍ଥ ପ୍ରସ୍ତୁତ ଉପରେ ସରକାର ଧ୍ୟାନ ଦେଉଛନ୍ତି। ବର୍ଜ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦେବା ସହ ସ୍କୁଲ, ହସ୍ପିଟାଲ, ବଜାର ଏବଂ ସହରର ଜନବହୁଳ ଅଞ୍ଚଳରେ ନିୟମିତ ଭାବେ ସ୍ୱଚ୍ଛତା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯିବ। ପୁରୀ, କଟକ ଓ ପାରାଦୀପକୁ ବୃହତ ଅର୍ଥନୈତିକ ଅଞ୍ଚଳରେ ପରିଣତ କରିବାକୁ ପରିକଳ୍ପନା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ପାଇଁ ମନ୍ତ୍ରୀ ଡା. ମହାପାତ୍ର କୃତଜ୍ଞତା ଜଣାଇବା ସହ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟ ସମ୍ମିଳନୀ



ସମ୍ମିଳନୀରେ ଓଡ଼ିଆ ଓ ଜଗନ୍ନାଥ ସଂସ୍କୃତି, ପରମ୍ପରାରେ ସଜ୍ଜିତ ଓଡ଼ିଆଣୀଙ୍କ ସହ ଅତିଥିମାନେ।

ଭୁବନେଶ୍ୱର,୩। ୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ଆମ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ହେବ। ଆଗାମୀ ପିଢ଼ି ଆମ ଜଗନ୍ନାଥ, ଆମ ସଂସ୍କୃତି, ଆମ ପରମ୍ପରା ଓ ଆମ ଭାଷା, ସାହିତ୍ୟ ସହିତ ଆତ୍ମିକ ଭାବେ ଯୋଡି ହେଲେ ଓଡ଼ିଶା ବିକାଶର ଚିତ୍ର ଅଙ୍କାଯାଇ ପାରିବ। ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ଦେଶବିଦେଶରେ ବସବାସ କରୁଥିବା ଓଡ଼ିଆଭାଷୀଙ୍କ ମନରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ପ୍ରତିଷ୍ଠା ଦିଗରେ ଆରମ୍ଭ କରିଥିବା ଅଭିଯାନ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ବୋଲି ଶନିବାର ସୂଚନା ଭବନଠାରେ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ୧୫ତମ ରାଜ୍ୟ ସମ୍ମିଳନୀରେ ମତପ୍ରକାଶ ପାଇଛି। ପ୍ରତିଷ୍ଠାନର ସଭାପତି ସୁଶାନ୍ତ କୁମାର ସାବତଙ୍କ ଅଧ୍ୟକ୍ଷତା ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯାଜପୁର ଏମ୍‌ପି ରବି ନାରାୟଣ ବେହେରା, ଚଳଚ୍ଚିତ୍ର ଅଭିନେତା ପ୍ରଶାନ୍ତ ନନ୍ଦ, ଜାଭିଅର ଗ୍ରୁପ ବିଦ୍ୟାଳୟ ସଭାପତି ଡ. ବଦ୍ରିନାଥ ପଟ୍ଟନାୟକ, ମୁମ୍ବାଇ ଓଡ଼ିଆ ମହସଂଘ ସଭାପତି ଡ. ବିପିନି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଶାନ୍ତନୁ ରଣା ସଂଯୋଜନା କରିଥିବା ବେଳେ ସଂଯୁକ୍ତା ପଣ୍ଡା, ମାନସ ଦାସ, ଶ୍ରୀକାନ୍ତ ସାବତ, ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ଅନ୍ୟାନ ପ୍ରମୁଖ ପରିଚାଳନା କରିଥିଲେ।

## ୨୪୭ ଜଣଙ୍କ ସ୍ୱାସ୍ଥ୍ୟ, ଚକ୍ଷୁ ପରୀକ୍ଷା

ବାଲିପାଟଣା,୩।୧(ଅଭିମନ୍ୟୁ ନାୟକ)

ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ, ଜୟଦେବ ବିକାଶ ମଞ୍ଚ, ଡାକ୍ତର ଅଗ୍ରୱାଲ ଆଇ ହସ୍ପିଟାଲ ଏବଂ ଦିଶା ହେଲ୍‌ଥ ସେଣ୍ଟର ମିଳିତ ଆନୁକୂଲ୍ୟରେ ବାଲିପାଟଣାସ୍ଥିତ ମା' ଗିରିଙ୍ଗେଶ୍ୱରୀ ମନ୍ଦିର ନିକଟ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଶାଖା କାର୍ଯ୍ୟାଳୟରେ ଶନିବାର ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା, ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ, ଶୀତଲ ପାଢ଼ୀ, ସୁଭଦ୍ରା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବାଲିପାଟଣା ଓ ବାଲିଅନ୍ତା ବ୍ଲକ ଅଞ୍ଚଳର ମୋଟ୍ ୧୪୭ ଜଣଙ୍କ ଚକ୍ଷୁ ପରୀକ୍ଷା ସହ ଚଷମା ନେଇଥିଲେ। ସେହିପରି ୧୦୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମଧୁମେହ ପରୀକ୍ଷା କରାଯାଇଥିଲା। ଡା.ପ୍ରଫୁଲ ନାୟକ, ଦିଲୀପ ନାୟକ, ଅନୁତା ନାୟକ, ବିକ୍ରମ ଜେନା, ଗଣେଶ୍ୱର ବେହେରା, ଲକ୍ଷ୍ମୀଧର ବେହେରା, ବୀରେନ୍ଦ୍ର କୁମାର, ତନ୍ମୟ କୁମାର ସିଆଲ, ରାକେଶ କୁମାର ଲେଙ୍କା ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ଜୟଦେବ ବିକାଶ ମଞ୍ଚ ଉପସଭାପତି ବସନ୍ତ ଦାଶ, ଅକ୍ଷୟ ସାହୁ, ବିଜୟ ପ୍ରଧାନଙ୍କ ସମେତ ଅନ୍ୟ ସଭ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ରକୁ ଖେଳ, ପାଠ୍ୟ ଉପକରଣ ପ୍ରଦାନ



ଅଙ୍ଗନୱାଡ଼ି କେନ୍ଦ୍ରରେ ନୂତନ ପାଠ୍ୟ ଉପକରଣ ସହ ଶିଶୁମାନେ।

ବାଲିଅନ୍ତା,୩।୧(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଣୁପୁର ପଞ୍ଚାୟତର ୨ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଭାରତୀୟ ଷ୍ଟେଟବ୍ୟାଙ୍କ ପକ୍ଷରୁ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ରୂପେ ରୂପାନ୍ତର କରାଯାଇ ଶନିବାର ଖେଳ ଓ ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। ମଡେଲ ସ୍କୁଲ ଭଳି ଅଙ୍ଗନୱାଡି କେନ୍ଦ୍ରକୁ ଆକର୍ଷଣୀୟ ଓ ସ୍ମାର୍ଟ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ଭାରତୀୟ ଷ୍ଟେଟବ୍ୟାଙ୍କ ଓ ମୈତ୍ରୀବାନ୍ ସେବାସଂଘର ମିଳିତ ସହଯୋଗରେ ଏଭଳି କାର୍ଯ୍ୟକ୍ରମ କରାଯାଇଛି। ଶନିବାର ଭୁବନେଶ୍ୱର ଭାରତୀୟ ଷ୍ଟେଟବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ(ଅପରେଶନ) ଅଭିମନ୍ୟୁ ସାହୁ, ପ୍ରବନ୍ଧକ(ମାନବ ସମ୍ବଳ) ତପନ କୁମାର ବେହେରା, ବାଲିଅନ୍ତା ବ୍ଲକ ଶିଶୁ ବିକାଶ ବିଭାଗ ଅଧିକାରୀ ଖୋଲଣା ସାହୁ, ସୁପରଭାଇଜର ସରୋଜିନୀ ପ୍ରିୟଦର୍ଶିନୀ ବାରିକ, ସରପଞ୍ଚ ହୃଷୀକେଶ ପାତ୍ର ଓ ସ୍ୱେଚ୍ଛାସେବୀ ବିଜୟରାମ ଦାସ ପ୍ରମୁଖ ବେଣ୍ଣୁପୁର ପଞ୍ଚାୟତର ୩ ଓ ୪ ନଂ. ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିଲେ। ଏହି ଅବସରରେ ପିଲାମାନଙ୍କ ସହ ଭେଟି ସେମାନଙ୍କୁ ଖେଳ ଉପକରଣ ଓ ବହି, ପାଠ୍ୟ ଉପକରଣ ସାମଗ୍ରୀ ବଣ୍ଟନ କରିଥିଲେ। ଏଥିସହିତ ଏହି ୨ଟି ଅଙ୍ଗନୱାଡି କେନ୍ଦ୍ରକୁ ଗୋଟିଏ ଲେଖାଏ ଟିଭି ଓ ଆକ୍ୱାଗାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ଲେଙ୍କା ଓ ସଭାପତି ପ୍ରଦୀପ୍ତ କୁମାର ପରିଡ଼ା ପରିଚାଳନା କରିଥିଲେ।

## ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ଉତ୍ସବରେ ବୈଜ୍ଞାନିକ ପଦ୍ମଶ୍ରୀ ଡ. ଆଦିତ୍ୟ ପ୍ରସାଦ ଦାସଙ୍କ ସହ ଅତିଥିମାନେ।

ଭୁବନେଶ୍ୱର,୩।୧(ସୁଚିସ୍ମିତା ସାହୁ)

ଖଣ୍ଡଗିରି ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ଶନିବାର ଶିକ୍ଷାଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଜ୍ଞାନିକ ପଦ୍ମଶ୍ରୀ ଡ. ଆଦିତ୍ୟ ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଡିନ (ଛାତ୍ର ମଙ୍ଗଳ) ପ୍ରଫେସର ଡ. ଜ୍ୟୋତିରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଆର୍.ଏସ୍.ଏସ୍. ପୂର୍ବ ପ୍ରାନ୍ତର ପୂର୍ବତନ ଅଧ୍ୟକ୍ଷ ଅନିଲ କୁମାର ମିଶ୍ର ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା ସମିତି ସଭାପତି ଶ୍ରୀନିବାସ ମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷିତ ହୋଇଥିଲା।

# ଫ୍ୟାଶନ୍, ସଂସ୍କୃତିର ଭବ୍ୟ ସମାରୋହ

ଭୁବନେଶ୍ୱର,୩।୧(ସୋମ୍ୟରଞ୍ଜନ ରାଉତ)

ଓଡ଼ିଶା ଫ୍ୟାଶନ ସପ୍ତାହ ସିଜନ୍-୩ ରାଜ୍ୟର ଫ୍ୟାଶନ ଓ ଜୀବନଶୈଳୀ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟ ସୃଷ୍ଟି କରିଛି। ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସାମୟିକ ଫ୍ୟାଶନ ସହ ଓଡ଼ିଶାର ସମୃଦ୍ଧ ବୟନଶିଳ୍ପ ଐତିହ୍ୟର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥିଲା। ଓଡ଼ିଶା ଫ୍ୟାଶନ ସପ୍ତାହ ସିଜନ୍-୩ର ପ୍ରତିଷ୍ଠାତା ସଂଯୋଗ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ କିୟୋ ସୌନ୍ଦର୍ଯ୍ୟର ମାଲିକ ଗୀତାଞ୍ଜଳି ଶର୍ମାଙ୍କ ସହଭାଗିତାରେ ଆୟୋଜିତ ଏହି ଫ୍ୟାଶନ ମହୋତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ଡିଜାଇନର୍, ସେଲିବ୍ରିଟି, ଶୋ'ଷ୍ଟପର୍, ପ୍ରଭାବଶାଳୀ ଓ ଫ୍ୟାଶନ ପ୍ରେମୀମାନେ ଯୋଗ ଦେଇଥିଲେ। ଏହି ସିଜନ୍‌ରେ ୧୮ ଜଣ ଡିଜାଇନରଙ୍କ ସମେତ ଅସୀମା ମହାପାତ୍ର ତାଙ୍କର ଅନନ୍ୟ ସଂଗ୍ରହ ରାମ୍ପରେ ପ୍ରଦର୍ଶନ କରିଥିଲେ। ସମ୍ବଲପୁରୀ, ବୋମକାଇ, ଇକତ ଓ ହସ୍ତତନ୍ତ ସିଲ୍କ ଭଳି ପାରମ୍ପରିକ ବସ୍ତ୍ରକୁ ଆଧୁନିକ ଆକୃତିରେ ପ୍ରସ୍ତୁତ କରାଯାଇଥିଲା। ଜେନନେକ୍ସଟ ବର୍ଗରେ ଆଇଟିଆଇ, କିଟ୍, ଜେଡି ଇନଷ୍ଟିଚ୍ୟୁଟ ଓ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଡିଜାଇନର୍ ନୀତେଶଙ୍କ 'ଗିରିଶୀଳ' ସଂଗ୍ରହ ସହ କାର୍ଯ୍ୟକ୍ରମର ଗ୍ରାଣ୍ଡ ଫିନାଲେ ସମ୍ପନ୍ନ ହୋଇଥିଲା। ଶୋ' ଷ୍ଟପର୍ ଭାବେ ଗୌରୀଶଙ୍କର ଦାଶ ଓ ଡାକ୍ତର ଅନୁରାଧା ସିଂହ ରାୟଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଗ୍ଲାମରସ କରିଥିଲା। ଏଥିରେ ଶୋ' ଡାଇରେକ୍ଟର ସାହାବାଜ ଖାନ ସୁନ୍ଦର ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ ଫ୍ୟାଶନ ମହୋତ୍ସବରେ ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ପି କେ ଗୁପ୍ତା, ଭାଜପା ପୂର୍ବତନ ଉପାଧ୍ୟକ୍ଷ ଗୋଲକ ମହାପାତ୍ର, ଝାନ୍ସୀ ରାଣୀ ଦାସ, ସାମାଜିକ କର୍ମୀ ଡାକ୍ତର ଚିଦାତ୍ମିକା ଖଟୁଆଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଟିପିସିଓଡିଏଲ୍‌ର 'ଜିରୋ ହାର୍ମ' ସଚେତନତା ଅଭିଯାନ

ଭୁବନେଶ୍ୱର,୩।୧
(ଅନୁରାଧା ମହାରଣା)

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) 'ଜିରୋ ହାର୍ମ' ବିଦ୍ୟୁତ୍ ସୁରକ୍ଷା ସଚେତନତା ଅଭିଯାନ ଚଳାଇଛି। ଏହି ଅଭିଯାନରେ ଗ୍ରାମବାସୀ, ଛାତ୍ରୀଛାତ୍ର ଏବଂ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମେତ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ବିଭିନ୍ନ ସାଂଗଠନିକ ଆଲୋଚନାଚକ୍ର ଓ ଜନସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ସାମିଲ କରାଯାଇଛି। ଜନସାଧାରଣଙ୍କ ସମ୍ପୃକ୍ତି ସହିତ କମ୍ପାନୀର ବିଭିନ୍ନ ସେବାଯୋଗାଣ କ୍ଷେତ୍ରରେ କର୍ମଚାରୀ ଏବଂ ବିଜନେସ୍ ଆସୋସିଏଟ୍ କର୍ମକର୍ତ୍ତାଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ତାଲିମ ପ୍ରଦାନ କରାଯାଇଛି। ସୁରକ୍ଷା ସଚେତନତାକୁ କେବଳ ଶ୍ରେଣୀଗୃହ କିମ୍ବା ତାଲିମ କେନ୍ଦ୍ର ମଧ୍ୟରେ ସୀମିତ ନ ରଖି ଏକ ଶକ୍ତିଶାଳୀ ପ୍ରତିଷ୍ଠାନିକ ଭିତ୍ତିଭୂମି ଅଧୀନରେ ପରିଚାଳନା ବିକାଶ କେନ୍ଦ୍ର (ଏମଡିସି), ୫ଟି ଦକ୍ଷତା ବିକାଶ କେନ୍ଦ୍ର ଏବଂ ୧୩ଟି ଡିଭିଜନାଲ୍ ସୁରକ୍ଷା ତାଲିମ କେନ୍ଦ୍ର କାର୍ଯ୍ୟ କରୁଛି। ଏହା ସହିତ ଦୂରଦୂରାନ୍ତ ଏବଂ ଅପହଞ୍ଚ ଅଞ୍ଚଳରେ ପହଞ୍ଚିବା ପାଇଁ 'ଟ୍ରେନିଂ ଅନ୍ ହୁଇଲ୍ସ' ଏବଂ 'ସୁରକ୍ଷା ସଚେତନ ରଥ' ଭଳି ମୋବାଇଲ୍ ପ୍ଲାଟଫର୍ମର ସହାୟତା ନିଆଯାଉଛି। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଟିପିସିଓଡିଏଲ୍ ଏକ ଦାୟିତ୍ୱବାନ୍ ଏବଂ ସୁରକ୍ଷା ପ୍ରତି ସଚେତନ କାର୍ଯ୍ୟବଳ ଗଠନ ପ୍ରକ୍ରିୟା ଜାରି ରଖିଛି। ବିଶ୍ୱସ୍ତରୀୟ ତାଲିମ ପ୍ରଣାଳୀ ଏବଂ ଅନୁଶାସନ ମାଧ୍ୟମରେ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରି ଆମେ ଆମର ଉଭୟ କର୍ମଚାରୀ ଓ ଉପଭୋକ୍ତାଙ୍କୁ ସୁରକ୍ଷା ପ୍ରଦାନ କରିବା ସହ 'ଜିରୋ ହାର୍ମ' ସଂକଳ୍ପକୁ ପୂରଣ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

# ଶ୍ରୀଲିଙ୍ଗରାଜଙ୍କ ପୁଷ୍ୟାଭିଷେକ ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୩।୧(ସୁବାସ ଚନ୍ଦ୍ର ପ୍ରଧାନ)



ଦେବାଭିଷେକ ପୂର୍ଣ୍ଣିମା ଅବସରରେ ଶନିବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି। ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ ବଡୁ ସେବକମାନେ ବାସୁଦେବ ମନ୍ଦିର ସମ୍ମୁଖରେ ଥିବା ବିନ୍ଦୁସାଗର ବ୍ରହ୍ମଘାଟ ନିକଟରେ ମେଘ ଡମ୍ବରୁ, ଘଣ୍ଟ ସହିତ ପହଞ୍ଚିଥିଲେ। ସେଠାରୁ ୧୦୮ଘଡ଼ି ପାଣି ଏବଂ ଏକ ଘଡ଼ା ପାଣି ନେଇ ମନ୍ଦିରକୁ ଫେରିଥିଲେ। ମନ୍ଦିରରେ ଥିବା ବେହରଣ ମଣ୍ଡପରେ ଉକ୍ତ ଘଡ଼ି ପାଣିକୁ ରଖିଥିଲେ। ସେଥିରୁ ଏକ ଘଡ଼ି ଜଳ ପତ୍ରୀ ସେବକ କାଢ଼ିଥିଲେ। ଏହାପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇଥିଲା। ଏହିମହାସ୍ନାନକୁପୂଜାପଣ୍ଡା ସେବକ ଶ୍ରୀଜୀଉଙ୍କୁ ଲାଗି କରିଥିଲେ। ଏହା ପରେ ପତ୍ରୀ ସେବକ ବେହରଣ ମଣ୍ଡପରେ ଠା' କରିବା ପରେ ପାଳିଆ ପୂଜାପଣ୍ଡା ସେବକ ଉକ୍ତ ୧୦୯ ଘଡ଼ି ଜଳକୁ ଅଧିବାସ ପୂଜା କରି ଶୁଦ୍ଧି କରିଥିଲେ। ପରେ ଆଳତି ହୋଇଥିଲା। ସେହି ସମସ୍ତ ୧୦୯ ଘଡ଼ି ଜଳରୁ ପୂଜାପଣ୍ଡା ସେବକ ପ୍ରଥମ ଏକ ଘଡ଼ି ଜଳ ଶ୍ରୀଜୀଉଙ୍କୁ ଲାଗି କରିଥିଲେ। ଏହା ପରେ ବଡୁ ସେବକମାନେ ଅନ୍ୟ ୧୦୮ ଘଡ଼ି ଜଳକୁ ଶ୍ରୀଜୀଉଙ୍କୁ ଲାଗି କରିଥିଲେ। ଠାକୁର ଠାକୁରାଣୀଙ୍କ ବେଶ ସରିବା ପରେ ପତ୍ରୀ ସେବକ ଠା' କରିଥିଲେ। ଘଣ୍ଟ ଓ ଧଳା ଛତା ସହାୟତାରେ ରୋଷରୁ ଯାତ୍ରା ପୂଜା ଭୋଗ ଆସିଥିଲା। ଏହାପରେ ଦକ୍ଷିଣ ଘରୁ ମା'ପାର୍ବତୀଙ୍କୁ ପାର୍ବତୀ ସେବକ ନେଇ ଶ୍ରୀଜୀଉଙ୍କ ସମ୍ମୁଖରେ ରୁପାଥାଳିରେ ଅବସ୍ଥାନ କରିଥିଲେ।

ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଇଥିବା ନୂଆ ଧଳା ଛତାକୁ ପାଳିଆ ଛତା ସେବକ ପାର୍ବତୀଙ୍କ ଉପରେ ଆବରଣ ପୂର୍ବକ ଧରି ରଖିଥିଲେ। ପୂଜାପଣ୍ଡା ସେବକ ଶ୍ରୀଲିଙ୍ଗରାଜ ପାର୍ବତୀଙ୍କ ଉପରକୁ ଏକ ଉତ୍ତରୀୟ ପକାଇଥିଲେ। ଷୋଡ଼ଶ ଉପଚାରରେ ଯାତ୍ରା ପୂଜା କରାଯାଇଥିଲା। ମହାସୁଆର ସେବକ ଚାଉଳ ଚୁନାରେ ତିଆରି କରିଥିବା ଯମର ପିଠୁଳା ଉପରେ ଆଳତି କାଠି ଖୋସିବା ପରେ ଯମ ଆଳତି ହୋଇଥିଲା। ପୂଜାପଣ୍ଡା ସେବକ ଛାମୁରୁ ପାର୍ବତୀଙ୍କୁ ଧରି ଦକ୍ଷିଣ ଘରେ ଥିବା ଲିଙ୍ଗରାଜଙ୍କ ନିକଟରେ ବସାଇଥିଲେ। ଉକ୍ତ ଉତ୍ତରୀୟକୁ ଶ୍ରୀଲିଙ୍ଗରାଜଙ୍କ ବକ୍ଷରେ ପକାଯାଇଥିଲା। ପରେ ଠାକୁର ଠାକୁରାଣୀ ବେହରଣ ମଣ୍ଡପରେ ବିରାଜମାନ କରିଥିଲେ। ପର୍ବ ଯାତ୍ରା ବିଶୋଇ ଯୋଗାଇଥିବା କାଠି ମୁକୁଟକୁ ସୁଆର ସେବକ ଲିଙ୍ଗରାଜ ଓ ପାର୍ବତୀଙ୍କ ମୁଣ୍ଡରେ ବାନ୍ଧିଥିଲେ। କାଠି ମୁକୁଟ ପିନ୍ଧି ସରିବା ପରେ ପତ୍ରୀ ସେବକ ଠା' କରିଥିଲେ। ପୂଜାପଣ୍ଡା ସେବକ ଷୋଡ଼ଶ ଉପଚାରରେ ଶ୍ରୀଜୀଉଙ୍କୁ ମୁଆଁ ଭୋଗ ଲାଗି କରିବା ପରେ ସେବା ଆଳତି କରିଥିଲେ। ଦକ୍ଷିଣ ଘରକୁ ବିଜେ ପୂର୍ବକ ପୁଷ୍ୟାଭିଷେକ ସମାପନ ହୋଇଥିଲା।

# କୂଅରୁ ବୃଦ୍ଧାଙ୍କ ମୃତଦେହ ଜବତ

ବେଗୁନିଆ,୩।୧ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଧୀନ ଡିଙ୍ଗର ଗ୍ରାମର ଏକ କୂଅରୁ ଶନିବାର ଜଣେ ବୃଦ୍ଧାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ହାରାମଣି ଦେଈ(୭୦)। ପୋଲିସ ସୂଚନା ଅନୁସାରେ, ହାରାମଣି ଗତ ଗୁରୁବାର ଘରୁ ବାହାରି କେଉଁଆଡ଼େ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ଗ୍ରାମର ଏକ କୂଅରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ବେଗୁନିଆ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରିବା ପରେ ହାରାମଣିଙ୍କୁ ଚିହ୍ନଟ କରାଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୬) ରୁଜୁକରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ‘ନିଜ ସହ ପ୍ରତିଯୋଗିତା କରନ୍ତୁ ଛାତ୍ରୀଛାତ୍ର’


ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

## ବଳରାମ ଦେବ ବିଦ୍ୟାପୀଠରେ ୮୪ ତମ ପ୍ରତିଷ୍ଠା ଦିବସ

ଟାଙ୍ଗୀ,୩।୧ (ରଘୁନାଥ ସାହୁ)

ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ୮୪ତମ ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପ୍ରତିଷ୍ଠାତା ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣି ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ମାନିତ ଅତିଥି ସମ୍ପାଦକ ବିଜୟ କୁମାର ରାଉତ, ପୁରାତନ ଛାତ୍ର ଡା. ମଧୁସୂଦନ ସେନାପତି, ଅରୁଣ ରଞ୍ଜନ ମହାନ୍ତି, ରଘୁନାଥ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ରମେଶ କୁମାର ବଳବନ୍ତରାୟ, ପରିଚାଳନା କମିଟି ସଭାପତି ଗଣେଶ ବାରିକ, ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଜଣେ ଭଲ ମଣିଷ ହେବା ପାଇଁ ଅନ୍ୟ ସହ ପ୍ରତିଯୋଗିତା ନ କରି ନିଜ ସହିତ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ପଲାଇ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ବାଳକ ବିଭାଗରେ ଅଭିଷେକ ବିଶ୍ୱାଳ ଏବଂ ବାଳିକା ବିଭାଗରେ ତ୍ରିଷ୍ଣା ଦାସଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ର ବିନୟ ଭୂଷଣ ସାହୁ ଏବଂ ଛାତ୍ରୀ ହରପ୍ରିୟା ଶ୍ରୀଚନ୍ଦନ ଶିକ୍ଷାନୁଷ୍ଠାନ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସରିତା ଜୟନ୍ତୀ ଦାସ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ଜାଲି, ରଶ୍ମିତା ବେହେରା, ଶର୍ମିଳା ବେହେରା, ପ୍ରଜ୍ଞା ପରିମିତା ପରିଡ଼ା, ଶିକ୍ଷକ ଅନିରୁଦ୍ଧ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶୂନ୍ୟ ଅଘଟଣ, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱ



## ସଡ଼କ ସୁରକ୍ଷା ନେଇ ଏସ୍‌ପିଙ୍କ ସମୀକ୍ଷା

ଖୋର୍ଦ୍ଧା,୩।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଶନିବାର ଜିଲା ପୋଲିସ କାର୍ଯ୍ୟାଳୟରେ ସଡ଼କ ସୁରକ୍ଷା ନେଇ ସମୀକ୍ଷା କରିଛନ୍ତି। ୧୬ ଓ ୫୭ ନମ୍ବର ଜାତୀୟ ରାଜପଥରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ରାଜପଥ ସମ୍ପ୍ରସାରଣ, ସଙ୍କୁଚିତ ରାସ୍ତା, ରାସ୍ତା ଓ ରାଜପଥରେ ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ବଢ଼ୁଛି। ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ଉପରେ ଗୁରୁତ୍ୱ ଦିଆଯାଇଛି। ସୁନିଶ୍ଚିତ ସଡ଼କ ସୁରକ୍ଷା, ଶୂନ୍ୟ ଅଘଟଣ ଏବଂ ଟ୍ରାଫିକ ନିୟନ୍ତ୍ରଣ ଉପରେ ଏସ୍‌ପି ଶର୍ମା ଗୁରୁତ୍ୱ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲାର ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଯାଁଳା,୩।୧ (ବୁଲା ବାରିକ)

ଜଣେ ଯୁବକଙ୍କୁ ଲୁହାରଡ୍‌ରେ ମରଣାନ୍ତକ ଆକ୍ରମଣ କରି ଟଙ୍କା ଲୁଟିନେବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଦନପୁର ଗ୍ରାମର ବିଶ୍ୱଜିତ୍ ବେହେରା ଓରଫ ରାଜା। ପୋଲିସ ସୂଚନା ମୁତାବକ, ଅଭିଯୋଗକାରୀ ସୁନୀଲ ମହାପାତ୍ର ଜାଗସରାପାଟଣା ଗ୍ରାମରେ ଭଡ଼ାରେ ରୁହନ୍ତି। ଶୁକ୍ରବାର ସେ ନିକଟ ବଜାରକୁ ପରିବା କିଣିବା ପାଇଁ ଯାଇଥିଲେ। ପରିବା ଧରି ଫେରିବା ବେଳେ ଅଭିଯୁକ୍ତ ରାଜା ଏବଂ ସହଯୋଗୀମାନେ ଆସି ସୁନୀଲଙ୍କ ହାତରୁ ପରିବା ଜରିକୁ ଫିଙ୍ଗି ଦେଇ ଏକ ବାଡିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ସୁନୀଲ ଭୟଭୀତ ହୋଇ ନିଜର ଜୀବନ ବଞ୍ଚାଇବା ପାଇଁ ଘରକୁ ଚାଲି ଆସିଥିଲେ। ଅଭିଯୁକ୍ତ ରାଜା ଏବଂ ସହଯୋଗୀମାନେ ପିଛା କରି ସୁନୀଲଙ୍କ ଘର ନିକଟକୁ ଆସିଥିଲେ। ଅଭିଯୁକ୍ତ ରାଜା ଏବଂ ସହଯୋଗୀମାନେ କବାଟ ଭାଙ୍ଗି ଭିତରକୁ ଯୋରଜବରଦସ୍ତ ପଶି ଲୁହାରଡ ଓ ଠେଙ୍ଗାରେ ସୁନୀଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଆସବାବପତ୍ର ଫୋପଡାଫିଙ୍ଗା କରି ଭାଙ୍ଗିବା ସହ ଘରୁ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଅଭିଯୋଗ ପରେ ପୋଲିସ ମଦନପୁର ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ରାଜାଙ୍କୁ ଗିରଫ କରିଥିଲା।

# ପ୍ଲାଷ୍ଟିକ, ପଲିଥିନ୍‌ମୁକ୍ତ କ୍ୟାମ୍ପସ ପାଇଁ ଆହ୍ୱାନ



ପରିବେଶ ସୁରକ୍ଷା ଏବଂ ପ୍ଲାଷ୍ଟିକକ ପଲିଥିନମୁକ୍ତ କ୍ୟାମ୍ପସ ନିମନ୍ତେ ଅନୁଷ୍ଠିତ ସଚେତନତା ସଭା।

ବାଣପୁର,୩।୧ (ଦିଲୀପ କୁମାର ସ୍ୱାଇଁ)

ଗୋଦାବରୀଶ ମହାବିଦ୍ୟାଳୟରେ ଶନିବାର ଅଧ୍ୟକ୍ଷ ଡ. ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସଭାପତିତ୍ୱ ଏବଂ ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥି ବେଦମତ୍ତାଙ୍କ ସଂଯୋଜନାରେ ପରିବେଶ ସୁରକ୍ଷା ଏବଂ ପ୍ଲାଷ୍ଟିକ୍, ପଲିଥିନମୁକ୍ତ କ୍ୟାମ୍ପସ ନିମନ୍ତେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ, ପ୍ରଶାସନିକ ଅଧିକାରୀ, ଯୁକ୍ତ୨ ଅଧ୍ୟକ୍ଷା ଅର୍ଚ୍ଚନା ତ୍ରିପାଠୀ, ଉତ୍କଳିକା ପାଢ଼ୀ ଯୋଗଦେଇ ପ୍ଲାଷ୍ଟିକ୍, ପଲିଥିନ୍‌ମୁକ୍ତ କ୍ୟାମ୍ପସ କରି ପରିବେଶ ସ୍ୱଚ୍ଛ ରଖିବାକୁ ଉଦ୍‌ବୋଧନ ଦେଇଥିଲେ। ଧାରଣୀୟ କ୍ୟାମ୍ପସ ନିମନ୍ତେ ଛାତ୍ରୀଛାତ୍ରଙ୍କ ୧୮ ଜଣିଆ ଆମ୍ବାସାଡର କମିଟି ଗଠନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟାପକ ଜୟନ୍ତ ବିହାରୀ, ଚିତ୍ରସେନ ପ୍ରଧାନ, ପଦନ କୁମାର ପ୍ରଧାନ, ଲକ୍ଷ୍ମୀପ୍ରିୟା ପଲାଇ, ସୁଶ୍ରୀ ଅନିତା ସାହୁ, ବିଭିନ୍ନ ଉଇଙ୍ଗ୍‌ର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୁଶ୍ରୀ ଶ୍ରଦ୍ଧାଞ୍ଜଳି ଉଦଣ୍ଡରାୟ ଏବଂ ତୁଷାରକାନ୍ତ ମଲିକ ପରିବେଶ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ. ଗୁରୁକିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଏକ ପଦଯାତ୍ରା ହାତୀମୁଣ୍ଡା ପର୍ଯ୍ୟନ୍ତ ପରିବେଶ ସଚେତନତା ସ୍ଲୋଗାନ ଦେଇ ଫେରିଥିଲା। ଶେଷରେ ପିଲାମାନେ କ୍ୟାମ୍ପସ ପରିସର ସଫା କରିଥିଲେ।

# ରାଜପଥରେ ସିରିଜ୍ ଦୁର୍ଘଟଣା, ୫ ଆହତ

ଯାଁଳା,୩।୧ (ବୁଲା ବାରିକ)

୧୬ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଛକରେ ଶନିବାର ସକାଳେ ସିରିଜ୍ ଦୁର୍ଘଟଣା ଘଟିଛି। ଗଙ୍ଗପଡ଼ା ନିର୍ମାଣାଧୀନ ଓଭରବ୍ରିଜ ବାଙ୍କରେ ଏକ ବସ୍ ପଛରେ କାର୍ ଏବଂ ପଛକୁ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେବାରୁ ୫ଜଣ ଆହତ ହୋଇଛନ୍ତି। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ଏମ୍‌ସ ମେଡିକାଲ ପଠାଇଥିଲା। ତେବେ ଘନକୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସୂଚନା ମୁତାବକ, ରାଜପଥରେ ଘନକୁହୁଡ଼ି ଯୋଗୁ ରାସ୍ତା ଠିକ୍ ଦେଖାଯାଉ ନ ଥିଲା। ଭୋରୁ ଗଙ୍ଗପଡ଼ା ଛକରେ ଏକ ବସ୍ ଅଟକି ରହିଥିଲା। ବସ୍ ପଛରେ ଏକ କାର୍ ଏବଂ ପିକ୍‌ଅପ୍ ଭ୍ୟାନ ପିଟି ହୋଇଯାଇଥିଲା। ଫଳରେ କାର୍ ଓ ପିକ୍‌ଅପ୍ ଭ୍ୟାନରେ ଥିବା ୫ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲ ପଠାଇଥିଲା।

# ରାସ୍ତା ଅବରୋଧ ହଟାଇଲେ ଜନପ୍ରତିନିଧି, ଲୋକେ



ଜଟଣୀ,୩।୧ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ପ୍ରଶାସନ ପକ୍ଷରୁ ଗତ ନଭେମ୍ବର ୯ରେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୭ ଟ୍ରାଫିକ କଲୋନୀସ୍ଥିତ ରେଲ୍‌ୱେ ମେଡିକାଲ ସମ୍ମୁଖ ମୁଖ୍ୟ ରାସ୍ତାରେ ମାଟି ପକାଇ ରାସ୍ତା ଅବରୋଧ କରାଯାଇଥିଲା। ସେତେବେଳେ ସ୍ଥାନୀୟ ନଗରପାଳ ଅନନ୍ତ ବେହେରାଙ୍କ ସହିତ ଉକ୍ତ ୱାର୍ଡ କାଉନ୍‌ସିଲର ଏବଂ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବା ସହ ରେଲୱେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତାରୁ ମାଟି ହଟାଇଥିଲେ। ସେହି ସମୟରେ ରେଲ୍‌ୱେ ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟା ସମାଧାନ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଅଦ୍ୟାବଧି ସମସ୍ୟାକୁ ନେଇ କୌଣସି ସୁଫଳ ମିଳି ନ ଥିଲା। ତେବେ ଶୁକ୍ରବାର ପୁଣି ରେଲୱେ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ଉପରେ ଢେଲା, ପଥର, ମାଟି ପକାଯାଇ ରାସ୍ତା ଅବରୋଧ କରାଯାଇଥିଲା। ଏହି ଖବର ଜଣାପଡିବା ପରେ ଶନିବାର ସକାଳେ ନଗରପାଳ ଅନନ୍ତ ବେହେରା, ସ୍ଥାନୀୟ କାଉନ୍‌ସିଲର ଉତ୍କଳ କେଶରୀ ବଳିୟାରସିଂ, ସାମାଜିକକର୍ମୀ ତୁଷାର ସିହ୍ନା ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଜେସିବି ସାହାଯ୍ୟରେ ଉକ୍ତ ରାସ୍ତା ଉପରେ ପଡ଼ିଥିବା ମାଟି, ଢେଲା ପଥର ହଟାଯାଇଥିଲା। ଏହି ସମୟରେ ହାଟବଜାର, ଟ୍ରାଫିକ କଲୋନୀ, ବାଛରପାଟଣା ସହ ଆଖପାଖ ମୌଜାର ଲୋକେ ଉପସ୍ଥିତ ଥିଲେ। ତେବେ ଏ ସମ୍ପର୍କରେ ରେଲ୍‌ୱେ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପକ୍ଷରେ ଜଟଣୀ ସହର ଏବଂ ୫ ଖଣ୍ଡ ମୌଜାର ଲୋକଙ୍କ ସୁବିଧା ପାଇଁ ରାସ୍ତା ଅବରୋଧ ହଟାଯାଇଛି ବୋଲି ନଗରପାଳ ବେହେରା କହିଛନ୍ତି।

# ଭେସେଲ୍ ଯାତ୍ରୀ ପିନ୍ଧିଲେ ଲାଇଫ୍ ଜ୍ୟାକେଟ

## ଅଘଟଣ ପରେ ଚେତା ପଶିଲା



କୃଷ୍ଣପ୍ରସାଦ,୩।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ଇଂଲିଶ୍ ନବବର୍ଷର ପ୍ରଥମ ଦିନରେ ଗୁରୁବାର ଘନକୁହୁଡ଼ି ଯୋଗୁ ଚିଲିକାରେ ଏକ ଭେସେଲ୍ କୁଦରେ ଅଟକିବା ସହ ସେଥିରୁ ଜଣେ ଯାତ୍ରୀ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚିଲିକାରେ ଡଙ୍ଗା ଏବଂ ଭେସେଲ୍‌ରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କୁ ଲାଇଫ୍ ଜ୍ୟାକେଟ ଦେବା ନିମନ୍ତେ ଦାବି ହୋଇଥିଲା। ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିବା ପରେ ଶନିବାର ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ଯାତ୍ରୀ ଲାଇଫ୍ ଜ୍ୟାକେଟ ପିନ୍ଧିବା ପରେ ଚିଲିକାରେ ଯାତ୍ରା କରିବାକୁ ଅନୁମତି ଦିଆଯାଇଥିଲା। ଅନ୍ୟପକ୍ଷରେ ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀ କିମ୍ବା ଚାଳକ ଲାଇଫ୍ ଜ୍ୟାକେଟ ପରିଧାନ କରି ନ ଥିବା ଦେଖିବାକୁ ମିଳିଥିଲା। ତେବେ ଘନକୁହୁଡ଼ି ସମୟରେ ଚିଲିକାରେ ଡଙ୍ଗା, ଭେସେଲ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଚିଲିକାରେ ଘନକୁହୁଡ଼ି ତଥା ସମ୍ପୂର୍ଣ୍ଣ ଦୃଶ୍ୟମାନ ନ ହେବା ପର୍ଯ୍ୟନ୍ତ ଯାତାୟାତ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ମା’କାଳିଜାଈଙ୍କ ପୀଠରେ ମକରମେଳା ମହୋତ୍ସବ ପ୍ରସ୍ତୁତି



କୃଷ୍ଣପ୍ରସାଦ,୩।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା’କାଳିଜାଈଙ୍କ ପୀଠରେ ଆସନ୍ତା ୧୪ ତାରିଖରେ ମକର ମେଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ବୈଠକ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଆଲୋଚନା ହୋଇଥିଲା। ମା’ଙ୍କ ପୀଠରେ ଥିବା ଯୋଗେଶ୍ୱର ମହାଦେବଙ୍କ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ଆସନ୍ତା ୧୨ତାରିଖରୁ ଦୁଇଦିନ ବ୍ୟାପୀ ଆଡ଼ମ୍ବରରେ ହେବା ନେଇ ନିଷ୍ପତ୍ତି ହୋଇଛି। ଏଥିସହିତ କାଳିଜାଈ ସାଂସ୍କୃତିକ ପରିଷଦର ମୁଖପତ୍ର ଲିପି ଉନ୍ମୋଚନ ନିମନ୍ତେ ଅନୁଷ୍ଠାନର ସମ୍ପାଦକ ପୂର୍ବତନ ଅଧ୍ୟକ୍ଷ ତଥା ପାରିକୁଦ ରାଜା ସାହେବଙ୍କ ଦେବତ୍ୱ ନୀତି ନିର୍ଘଣ୍ଟ ନିର୍ଦ୍ଦେଶକ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ନିକଟକୁ ଲେଖା ପଠାଇବାକୁ ସ୍ଥିର ହୋଇଛି। ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପୂର୍ବତନ ସରପଞ୍ଚ ବିଜୟ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ଜେନା, ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ଦୁର୍ଗାଚରଣ ସ୍ୱାଇଁ, ଶରତ ଚନ୍ଦ୍ର ପଲେଇ, କବିରାଜ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପର୍ଯ୍ୟଟନ ଋତୁ ଚାଲିଥିବାରୁ ମା’ଙ୍କ ପୀଠରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତ କହିଛନ୍ତି।

# ଜିଆଇ ଟ୍ୟାଗ୍ ସଚେତନତା ଶିବିର

ବେଗୁନିଆ,୩।୧ (ସନ୍ଧ୍ୟାରାଣୀ ମିଶ୍ର)

ବାଘମାରିସ୍ଥିତ ଏକ ମଣ୍ଡପ ପରିସରରେ ଶନିବାର ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ପକ୍ଷରୁ ଜିଆଇ ଟ୍ୟାଗ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ନଳିନୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଜିଲା ହସ୍ତଶିଳ୍ପ ବିଭାଗ ସହକାରୀ ପରିଚାଳକ ଦିଲୀପ କୁମାର ପଣ୍ଡା ମୁଖ୍ୟ ଅତିଥି, ଏମ୍‌ଏସ୍‌ଏମ୍‌ଇ ଜିଆଇ ପରାମର୍ଶଦାତା ଡ. ଅନିତା ସାବତ ମୁଖ୍ୟବକ୍ତା, ଶିଳ୍ପ ବିକାଶ ଅଧିକାରୀ ମୋନାଲିସା ମିଶ୍ର, ଶିଳ୍ପୀ ପ୍ରମୋଦ କୁମାର ପଣ୍ଡା, ଜିଲା ଶିଳ୍ପକେନ୍ଦ୍ର ଭୁବନେଶ୍ୱରର ସହକାରୀ ପରିଚାଳକ ସୁଶାନ୍ତ ଚନ୍ଦ୍ର ବଡୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଆଇ ଟ୍ୟାଗ୍‌ର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ଶିଳ୍ପୀ କଳ୍ପତରୁ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କବିରାଜ ଗୋଚ୍ଛି ଧନ୍ୟବାଦ ଅର୍ପଣ କରିଥିଲେ।

# କୂଅରେ ପଡ଼ି ମହିଳାଙ୍କ ମୃତ୍ୟୁ

ଜଟଣୀ,୩।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ହାଟବଜାର ଅଞ୍ଚଳରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା କୂଅରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ହାଟବଜାର ଅଞ୍ଚଳର ହେଲେନ୍ ମ୍ୟାଥ୍ୟୁ(୫୫)। ତେବେ ସେ କିପରି କୂଅରେ ପଡ଼ିଲେ ସେନେଇ ସ୍ପଷ୍ଟ ହୋଇନାହିଁ। ସୂଚନା ମୁତାବକ, ହେଲେନ୍ କୌଣସି କାରଣରୁ କୂଅରେ ପଡ଼ିଯାଇଥିଲେ। ଖବରପାଇ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି କୂଅରୁ ତାଙ୍କୁ ଉଦ୍ଧାର କରିଥିଲା। ଜଟଣୀ ପୋଲିସ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ପରେ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୬) ରୁଜୁକରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ରାସ୍ତାରେ ବାଲି ଗଦାଇବାକୁ ନେଇ ଅସନ୍ତୋଷ

ବାଣପୁର,୩।୧ (ଦିଲୀପ କୁମାର ସ୍ୱାଇଁ)



ବାଣପୁରର ଆରାଧ୍ୟା ମା’ ଭଗବତୀଙ୍କ ଦର୍ଶନ ଲାଗି ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ପ୍ରତିଦିନ ଆସିଥାନ୍ତି। ତେବେ ଭଗବତୀ ମନ୍ଦିରକୁ ଯାଇଥିବା ମୁଖ୍ୟରାସ୍ତାରେ ଜଣେ ଠିକାଦାର ବାଲି ଗଦାକରି ବେପାର ଚଳାଇଛନ୍ତି। ରାସ୍ତାରେ ବାଲି ଗଦାହେବାରୁ ଯାତାୟାତରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପୋଲିସ କିମ୍ବା ଏନ୍‌ଏସି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ, ୪ ମାସ ପୂର୍ବେ ୮ନମ୍ବର ୱାର୍ଡରେ ଏକ ନିର୍ମାଣ ପାଇଁ ଠିକାଦାର ଜଣଙ୍କ ବାଣପୁରର ମୁଖ୍ୟରାସ୍ତା ବଜାର ସାହିର ମହାଲକ୍ଷ୍ମୀ ମନ୍ଦିର, କଳିଙ୍ଗ ବୈଶ୍ୟ ଧର୍ମଶାଳା ଓ ସାଇ ମନ୍ଦିର ସମ୍ମୁଖରେ ବାଲି ଏବଂ ଲୁହାରଡ୍ ଗଦେଇ ରଖିଥିଲେ। ଫଳରେ ଉକ୍ତ ମନ୍ଦିରଦ୍ୱୟକୁ ଆସୁଥିବା ଭକ୍ତମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ସେହିପରି ବାଣପୁରର ଏକ ଧର୍ମଶାଳାକୁ ଯାତ୍ରୀମାନେ ଆସିବାରେ ଅସୁବିଧା ସୃଷ୍ଟି ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କିଛି ଦିନ ମଧ୍ୟରେ କାର୍ଯ୍ୟ ସରିବା ପରେ ସମସ୍ତ ବାଲି ଉଠାଇନେବେ ବୋଲି ସମ୍ପୃକ୍ତ ଠିକାଦାର ପ୍ରତିଶ୍ରୁତି ଦେଇଥିଲେ। ତେବେ ଦୀର୍ଘ ୪ ମାସ ବିତିଯାଇଥିଲେ ମଧ ବାଲି ଉଠାଇନେବା ପରିବର୍ତ୍ତେ ଆହୁରି ଅଧିକ ଆଣି ଠୁଳକରି ଉକ୍ତ ରାସ୍ତା ଅବରୋଧ କରିଥିବା ଅଭିଯୋଗ ହେଉଛି। ତୁରନ୍ତ ବାଣପୁର ମୁଖ୍ୟରାସ୍ତାରୁ ବାଲି ହଟାଯିବା ସହ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି । ତେବେ ଏନେଇ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବାଣପୁର ନଗରପାଳ ମିଟୁ ନାୟକ କହିଛନ୍ତି, ଖୁବ୍‌ଶୀଘ୍ର ଏନ୍‌ଏସି ପକ୍ଷରୁ ବାଲି ହଟାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାଇଜିଂଷ୍ଟାରକୁ ହରାଇ ବାବା ବାଲୁଙ୍କେଶ୍ୱର ଟିମ୍ ବିଜୟୀ

ଯାଁଳା,୩।୧ (ବୁଲା ବାରିକ)



କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

ରାଜଧାନୀ ଉପକଣ୍ଠ ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ ଆସୋସିଏଶନ ପଡ଼ିଆରେ (ପିବିପିଏଲ୍)ର ୫ମ ବାର୍ଷିକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର, ଏକାମ୍ର ବିଧାୟକ ବାବୁ ସିଂ, ଶ୍ରୀମୟୀ ମିଶ୍ର, ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀ ପ୍ରମୁଖ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ରାଇଜିଂଷ୍ଟାର ଏବଂ ବାବା ବାଲୁଙ୍କେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରାଇଜିଂଷ୍ଟାର ଟିମ୍ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ବାବା ବାଲୁଙ୍କେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ହରାଇ ବିନିମୟରେ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂଷ୍ଟାର ଟିମ୍ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୦୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବାବା ବାଲୁଙ୍କେଶ୍ୱର ଟିମର ସୌମ୍ୟ ଶାଶ୍ୱତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁଭମ ମହାନ୍ତି ଏବଂ ବିକାଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ମହାରାଜା କ୍ରିକେଟ ଆସୋସିଏଶନର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଦୁଃଶାସନ ରଥ, ମାନସ ପାଇକରାୟ, ଶ୍ୟାମଳେନ୍ଦୁ ସାମନ୍ତରାୟ, ପୂର୍ବତନ ସରପଞ୍ଚ ଚନ୍ଦ୍ର ଶେଖର ଗୁମାନସିଂ, ପୂର୍ବତନ ଶିକ୍ଷକ ଶଙ୍କର ଚରଣ ଦାସ, ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବେଦମନ୍ତ୍ରରେ ପ୍ରକମ୍ପିତ ହେଲା ସମୁଦ୍ରତଟ

ପୁରୀ ୩।୧ (ଅଜିତ୍ କୁମାର ମହାନ୍ତି)

ପୌଷ ପୂର୍ଣ୍ଣିମା ଅବସରରେ ଶନିବାର ପୁରୀ ଗୋବର୍ଦ୍ଧନ ପୀଠ ଆନୁକୂଲ୍ୟରେ ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆଳତିର ୨୦ତମ ବାର୍ଷିକ ମହୋତ୍ସବ ସ୍ୱର୍ଗଦ୍ୱାର ସମ୍ମୁଖସ୍ଥ ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ବେଦମନ୍ତ୍ର ପାଠରେ ପ୍ରକମ୍ପିତ ହୋଇ ଉଠିଥିଲା ସମୁଦ୍ରତଟ। କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସମେତ ଗଜପତି ମହାରାଜ ଦିବ୍ୟସିଂହ ଦେବ, ମନ୍ତ୍ରୀ, ବିଧାୟକ, ଏମ୍‌ପି, ବହୁ ସାଧୁସନ୍ଥ, ଜିଲାପାଳ, ଏସ୍‌ପି, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଅସ୍ଥାୟୀ ମଞ୍ଚରେ ମହୋଦଧି ଆଳତି କରିଥିଲେ।

ହୁଳହୁଳି, ଘଣ୍ଟଘଣ୍ଟା ଓ ମନ୍ତ୍ରଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି, ସାଗର ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ଆଳତି କରାଯାଉଛି। ସାଗର ସୁରକ୍ଷିତ ରହିଲେ ଆମେ ସମସ୍ତେ ସୁରକ୍ଷିତ ରହିବା। ଆମେ ନିଜର କର୍ତ୍ତବ୍ୟ କରିବା ଉଚିତ। ଭାରତକୁ କେହି ଦିଶାହୀନ କରିବାକୁ ଚେଷ୍ଟା କଲେ ମଧ୍ୟ ଭାରତ କେବେ ମଧ୍ୟ ଦିଶାହୀନ ହେବନାହିଁ। ସମୟ ସମୟରେ ଭଗବାନ୍‌ଙ୍କ ପ୍ରେରଣାରେ ସାଧୁସନ୍ଥ ମନୀଷୀମାନେ ଭାରତରେ ଜନ୍ମଗ୍ରହଣ କରିଥାନ୍ତି। ଆମ ଦାୟିତ୍ୱ ହେଲା ଆମର କର୍ତ୍ତବ୍ୟ ପାଳନ କରିବା ସହ ସମସ୍ତ ହିତରେ ଆମ ଜୀବନ ଉତ୍ସର୍ଗ ହେବା ଆବଶ୍ୟକ। ସମୁଦ୍ରକୁ ସୁରା, ସୁନ୍ଦରୀଙ୍କ କେନ୍ଦ୍ର କରା ନ ଯାଉ।


ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଆଳତି କରୁଛନ୍ତି ।

## ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆଳତିର ବାର୍ଷିକୋତ୍ସବ

ସମସ୍ତଙ୍କ ପୂର୍ବଜ ହିନ୍ଦୁ ସନାତନୀ ରହିଥିଲେ। ସମୁଦ୍ରତଟରେ ନିତ୍ୟ ଆଳତି କରିବାର ଆବଶ୍ୟକ କ'ଣ ରହିଛି, ତାହା ପଛରେ ଘଟଣା ରହିଛି। ତେବେ ଆଜି ଯେଉଁଠି ଆଳତି କରାଯାଉଛି, ଅନ୍ୟଦିନଗୁଡ଼ିକରେ ମଦୁଆ ଆସି ମଦ୍ୟପାନ କରୁଛନ୍ତି। ପ୍ରଶାସନ ଏଥିପାଇଁ ଧ୍ୟାନ ଦେବା ଆବଶ୍ୟକ, ନଚେତ୍ ଆଗାମୀ ଦିନରେ ସମୁଦ୍ରତଟ ମଦୁଆଙ୍କ ଆଡ୍ଡାସ୍ଥଳୀ ନ ହେଉ ବୋଲି ସେ କହିଛନ୍ତି।

ଗଜପତି ମହାରାଜ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସ୍କନ୍ଦ ପୁରାଣରେ ବର୍ଣ୍ଣିତ ରହିଛି ପୁରୁଷୋତ୍ତମ କ୍ଷେତ୍ର ହେଉଛି ମହାପ୍ରଭୁଙ୍କ ନିତ୍ୟସ୍ୱରୂପ। ପୁରୀ ଆମିଷମୁକ୍ତ ହେବା ଆବଶ୍ୟକ। ପିଲାବେଳୁ ଯେଉଁ ଶିକ୍ଷା ପାଇଥାଏ, ସେହି ଅନୁସାରେ ପିଲାଟିର ଚରିତ୍ର ଗଠନ ହୋଇଥାଏ। ବର୍ତ୍ତମାନ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟରେ ଗୀତା, ଭାଗବତ, ରାମାୟଣର ସ୍ଥାନ ନାହିଁ। ଅତୀତରେ ବୈଦିକ ଶିକ୍ଷା ସମସ୍ତଙ୍କ ନିକଟରେ ରହୁଥିଲା। ଫଳରେ ମହାନ୍ ବ୍ୟକ୍ତି ସୃଷ୍ଟି ହେଉଥିଲେ। ଯେପରି ଚରିତ୍ର ସେପରି ବ୍ୟକ୍ତିତ୍ୱ ହୋଇଥାଏ। ତେଣୁ ବର୍ତ୍ତମାନ ସମୟ ଆସିଛି, ବୈଦିକ ସହ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରାଯାଉ। ଫଳରେ ଉତ୍ତମ ଚରିତ୍ର ଗଠନ ହୋଇପାରିବ। ସ୍କୁଲସ୍ତରରେ ବୈଦିକ ଓ ଆଧ୍ୟାତ୍ମିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ପାଇଁ ଗଜପତି ମହାରାଜ ମତ ରଖିଥିଲେ।


ନେତା, ମନ୍ତ୍ରୀ ଓ ସାଧୁସନ୍ଥମାନେ ଆଳତି କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ଶ୍ରୀମନ୍ଦିରକୁ ମିଳିଲା ଜୋତା, ଭକ୍ତ ପିନ୍ଧି ଯାଇଥିବା ନେଇ ଅଭିଯୋଗ

ପୁରୀ,୩।୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷାରେ ପୁଣି ଏକ ବଡ଼ ତ୍ରୁଟି ଦେଖିବାକୁ ମିଳିଛି। ଜଣେ ଭକ୍ତ ଜୋତା ପିନ୍ଧି ଶ୍ରୀମନ୍ଦିର ଭିତରକୁ ଚାଲିଯାଇଥିବା ଜଣାପଡ଼ିଛି, ଯାହା ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇବା ସହ କାର୍ଯ୍ୟରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଜୋତା ପିନ୍ଧି ଶ୍ରୀମନ୍ଦିରକୁ ଯାଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଶନିବାର ଏକ ଭିଡିଓ ଭାଇରାଲ୍ ହୋଇଛି, ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯାଇଛି। ଭିଡିଓରେ ଦେଖିବାକୁ ମିଳୁଛି ଜଣେ ପ୍ରତିହାରୀ ସେବକ ଶ୍ରୀମନ୍ଦିର ଭିତରୁ ହାତରେ ଜୋତା ଧରି ବାହାରକୁ ଆସୁଛନ୍ତି।

ପ୍ରତିହାରୀ ସେବକ ଅଭିଯୋଗ କରିଛନ୍ତି ଯେ, କେହି ବ୍ୟକ୍ତି ଜୋତା ପିନ୍ଧି ମନ୍ଦିରକୁ ପ୍ରବେଶ କରିଛନ୍ତି। ସେ ଜୋତାକୁ ଭଅଣ୍ଡ ଘର ଦ୍ୱାର ତଥା ଭୋଗମଣ୍ଡପ ଦ୍ୱାର ନିକଟରେ ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ସେଠାରେ ଜୋତା ରହିଥିବା ଦେଖିବା ମାତ୍ରେ ଉକ୍ତ ଜୋତାକୁ ହାତରେ ଧରି ବାହାରକୁ ଆଣିଛନ୍ତି। ଜୋତାଟି ମାଟିଆ ରଙ୍ଗର ହୋଇଥିବାରୁ ପୋଲିସର ହୋଇଥିବା ଅନୁମାନ କରାଯାଉଥିଲା। ଜଣେ ମହିଳା ଭକ୍ତ ଆସି ଉକ୍ତ ଜୋତା ତାଙ୍କ ସମ୍ପର୍କୀୟଙ୍କର ବୋଲି କହିଥିଲେ। ତାଙ୍କ ଭଉଣୀଙ୍କ ଗୋଡ଼ ଅପରେଶନ ହୋଇଥିବାରୁ ସେ ଜୋତା ପିନ୍ଧି ଶ୍ରୀମନ୍ଦିରକୁ ଯାଇଥିଲେ ବୋଲି ଭିଡିଓରେ କହୁଥିବା ଦେଖିବାକୁ ମିଳୁଛି। ଏହାକୁ ଶୁଣି ସେଠାରେ ଥିବା ବ୍ୟକ୍ତି ଓ ସେବକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଶ୍ନ ଉଠୁଛି, ଏତେ ସୁରକ୍ଷା ବ୍ୟବସ୍ଥା ଥାଇ ଭକ୍ତ ଜଣକ କିପରି ଶ୍ରୀମନ୍ଦିର ଭିତରକୁ ଜୋତା ପିନ୍ଧି ଗଲେ କେହି ଜାଣିପାରିଲେ ନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଦ୍ୱାର ନିକଟରେ ଥିବା ସେବାୟତ କି ଜେଟିପି କିପରି ଜାଣିପାରିଲେ ନାହିଁ ତାହାକୁ ନେଇ ମଧ୍ୟ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଏପରି ବାରମ୍ବାର ଘଟୁଥିବା ହେତୁ ପ୍ରଶାସନକୁ ଏନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

# ଶ୍ରୀକ୍ଷେତ୍ର ହିଁ ଏକମାତ୍ର ଜଗନ୍ନାଥ ଧାମ

ପୁରୀ,୩।୧ (ଅଜିତ୍ କୁମାର ମହାନ୍ତି)

ତୃତୀୟ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶର ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନର ବିଷୟବସ୍ତୁ ଥିଲା 'ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ଐକ୍ୟ ସ୍ଥାପନ'। ଏଥିରେ ସୁବୋଧ କୃଷ୍ଣ ମିଶନର ଅଧ୍ୟକ୍ଷ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସନାତନ ସଂସ୍କୃତିର ପୁନରୁତ୍ଥାନ କିପରି ହେବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ପୁରାତନ ସମୟରୁ ବିବର୍ତ୍ତିତ ପୂଜା ପରମ୍ପରା ତଥା ସ୍କନ୍ଦ ପୁରାଣ ଆଧାରରେ ପୂଜା ଏବଂ ଶ୍ରୀକ୍ଷେତ୍ର ହିଁ ଏକମାତ୍ର ଜଗନ୍ନାଥ ଧାମ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ତାଙ୍କ ସହିତ ଆଲୋଚନାରେ ଭାଗ ନେଇଥିଲେ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡ. ଭାସ୍କର ମିଶ୍ର, ରାଧାବଲ୍ଲଭ ମଠର ମହନ୍ତ ପୂଜ୍ୟ ରାମକୃଷ୍ଣ ଦାସ ମହାରାଜ, ଶ୍ରୀମନ୍ଦିର ପୂଜାପଣ୍ଡା ସେବକ ସାମନ୍ତ ମାଧବ ଚନ୍ଦ୍ର ପୂଜାପଣ୍ଡା, ଭାଗବତ ଆଶ୍ରମର ଅଧ୍ୟକ୍ଷ ପୂଜ୍ୟ ବାବା ବ୍ରଜବନ୍ଧୁ ଦାସ ମହାରାଜ। ଏହା ସହିତ ଓସାନ, ନାଇଜେରିଆର ସଭାପତି ପ୍ରଶାନ୍ତ କୁମାର ଦାସ ଓ ମ୍ୟାନ୍‌ମାର ଓଡ଼ିଆ ଆସୋସିଏଶନର ସାରିକା ଚତୁର୍ବେଦୀ। ନିଜ ନିଜ ଦେଶର ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ କିପରି ସେବାପୂଜା କରାଯାଏ ସେହି ଉପରେ ଆଲୋକପାତ କରିଥିଲେ। ସଭାର ଦ୍ୱିତୀୟ ଅଧିବେଶନରେ ଶ୍ରୀଜଗନ୍ନାଥ ଧାମ ନାମକରଣ ପ୍ରସଙ୍ଗ ଉପରେ ସ୍ୱାମୀ ବ୍ରହ୍ମ ନିଷ୍ଠାନନ୍ଦ ସରସ୍ୱତୀ ଆଲୋକପାତ କରିଥିଲେ। ଏଥିସହିତ ଆଇଭରୀ କୋଷ୍ଟର ବିଭୁଜା ନନ୍ଦନ ମହାନ୍ତି, ସ୍ୱିଡେନର ଆଦିତ୍ୟ କୁମାର ପରିଡ଼ା ଓ ଅଷ୍ଟ୍ରେଲିଆର ଦୁର୍ଗା ପ୍ରସନ୍ନ ରାଉତରାୟ ଆଲୋଚନାରେ ଭାଗନେଇଥିଲେ। ଭଜନ ଗୁରୁ ନଳିନୀକାନ୍ତ ନାୟକଙ୍କ ସହିତ ତାଙ୍କ ଭଜନମଣ୍ଡଳୀର ସହଯୋଗୀଙ୍କ ସୁମଧୁର ଶ୍ରୀଜଗନ୍ନାଥଙ୍କ ଭଜନ ଶ୍ରୋତାଙ୍କ ମନ କିଣି ନେଇଥିଲା। ରବିବାର ସମାବେଶର ଶେଷ ଦିବସରେ ଗଜପତି ମହାରାଜା ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୧।୨୦୨୬

| | |
|---|---|
| ୬,୦୪,୮୭୨ ଟଙ୍କା | |
| ସୁନା | ୨୫୦ ମିଲିଗ୍ରାମ୍ |
| ରୁପା | ୪୬.୫୦୦ ଗ୍ରାମ୍ |

# ବିଶ୍ୱମ୍ଭର ବିଦ୍ୟାପୀଠରେ ପିଏମ୍‌ଶ୍ରୀ ଉତ୍ସବ

ପୁରୀ,୩।୧ (ଅଜିତ୍ କୁମାର ମହାନ୍ତି)

ଜାତୀୟ ଶିକ୍ଷାନୀତିର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ସହ ବିଦ୍ୟାର୍ଥୀଙ୍କର ସର୍ବାଙ୍ଗୀନ ବିକାଶ ହେବ ବୋଲି ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିଛନ୍ତି। ଶନିବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ଡ. ପାତ୍ର ପାଠ ସହ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ିବା ପିଏମ୍‌ଶ୍ରୀ ବିଦ୍ୟାଳୟର ଉଦ୍ଦେଶ୍ୟ। ଜିଲାରେ ୨୭ଟି ପିଏମ୍‌ଶ୍ରୀ ବିଦ୍ୟାଳୟ ହୋଇଛି। ୨୦୩୬କୁ ବିକଶିତ ଓଡ଼ିଶା ଓ ୨୦୪୭କୁ ବିକଶିତ ଭାରତର ପରିକଳ୍ପନାକୁ ଆମ ସମସ୍ତଙ୍କ ଉଦ୍ୟମରେ ସଫଳ କରିବା ବୋଲି ସେ କହିଥିଲେ। ପୁରାତନ ଛାତ୍ରୀଛାତ୍ର ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟରେ ନିୟୋଜିତ ରହିଛନ୍ତି, ସେମାନଙ୍କୁ ବିଦ୍ୟାଳୟଗୁଡ଼ିକ ଆମନ୍ତ୍ରଣ କରି ଅଭିଜ୍ଞତା ଓ ଅନୁଭବକୁ ବର୍ତ୍ତମାନର ପିଢ଼ିଙ୍କୁ ଶୁଣେଇବାକୁ ଡ. ପାତ୍ର ପରାମର୍ଶ ଦେଇଥିଲେ। ଏମ୍‌ପିଙ୍କ ପରାମର୍ଶକ୍ରମେ ସମସ୍ତେ ଶୁକ୍ରବାର ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶିଶୁ ଶ୍ରେୟାଂଶ ଦେଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ସହ ସୁସମନ୍ୱୟ ଏବଂ ଶିକ୍ଷାନୁଷ୍ଠାନ ଭିତ୍ତିଭୂମିର ବିକାଶ ଶିକ୍ଷା ପ୍ରତି ପିଲାଙ୍କୁ ଅଧିକ ପ୍ରେରଣା ଦେବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ ପ୍ରକଳ୍ପକୁ ବୁଲି ଦେଖିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଭାରତରେ ୧୪୫୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ପିଏମ୍‌ଶ୍ରୀ ବିଦ୍ୟାଳୟ କାର୍ଯ୍ୟକାରୀ ହେଉଛି ଓ ବିଦ୍ୟାଳୟର ବିକାଶ, ଶିକ୍ଷାର ଉତ୍ଥାନ ପାଇଁ ପିଏମ୍‌ଶ୍ରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସାହୁଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ର ଓ ରାଜଶ୍ରୀ ଦାସ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଏମ୍‌ପିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ ।

# ସାକ୍ଷୀଗୋପାଳ ଠାକୁରଙ୍କ ପୁଷ୍ୟାଭିଷେକ ବେଶ

ସାକ୍ଷୀଗୋପାଳ,୩।୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୌଷମାସ ପୂର୍ଣ୍ଣମୀ ତିଥିରେ ଶନିବାର ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କର ପୁଷ୍ୟାଭିଷେକ ବେଶ ଅନୁଷ୍ଠିତ ହୋଇଛି। ଦିପ୍ରହର ଧୂପରେ ସାକ୍ଷୀଗୋପାଳ ଓ ମା'ରାଧାରାଣୀଙ୍କୁ ଅଭିମନ୍ତ୍ରିତ ସୁଗନ୍ଧିତ ଜଳରେ ନଅଘର ପୁଷ୍ପାଳକ ପୂର୍ଣ୍ଣସ୍ନାନ କରାଇଥିଲେ। ନୂତନବସ୍ତ୍ର ଲାଗି, ଜାତଭୋଗ ଓ ଆଳତି ଉପଚାର କରାଯିବା ପରେ କୁସୁମ, ମାଣିକୀଚାନ୍ଦି, ରଜନୀଗାନ୍ଧା, ଗୋଲାପ, ଟଗର, ସୁଗନ୍ଧରାଜ ପ୍ରଭୃତି ସୁଗନ୍ଧିତ ଫୁଲରେ ପ୍ରସ୍ତୁତ ଠାକୁରଙ୍କ ଘୋଡ଼, ଟୋପି, ଛତି, ତ୍ରାସ, ଟାହିଆ ଓ ଫୁଲମାଳ ଲାଗି କରାଯାଇଥିଲା। ପୂଜାପଣ୍ଡା ସିଂହାରି, ପାଳିଆପତ୍ରୀ, ଭଣ୍ଡାର ମେକାପ ସେବାୟତ ଏହି ବେଶରେ ସହଯୋଗ କରିଥିବା ବେଳେ ମାଳି ସେବାୟତମାନେ ଫୁଲରେ ତିଆରି ଘୋଡ଼, ଫୁଲମାଳ, ଟାହିଆ, ଟୋପି, ଛତିତ୍ରାସ ପ୍ରସ୍ତୁତ କରିଥିଲେ। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଠାକୁରଙ୍କ ପାଇଁ ଫୁଲ, ଫୁଲମାଳ, ଟାହିଆ ଟୋପି ଲାଗି କରିଥିଲେ। ରାତ୍ର ୯ଟା ପର୍ଯ୍ୟନ୍ତ ଠାକୁରଙ୍କ ଏହି ଦୁର୍ଲ୍ଲଭ ବେଶ ଦେଖିବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

# କଳାକାର, ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା

ପୁରୀ,୩।୧ (ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ମାଟି କଳା ଓ ସଂସ୍କୃତିର ମାଟି। କଳାକାର ଓ ସାହିତ୍ୟିକଙ୍କୁ ସମ୍ମାନ ପ୍ରଦର୍ଶନ ଦ୍ୱାରା ପୂଜ୍ୟପୂଜାର ଗୌରବ ବୃଦ୍ଧି ଓ ପ୍ରେରଣାଦାୟକ ହୋଇଥାଏ ବୋଲି ଅତିଥିମାନେ କହିଛନ୍ତି। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମୂର୍ଚ୍ଛନା ଓ ଓଡ଼ିଶା କଲ୍‌ଚରାଲ ଆର୍ଟ ଏକାଡେମୀ ପକ୍ଷରୁ ଜାତୀୟସ୍ତରୀୟ ଶ୍ରୀକ୍ଷେତ୍ର ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଐତିହାସିକ ଓ ଗବେଷକ ଅନିଲ କୁମାର ଧୀର ଓଡ଼ିଶାର କଳା, ସ୍ଥାପତ୍ୟ, ପରମ୍ପରା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡ. ତ୍ରିଲୋଚନ ବରାଳ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଭାଗବତ ଟୁଙ୍ଗୀ ପ୍ରଚାର ସମିତି ଅଧ୍ୟକ୍ଷ ନଙ୍ଗୁଳି ବାବା, ସାମାଜିକ କର୍ମୀ ଡ. ସୁବାସ ଚନ୍ଦ୍ର ପାଣି, ବିଶିଷ୍ଟ କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର, ଦେବାଂଶୀ ମିଶ୍ର, ଡ. ସୁବାସ ରଥ, ବ୍ୟଙ୍ଗକବି ସମ୍ପଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ଶିଳ୍ପୀ ଓ କଳାକାର କଠୋର ସାଧନା ସହ ଅଧ୍ୟବସାୟୀ ହୋଇ ନିଜର ପରିଚୟ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ପରେ ଅତିଥିମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଜେପୁରରୁ ଆସିଥିବା କଂସ ଚରିତ୍ରଧାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବସନ୍ତ କୁମାର ଦାସ ଅତିଥି ପରିଚୟ, ବିବରଣୀ ପଠନ ସହ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ବିଜୟିନୀ ଦାଶ ଓ ବିଜୟଲକ୍ଷ୍ମୀ ଶତପଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ଅସ୍ତରଙ୍ଗ,୩।୧ (ମମତା ଜେନା)

କାକଟପୁର ଥାନା ଅଧୀନସ୍ଥ ବାଙ୍ଗୁରୀଗାଁ ଗ୍ରାମର ଶଙ୍କର ସାହୁଙ୍କ ଝିଅ ସସ୍ମିତା ସାହୁ (୨୪)ଙ୍କର ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ସସ୍ମିତାଙ୍କୁ ନିଜ ଘରେ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ କାକଟପୁର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସସ୍ମିତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଷ୍ଟମର୍ଟମ ରିପୋର୍ଟ ଆସିବାପରେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କାକଟପୁର ଥାନାରେ ଏକ ଅପମୃତ୍ୟୁ ମାମଲା ୧/୨୦୨୬ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ନବୀନଙ୍କୁ ଚାଉଳ ତିଆରି ରଥ ଉପହାର ଦେଲେ ଶିଳ୍ପୀ ଅକ୍ଷୟ

ପିପିଲି,୩।୧ (ଦୁର୍ଗାମାଧବ ମିଶ୍ର)

ଚାନ୍ଦୁଆନଗରୀ ପିପିଲି ଦରଜୀସାହି ନିବାସୀ ଚାନ୍ଦୁଆ ଶିଳ୍ପୀ ଅକ୍ଷୟ ମହାପାତ୍ର ନୂଆବର୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କିଛିନୂଆ ଜିନିଷ ଉପହାର ଦେଇ ଆସୁଛନ୍ତି। ଚଳିତବର୍ଷ ନୂଆବର୍ଷ ଆରମ୍ଭରେ ଅକ୍ଷୟ ନବୀନ ନିବାସରେ ପହଞ୍ଚି ନିଜ ହାତ ତିଆରି ସୋଲ ଏବଂ ଅରୁଆ ଚାଉଳରେ ନିର୍ମିତ ଦେଢ଼ ଫୁଟର ନନ୍ଦିଘୋଷ ରଥ ତା' ଭିତରେ ଜଗନ୍ନାଥ, ବଳଭଦ୍ର ଏବଂ ମା' ସୁଭଦ୍ରା ବିଜେ କରିଥିବା ରଥ ଉପହାର ଦେଇଥିଲେ। ଏପରି କଳାକୃତୀକୁ ଦେଖି ନବୀନ ପଟ୍ଟନାୟକ ଅତ୍ୟନ୍ତ ଖୁସି ହୋଇ ଉପହାରଟି ଗ୍ରହଣ କରି ଶିଳ୍ପୀ ଅକ୍ଷୟଙ୍କୁ ପ୍ରଶଂସା କରିଥିଲେ।

# ପୌଷ ପୂର୍ଣ୍ଣିମାରେ ଭାର୍ଗବୀ ଆଳତି

ପୁରୀ,୩।୧ (ଅଜିତ୍ କୁମାର ମହାନ୍ତି)

ପବିତ୍ର ପୌଷ ପୂର୍ଣ୍ଣମୀରେ ପଞ୍ଚମୁଖୀ ନଦୀକୂଳରେ ପଣ୍ଡିତ ଶୁଭାଶିଷ କରଙ୍କ ଦ୍ୱାରା ଭାର୍ଗବୀ ଆଳତି ସମ୍ପାଦିତ ହୋଇଛି। ଏହି କାର୍ଯ୍ୟରେ ମା' ପଞ୍ଚମୁଖୀଙ୍କ ପାଖରେ ପୂଜାର୍ଚ୍ଚନା ଓ ମାଜଣା ପରେ ମନୋରମା ପ୍ରଧାନଙ୍କ ସଂକୀର୍ତ୍ତନ ଗୋଷ୍ଠୀ ନାମ ଧରି ଭାର୍ଗବୀ ଆଳତିରେ ସହଯୋଗ କରିଥିଲେ। ଗାଁର ମୁଖିଆଙ୍କ ଉପସ୍ଥିତିରେ ମଣ୍ଡପ ଓ ନଦୀକୂଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମ ବଦ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଡ. ଶଙ୍କର ପ୍ରଧାନଙ୍କ ଧର୍ମପତ୍ନୀ ଯୋଗଦେଇଥିଲେ। ଦିବ୍ୟ ଆଳତିରେ ଭବାନୀ ଶଙ୍କର ତ୍ରିପାଠୀ, ବିରଞ୍ଚି ମିଶ୍ର, ବାପିନା ପତି, ଗଙ୍ଗାଧର କର, ଗୋପାଳ ଚନ୍ଦ୍ର କର, ଦ୍ୱାରିକା ନାଥ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବିନାୟକ ପାତ୍ର, କପିଳେଶ୍ୱରପୁର ସରପଞ୍ଚ ପ୍ରତିନିଧି ଦୀନବନ୍ଧୁ ମାଛୁଆ, ନିରଞ୍ଜନ ମିଶ୍ର, ଦୁର୍ଗାମାଧବ କର, ସପନ ଉପାଧ୍ୟାୟଙ୍କ ସମେତ ଅନେକ ଭକ୍ତ ଯୋଗଦେଇଥିଲେ। ଶରତ ଦେଓ, ଗଣେଶ ବେହେରା, ଜିତେନ୍ଦ୍ର କୁମାର ଦାସ, ବାନାମ୍ବର ପରିଡ଼ା, ତ୍ରିନାଥ ବାରିକ ଏଥିରେ ସହଯୋଗ କରିଥିଲେ। ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ସୁଦୂର ପ୍ରସାରୀ କରାଯାଇ ଭାର୍ଗବୀ ନଦୀର ଅତୀତର ସ୍ମୃତିକୁ ମନେ ପକାଇ ନଦୀର ପୁନରୁଦ୍ଧାର କରାଯିବା ପାଇଁ ସରକାରୀସ୍ତରରେ ଯୋଗାଯୋଗ କରାଯିବ ବୋଲି ପ୍ରଶାନ୍ତ କୁମାର ତ୍ରିପାଠୀ କହିଛନ୍ତି।

# ୧୮୮ତମ 'ଦେଖିଲେଖ' ପ୍ରତିଯୋଗିତା

ପୁରୀ,୩।୧ (ଅଜିତ୍ କୁମାର ମହାନ୍ତି)

ସ୍ୱର୍ଗଦ୍ୱାର ରୋଡ଼ସ୍ଥିତ ଭାରତ ସେବାଶ୍ରମ ସଂଘ ୟୁଜିୟୁପି ବିଦ୍ୟାଳୟ ପୁରୀର ୫ମରୁ ୭ମ ଶ୍ରେଣୀ ପିଲାଙ୍କ ମଧ୍ୟରେ ଟିକିତାରା ଭ୍ରାମ୍ୟମାଣ ସାହିତ୍ୟ ସଂସ୍ଥା ପକ୍ଷରୁ ଦେଖିଲେଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ୫ମ ଶ୍ରେଣୀରୁ ଜି. ମଧୁମିତା, ଶୁଭସ୍ମିତା ସାହୁ, ସୋନାଲି ପୃଷ୍ଟି, ୬ଷ୍ଠ ଶ୍ରେଣୀରୁ ବି.ସାଇଶ୍ରଦ୍ଧା ବେହେରା, ପ୍ରଣୀତ କୁମାର ମହାନ୍ତି, ପ୍ରିୟାଂଶୀ ପୃଷ୍ଟି ଏବଂ ୭ମ ଶ୍ରେଣୀରୁ ଆଦ୍ୟାଶା ମହାପାତ୍ର, ପ୍ରିୟଙ୍କା ମହାପାତ୍ର, ବିଶ୍ୱମ୍ଭର ମଣ୍ଡଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପ୍ରମାଣପତ୍ର ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ଉମାଶଙ୍କର ଦାସ, କୃଷ୍ଣଚନ୍ଦ୍ର ରଥ, ବୈଜୟନ୍ତୀ ସାହୁ, ସୁଜାତା ପଣ୍ଡା, ବିଜୟ କୁମାର ସାହୁ, ବିଷ୍ଣୁପ୍ରିୟା ବେହେରା, ଚନ୍ଦ୍ରମା ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରମାଣପତ୍ର ପ୍ରଦାନ କରିବା ସହିତ ମନଦେଇ ପାଠ ପଢ଼ିବାକୁ କହିଥିଲେ।

# ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଛେଦ ପାଇଁ ପ୍ରଚାର

- ସରକାରୀ ଜମି ଚିହ୍ନଟ ପରେ ଦିଆଗଲା ସଙ୍କେତ
- ମାପଚୁପ ବେଳେ ପ୍ରିୟାପ୍ରୀତି ଅଭିଯୋଗ
- ୬ରେ ଗୋପ ବଜାର ଉଚ୍ଛେଦ ହେବ ବୋଲି ସୂଚନା

ଗୋପ,୩।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ଦିନ ଧରି ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୬ ତାରିଖ ଦିନ ଗୋପ ବଜାର ଉଚ୍ଛେଦ ପ୍ରକ୍ରିୟା କରାଯିବା ନେଇ ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ଏକ ଟିମ୍ ମାପ କରି ଚିହ୍ନ ଦେଇଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ ପ୍ରଚାର କରାଯାଇଛି। ଏହି ମାପଚୁପ ଓ ଚିହ୍ନଟ ପ୍ରକ୍ରିୟାରେ ବ୍ୟାପକ ଭାବେ ପ୍ରିୟାପ୍ରୀତି ହୋଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, କିଛିବର୍ଷ ଧରି ଗୋପ-ଚାରିଛକ, ଗୋପ-ନିମାପଡ଼ା, ଗୋପ-ବାଲିଘାଇ ଓ ଗୋପ-କୋଣାର୍କ ରାସ୍ତାରେ ସରକାରୀ ଜମି ଜବରଦଖଲ ହୋଇଥିବା ଭଳି ଅଭିଯୋଗ ହୋଇଆସୁଥିଲା। ଏପରିକି ଅଧିକାଂଶ ସମୟରେ ଏହି ସବୁ ରାସ୍ତାରେ ପୁରୀ, କୋଣାର୍କକୁ ଦେଶବିଦେଶର ପର୍ଯ୍ୟଟକ ବୁଲି ଯାଉଥିବାବେଳେ ଯା' ଆସ କରୁଥିବା ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ଏହି ସବୁ ଅଭିଯୋଗ ଉପରେ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ସରକାର ପର୍ଯ୍ୟଟନର ବିକାଶ ଓ ରାସ୍ତାଘାଟର ଉନ୍ନତି କରିବା ଲାଗି ଅଣ୍ଟା ଭିଡ଼ିଥିବାରୁ ଏହିସବୁ ରାସ୍ତାଗୁଡ଼ିକରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଗତମାସରେ ଏହି ଉଚ୍ଛେଦ ହେବା ଲାଗି ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାସ୍ତାକଡ଼ରେ ଥିବା ଓ ସରକାରୀ ଜମି ଉପରେ ରହି ଜବରଦଖଲ କରିଥିବା ଦୋକାନୀଙ୍କୁ ନୋଟିସ ଦିଆଯିବା ସହ ବିଭିନ୍ନ ରାସ୍ତାଗୁଡ଼ିକୁ ମାପଚୁପ ଆରମ୍ଭ ହୋଇଥିଲା। ଗୋପ ବଜାରର ଚାରିପଟ ବଜାରରେ ବଡ଼ବଡ଼ ଦୋକାନ କରି ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ସରକାରୀ ଜମିକୁ ଜବରଦଖଲ କରିଥିବାବେଳେ ସେମାନଙ୍କୁ ତହସିଲ କାର୍ଯ୍ୟାଳୟର କର୍ମଚାରୀ ପ୍ରିୟାପ୍ରୀତି ପୋଷଣ କରିଥିବା ଅଭିଯୋଗ ହୋଇଥିଲା।

ଅପରପକ୍ଷରେ ଗୋପ ବଜାର କଡ଼ରେ ଥିବା ଥାନା ଜମି ଉପରେ କେତେକ ଦୋକାନ ବଜାର ଚାଲିଥିବା ବେଳେ ଏବେ ଅଳ୍ପଦିନ ତଳେ ଗୋପ ବ୍ଲକ ପକ୍ଷରୁ ଏହି ଜମିରେ ସରକାରୀ ଟଙ୍କା ଖର୍ଚ୍ଚ କରାଯାଇ ପିଣ୍ଡି କରାଯିବ ବୋଲି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ଏହି ଥାନା ଜମି ଏଠାରେ କେମିତି ଦୋକାନ ବଜାର ହେବ ବୋଲି କହିଥିଲେ। ଫଳରେ ଏବେ ଏହି କାର୍ଯ୍ୟ ବନ୍ଦ ରହିଥିବା ବେଳେ ଥାନା ପକ୍ଷରୁ ଥାନା ଜମିରୁ ଦୋକାନ ବଜାର ଉଚ୍ଛେଦ କରାଯିବା ଲାଗି ଚିଠି କରାଯାଇଛି। ଗୋପ ବଜାର ଉଚ୍ଛେଦ ପୂର୍ବରୁ ସରକାରୀ ଜମିକୁ ଠିକ୍ ଭାବେ ମାପଚୁପ କରାଯିବାକୁ ଦାବି କରାଯାଇଥିବା ବେଳେ ଦୀର୍ଘବର୍ଷ ଧରି ଗୋପ ପଞ୍ଜାବ ବ୍ୟାଙ୍କ ଓ ମୁଖ୍ୟ ରାସ୍ତାକଡ଼ରେ ଥିବା ସରକାରୀ ଜମି ନୟନଯୋଡ଼ିକୁ ଜବରଦଖଲ କରିଥିବା ଜମିଗୁଡ଼ିକୁ ଉଚ୍ଛେଦ କରାଯିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାଶଙ୍କୁ ପଚାରିବାରେ ମାପଚୁପ ଚାଲିଛି। ଅନ୍ୟ ଅଭିଯୋଗ ଉପରେ ଖୁବଶୀଘ୍ର ମାପଚୁପ କରାଯିବା ସହ ୬୨ ବର୍ଷ ଧରି ସରକାରୀ ଜମିକୁ ଜବରଦଖଲ ଉପରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ।


ଉଚ୍ଛେଦ ପୂର୍ବରୁ ମାପଚୂପ କରାଯାଉଛି ।

## ଜଗତ କଲ୍ୟାଣ ଭାଗବତ ସତ୍‌ସଂଘର ବାର୍ଷିକ ଉତ୍ସବ

କଟକ,(କାର୍ତ୍ତିକ ସାହୁ): ଜଗତ କଲ୍ୟାଣ ଭାଗବତ ସତ୍‌ସଂଘର ବାର୍ଷିକ ଉତ୍ସବ ମହିଦାସ ବଜାରସ୍ଥିତ ଶ୍ରୀ ଶ୍ରୀ ବାଲକେଶ୍ୱର ରାଧାଗୋବିନ୍ଦ ମନ୍ଦିର ପରିସରରେ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ପ୍ରଥମ ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଠାକୁରଙ୍କ ନିକଟରେ ଭାଗବତ ପାରାୟଣ ଏବଂ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ଭକ୍ତବୃନ୍ଦ ଭଜନ ପରିବେଷଣ କରିଥିଲେ। ସାହି ମୁରବି, ଯୁବକବୃନ୍ଦ, କର୍ମକର୍ତ୍ତା ତଥା ସାହିରେ ଥିବା ସମସ୍ତ କ୍ଲବର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ସହଯୋଗ କରିଥିଲେ। ମହିଦାସ ବଜାର ପୂଜା କମିଟି ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏସ୍‌ସିବିରେ ରୋଗୀ ଦେଖୁନାହାନ୍ତି ଅନେକ ଡାକ୍ତର

### ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଲେ ସାମାଜିକ କର୍ମୀ

କଟକ,୩।୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ରୋଗୀ ସେବା ପ୍ରତି ଅନେକ ଡାକ୍ତର ଆଦୌ ଧ୍ୟାନ ଦେଉନାହାନ୍ତି। ଏପରିକି ଡ୍ୟୁଟି ସମୟରେ ମେଡିକାଲ ଛାଡ଼ି ଘରୋଇ କ୍ଲିନିକ୍‌ରେ ରୋଗୀ ଦେଖୁଛନ୍ତି। ଦୀର୍ଘଦିନ ଧରି ଏଭଳି ଘଟଣା ଚାଲିଆସୁଥିବାବେଳେ ଡାକ୍ତରମାନଙ୍କ 'ପ୍ରାଇଭେଟ୍ ପ୍ରାକ୍ଟିସ' ଉପରେ ଲଗାମ ଲାଗି ପାରୁନାହିଁ। ସରକାର ଏସ୍‌ସିବିକୁ ଏମ୍ସପ୍ଲସ୍ ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖିଥିବାବେଳେ ଏଠାରେ ପ୍ରାଇଭେଟ୍ ପ୍ରାକ୍ଟିସକୁ ବନ୍ଦ କରାଯାଇପାରୁନାହିଁ। ସୂଚନା ଅଧିକାର ଆଇନ ଜରିଆରେ ମଧ୍ୟ ଏସ୍‌ସିବି କର୍ତ୍ତୃପକ୍ଷ ଡାକ୍ତରମାନଙ୍କ ଦୋଷ ଦୁର୍ବଳତାକୁ ଲୁଚାଉଛନ୍ତି। ତେବେ ଏସ୍‌ସିବିର ଦୁର୍ବଳ ସ୍ୱାସ୍ଥ୍ୟସେବା ବିରୋଧରେ ଅଭିଯୋଗ ଉଠାଇବା ସହ ରାଜ୍ୟରେ ସ୍ୱାସ୍ଥ୍ୟସେବାର ହିତ ଦୃଷ୍ଟିରୁ ଏଭଳି ଘଟଣାର ତଦନ୍ତ କରାଯାଉ ବୋଲି ଦାବିକରି ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପକ୍ଷରେ ଏସ୍‌ସିବିର ଡାକ୍ତରମାନଙ୍କ ପ୍ରାଇଭେଟ୍ ପ୍ରାକ୍ଟିସ ବନ୍ଦ କରାଯିବା ନେଇ ଦୀର୍ଘଦିନ ଧରି ଦାବି ହୋଇଆସୁଛି। କିଛି ଦିନ ପୂର୍ବେ ସର୍ଜରି ବିଭାଗର ଆସୋସିଏଟ୍ ପ୍ରଫେସର ତଥା ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ ପ୍ରାଇଭେଟ୍ ପ୍ରାକ୍ଟିସକୁ ବିରୋଧ କରିଥିଲେ।



ପୁଷ୍ୟାଭିଷେକ ପୂର୍ଣ୍ଣିମାରେ ଶନିବାର ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଏବଂ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଦେବାଭିଷେକ ବେଶ ।(ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ଧରିତ୍ରୀ ବିତରକ ସୁକାନ୍ତ ସାହୁଙ୍କ ପରଲୋକ

କଟକ ସଦର,୩।୧(ସୁଶାନ୍ତ କୁମାର ଜେନା)



କିଶନନଗର ଥାନା ଅନ୍ତର୍ଗତ ନାନପୁର ଅଞ୍ଚଳର ଧରିତ୍ରୀ ବିତରକ ସୁକାନ୍ତ ସାହୁ (୫୭)ଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। ସାହୁ ସକାଳେ ଖବରକାଗଜ ବିତରଣକରି ଘରେ ବସିଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କଟକ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ସ୍ୱର୍ଗତ ସାହୁ ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବେ ପରିଚିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତହେବା ପରେ ବହୁ କଳାପ୍ରେମୀ ଓ ଖବରକାଗଜ ବିତରକ ସୁକାନ୍ତଙ୍କ ନାନପୁର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### କାର୍ଯ୍ୟକାରୀ ହେଉନି ଜିଲାପାଳଙ୍କ ବଦଳି ଆଦେଶ

କଟକ ସଦର,୩।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକରେ କାର୍ଯ୍ୟରତ ୨ଜଣ କର୍ମଚାରୀଙ୍କୁ ଜିଲାପାଳଙ୍କ ଆଦେଶ ମୁତାବକ ଅନ୍ୟ ବ୍ଲକ୍‌କୁ ବଦଳି କରାଯାଇଥିଲା। ଆଦେଶ ପାଇବା ପରେ ଉକ୍ତ ବ୍ଲକ୍‌ରୁ ବଦଳି ହେଉଥିବା କର୍ମଚାରୀମାନଙ୍କୁ ବିଡିଓ ଭାରମୁକ୍ତ କରିଥିଲେ। ତେବେ ସେମାନଙ୍କ ବଦଳରେ ଅନ୍ୟ ବ୍ଲକ୍‌ରୁ ଆସିବାକୁ ଥିବା କର୍ମଚାରୀମାନଙ୍କୁ ସେଠାକାର ବିଡିଓ ଭାରମୁକ୍ତ କରୁନାହାନ୍ତି। ଫଳରେ କର୍ମଚାରୀ ଅଭାବରୁ ସଦର ବ୍ଲକ୍‌ରେ କାର୍ଯ୍ୟ ଅଚଳ ହୋଇପଡ଼ିଛି। ୨୩ଟି ପଞ୍ଚାୟତ ପାଇଁ ୯ଜଣ ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ରହିଛନ୍ତି। ଜିଲା ପଞ୍ଚାୟତ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୩୬/୧୮-୧୨-୨୦୨୫ରେ ୨ଜଣ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିଆଳି ବ୍ଲକ୍‌କୁ ବଦଳି କରାଯାଇଛି। ଜିଲାପାଳଙ୍କ ଆଦେଶକୁ ଅନ୍ୟ ବ୍ଲକ୍‌ର ବିଡିଓମାନେ ମାନୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଏହାଛଡ଼ା ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ଏ ନେଇ ଜିଲା ପଞ୍ଚାୟତ ଅଧିକାରୀ ଗୀତ ଆଚାର୍ଯ୍ୟ କହିଛନ୍ତି, ଅନ୍ୟ ବିଡିଓଙ୍କ ସହ ଯୋଗାଯୋଗ କରାଯିବ।

# ମେଡିକାଲ ବାରଣ୍ଡା ପାଲଟିଛି ରୋଗୀଙ୍କ ସାହାରା

କଟକ,୩।୧(ଶିଳ୍ପା ପ୍ରିୟଦର୍ଶିନୀ)



### ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ରାତିରେ ଆଶ୍ରୟ ନେବା ପାଇଁ ହଇରାଣ ହେଉଛନ୍ତି। ଏପରିକି ସେମାନେ ମେଡିକାଲ ପରିସରସ୍ଥ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ଏଠାରେ ଆଶ୍ରୟସ୍ଥଳୀ ଥାଇ ମଧ୍ୟ ଏହା ରୋଗୀ ସଂଖ୍ୟା ମୁତାବକ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପରିସରସ୍ଥ ୩ଟି ସ୍ଥାନରେ ଅସ୍ଥାୟୀ ଟିଣଶେଡ୍ ତଳେ ରୋଗୀ ଓ ସମ୍ପର୍କୀୟଙ୍କ ନିମନ୍ତେ ରହିବା ବ୍ୟବସ୍ଥା କରାଯାଇଛି। କର୍କଟ କେନ୍ଦ୍ରରେ ବେଡ୍ ସଂଖ୍ୟା ୫୦୫ ରହିଛି। ସେଥିମଧ୍ୟରୁ ଆଇସିୟୁ ବେଡ୍ ୨୮ ଏବଂ ଡେ କେୟାର ସେଣ୍ଟରରେ ୩୦ଟି ବେଡ୍ ରହିଛି। ଏପରିକି ଦୈନିକ ପ୍ରାୟ ୨୫୦ ରୋଗୀଙ୍କ ରେଡିଏଶନ ଓ ୨୦୦ରୁ ଅଧିକ ରୋଗୀଙ୍କ କେମୋଥେରାପି କରାଯାଉଛି। ମେଡିକାଲରେ ରୋଗୀ ସଂଖ୍ୟା ଅନୁଯାୟୀ ବେଡ୍ ସଂଖ୍ୟା କମ୍ ରହିଛି। ଡାକ୍ତର ଆବଶ୍ୟକ ଅନୁଯାୟୀ ଆଡ୍‌ମିଶନ କରୁଥିବା ସୂଚନା ମିଳିଛି। ଏନେଇ ଧାମରା ଅଞ୍ଚଳର ସରୋଜ ମହାଳିକ କହିଛନ୍ତି, ରୋଗୀକୁ ନେଇ ଆଜିକୁ ୧୦ଦିନ ହେବ ଆସିଲୁଣି। ଚିକିତ୍ସା ଜାରି ରହିଛି, ହେଲେ ସୁଫଳ ମିଳିନାହିଁ। ଆଶ୍ରୟସ୍ଥଳରେ ମଧ୍ୟ ଜାଗା ନାହିଁ। ଫଳରେ ମେଡିକାଲ ବାରଣ୍ଡାରେ ଆଶ୍ରୟ ନେଉଛୁ। ଶୀତରେ କଲବଲ ହେବାକୁ ପଡ଼ୁଛି। ସେହିପରି ରାଜନଗର ଅଞ୍ଚଳର ଦିବ୍ୟଲୋଚନ ପରିଜା କହିଛନ୍ତି, ସ୍ତ୍ରୀକୁ ନେଇ ଚିକିତ୍ସା ପାଇଁ ଆସିଛି ଏବଂ ହଟହଟା ହେଉଛି। ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଚାଲିଛି, ତେବେ ଆଶ୍ରୟ ନେବାକୁ ଜାଗା ନାହିଁ। ୧୫ ଦିନରୁ ଅଧିକ ହେବ ଶୀତରେ ବାହାରେ ରାତି କାଟୁଛୁ । ବହୁ ହଇରାଣ ହେବାକୁ ପଡୁଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଧାନ ଗବେଷକ କେ. ଏସ୍. ମୂର୍ତ୍ତିଙ୍କ ପରଲୋକ

କଟକ,୩।୧(କାର୍ତ୍ତିକ ସାହୁ)



କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଦୀର୍ଘ ୩୪ ବର୍ଷ ଧରି କାର୍ଯ୍ୟ କରିଥିବା ପ୍ରତିଷ୍ଠିତ ଧାନ ଗବେଷକ ଡ. କୁଟିମଞ୍ଚି ସତ୍ୟନାରାୟଣ ମୂର୍ତ୍ତି(୯୮)ଙ୍କର ଆନ୍ଧ୍ରପ୍ରଦେଶର ଭୁୟୁରୁଠାରେ ଗତ ୧ତାରିଖରେ ପରଲୋକ ହୋଇଯାଇଛି। ହାଇବ୍ରିଡ୍ ଧାନ ଶରୀର ବିଜ୍ଞାନ, ଧାନ ପ୍ରଜନନ କିସମ ଉନ୍ନତୀକରଣ, ଧାନ ଉତ୍ପାଦନ କ୍ଷମତା ବୃଦ୍ଧି, ପତ୍ର ଓ ପାନିକଲ ସେନିସେନ୍ସ, ସୁପ୍ତ ମଞ୍ଜିର ବଞ୍ଚିବା ଶକ୍ତି ବଢ଼ାଇବା, ଖଣିଜ ପୁଷ୍ଟି ବୃଦ୍ଧି ନିୟାମକ, ସୌରଶକ୍ତି ଉପଯୋଗ, ପରିବର୍ତ୍ତିତ ଜଳବାୟୁରେ ଉନ୍ନତ ଚାଷପ୍ରଣାଳୀ, ସବୁଜ ମାନ୍ୟୁରିଂ, ଧାନ ହାଇବ୍ରିଡ୍‌ର ଶାରୀରିକ ଗୁଣରେ ହେଟେରୋସିସ୍ ଫିଟ୍‌, ୨୦୦ରୁ ଅଧିକ ଗବେଷଣା ସନ୍ଦର୍ଭ ପ୍ରକାଶ, ବହୁ ଉଦ୍ଭିଦ ବିଜ୍ଞାନୀଙ୍କୁ ପିଏଚ୍.ଡି. କାର୍ଯ୍ୟରେ ମାର୍ଗଦର୍ଶନ ଆଦି ବହୁବିଧ ପ୍ରୟୋଗାତ୍ମକ ଗବେଷଣା କାର୍ଯ୍ୟରେ ଡ. ମୂର୍ତ୍ତି ନିଜକୁ ନିୟୋଜିତ କରିଥିଲେ। ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଜୀବନ ସାଧନା ପୁରସ୍କାର, ଇଣ୍ଡିଆନ ଫିଜିଓଲୋଜିଷ୍ଟ ସୋସାଇଟିର ସଭାପତି, ଟି. ଏମ୍. ଦାସ ଏଣ୍ଡୋମେଣ୍ଟ ପୁରସ୍କାର, ଚିନ୍ମୟ ମେମୋରିଆଲ ଗୋଲ୍ଡ ମେଡାଲ ପାଇଥିଲେ। ଡ. ମୂର୍ତ୍ତି ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ ନିକଟସ୍ଥ ଏକ ସାଧାରଣ କୃଷକ ପରିବାରରେ ଜନ୍ମ ଗ୍ରହଣକରି ବିଶ୍ୱରେ ଜଣେ ପ୍ରସିଦ୍ଧ ଧାନ ବିଶେଷଜ୍ଞ ଭାବେ ବେଶ୍ ପରିଚିତି ଲାଭ କରିଥିଲେ। ତାଙ୍କ ପୁଅ ଡ. କେ. ରତନ କୁମାର ଓ ବୋହୂ ଆନ୍ଧ୍ରରେ ଚକ୍ଷୁ ଡାକ୍ତର ଭାବେ କାର୍ଯ୍ୟରତ ଅଛନ୍ତି। ଡ. ମୂର୍ତ୍ତିଙ୍କ ଗବେଷକ ଛାତ୍ର ଡ. ଆଶୁତୋଷ ଦେବତା, ଡ. ଏମ୍. ଜେ. ବେଗ୍, ଡ. ପଦ୍ମିନୀ ସ୍ୱାଇଁ, ଡ. ସଂଗ୍ରାମ କେଶରୀ ନାୟକ, ଡ. ସୁଦର୍ଶନ ସାସମଲ, ଡ. କ୍ଷୀରସାଗର ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି କଟକସ୍ଥିତ କନିକା ଛକ କଲୋନିରେ ଶନିବାର ସମ୍ମିଳିତ ହୋଇ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।




କଟକ ସହୀଦ ଭବନରେ ଶନିବାର ଏସ୍‌ୟୁସିଆଇ(ସି) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ବୀଣାପାଣି ଦାସଙ୍କ ସ୍ମରଣସଭାରେ ଉପସ୍ଥିତ ଅତିଥି।

# ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

ଫୁଲନଖରା,୩।୧(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ନଖରା ଖାରବେଳ ଇଷ୍ଟେଟସ୍ଥିତ ଲଳିତ ମେମୋରିଆଲ ହସ୍ପିଟାଲ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ଏସ୍‌ସିବିର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି (ଅଙ୍କୋଲୋଜି) ମୁଖ୍ୟ ଡା. ସୁଶୀଲ କୁମାର ଗିରି ଉଦ୍‌ଘାଟନ କରିଥିଲେ। ମେଡିକାଲ ମୁଖ୍ୟ ଡା. ଶକ୍ତିପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, କର୍କଟ ପରୀକ୍ଷା, ଭେଷଜ, ନିଃସନ୍ତାନ ରୋଗ ପରୀକ୍ଷା, ଫିଜିଓଥେରାପି, ରକ୍ତ ପରୀକ୍ଷା, ବୋନ ଡେନ୍ସିଟିମିଟ୍ରି, ଏକ୍ସ-ରେ, ଇସିଜି ଆଦି ମାଗଣାରେ କରାଯାଇଥିଲା। ଶିବିରରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଇଣ୍ଡିଆନ ମେଡିକାଲ ଆସୋସିଏଶନର ରାଜ୍ୟ ଶାଖା ସଭାପତି ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଭାରତୀୟ ସଂଘର ଉପସଭାପତି ଡା. ହର ପଟ୍ଟନାୟକ, ଡା. ଜନ୍ମେଜୟ ମହାପାତ୍ର, ପ୍ରଫେସର ଶରତ ମହାପାତ୍ର, ଡା. ବିଶ୍ୱଜିତ ସାହୁ, ଡା. ଆର୍.କେ. ପଣ୍ଡା ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରବର୍ତ୍ତୀ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ପ୍ରଫେସର ଭାଗ୍ୟଲକ୍ଷ୍ମୀ ନାୟକ, ଡା. ବିଜୟଲକ୍ଷ୍ମୀ ନାୟକ, ଡା. ସନ୍ତୋଷ, ଡ. ଧନଞ୍ଜୟ ସାହୁ, ଡା. ଶୁଭ୍ରାଂଶୁ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ। କନକଲତା ଦେଇ ପ୍ରମୁଖ ସହାୟତା କରିଥିଲେ।

# 'ଖର୍ଚ୍ଚ ହେଉନି ସରକାରୀ ଅନୁଦାନ ୨୦ କୋଟି'

କଟକ,୩।୧(କାର୍ତ୍ତିକ ସାହୁ)




ବିଭିନ୍ନ ଦାବିରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା) ପକ୍ଷରୁ ବିଭିନ୍ନ ଦାବି ନେଇ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଧାରଣା ଦିଆଯାଇଛି। ସଂଘର ସଦସ୍ୟମାନେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିଲେ। ପରେ ଭାରପ୍ରାପ୍ତ କୁଳପତି ଡ. ସଞ୍ଜୟ କୁମାର ନାୟକ ଶିକ୍ଷକମାନଙ୍କୁ ଡାକି ଆଲୋଚନା କରିଥିଲେ। ସେମାନଙ୍କ ଦାବି ସଂକ୍ରାନ୍ତରେ ଆଗାମୀ ଏକସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ଡ. ନାୟକ ପ୍ରତିଶ୍ରୁତି ଦେବା ପରେ ଶିକ୍ଷକମାନେ ଧାରଣାରୁ ଉଠିଥିଲେ। ସଂଘର ଦାବି ଅନୁଯାୟୀ, ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇଦିଆଯାଇଥିବା ବିଭିନ୍ନ ଯୋଜନାରେ ଅନୁଦାନ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଏପରିକି ଖର୍ଚ୍ଚ ହୋଇ ନ ପାରିଲେ ଅନୁଦାନ ସରକାରଙ୍କୁ ଫେରିଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନୁଦାନ ଖର୍ଚ୍ଚ ହୋଇ ନ ପାରିବା ପଛରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଅପାରଗତାକୁ ଶିକ୍ଷକ ସଂଘ ଦାୟୀ କରିଛି। ଅନ୍ୟ ଦାବି ମଧ୍ୟରେ ତୁରନ୍ତ ଲାଇବ୍ରେରି ପାଇଁ ବହି କିଣା, ବିଭିନ୍ନ ବିଭାଗ ଓ ଛାତ୍ରାବାସର ମରାମତି, ସେମିନାର ଓ ସିମ୍ପୋସିୟମ୍ ଆଦି ଆୟୋଜନ କରାଯିବା ସହ ବିଶ୍ୱବିଦ୍ୟାଳୟ ନୂତନ କ୍ୟାମ୍ପସରେ ଆବଶ୍ୟକୀୟ କମ୍ପ୍ୟୁଟର ଓ ଆସବାବପତ୍ର ଯୋଗାଇଦେବା ଅନ୍ତର୍ଭୁକ୍ତ ରହିଛି। ଏସବୁ ଖର୍ଚ୍ଚ ପାଇଁ କେନ୍ଦ୍ର ସରକାରଙ୍କ ପିଏମ୍-ଉଷା ଯୋଜନାରେ ମିଳିଥିବା ୨୦ କୋଟି ଟଙ୍କାରୁ ବ୍ୟୟଭାର ବହନ କରିବାକୁ ସଂଘ କହିଛି। ସଂଘର ସଭାପତି ଡ. କେ. ଏସ୍. କେ. ଭରଦ୍ୱାଜଙ୍କ ନେତୃତ୍ୱରେ ଉମାକାନ୍ତ ମିଶ୍ର, ସୁଦର୍ଶନ ମିଶ୍ର, ସୁଦୀପ୍ତ କୁମାର ନାୟକ, ସ୍ମୃତିରେଖା ମହାନ୍ତି, ମହେଶ କୁମାର ପଣ୍ଡା, ନୀହାର ରଞ୍ଜନ ସିଂହଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟମାନେ ଧାରଣାରେ ସାମିଲ ଥିଲେ।

# ପ୍ରିମିୟମ ଲିଗ୍ କ୍ରିକେଟ: ଜାତମୁଣ୍ଡିଆ ଚାମ୍ପିୟନ




ଚାମ୍ପିୟନ ଜାତମୁଣ୍ଡିଆ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ବାଙ୍କୀ,୩।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ପଞ୍ଚାୟତସ୍ଥ ଚିରାମାରୁ ଗ୍ରାମରେ ଚାଲୁଥିବା ପ୍ରିମିୟମ ଲିଗ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଖେଳରେ ଜାତମୁଣ୍ଡିଆ ଚାମ୍ପିୟନ ହୋଇଥିବା ବେଳେ ଡମପଡ଼ା ରନର ଅପ୍ ଆଖ୍ୟା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ଜାତମୁଣ୍ଡିଆ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୯୩ ରନ୍ କରିଥିଲା। ଏହାର ଜବାବରେ ଡମପଡ଼ା ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୪୮ ରନ୍ ସଂଗ୍ରହ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବିଜେତା ଜାତମୁଣ୍ଡିଆ ଦଳକୁ ଅର୍ଥରାଶି ଏବଂ ଟ୍ରଫି ପ୍ରଦାନ କରିବା ସହ ରନର ଅପ୍ ଦଳ ଡମପଡ଼ାକୁ ଅର୍ଥରାଶି ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ କହ୍ନେଇ ପିରୋଇ ହୋଇଥିବା ବେଳେ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ଚିନ୍ମୟ ନାୟକ ପୁରସ୍କୃତ ହୋଇଥିଲେ। ଅମ୍ପାୟର୍ ଭାବେ ସୋନୁ ବିଶ୍ୱାଳ ଏବଂ ଶ୍ୟାମ ସୁନ୍ଦର ବେହେରା ଖେଳ ପରିଚାଳନା କରିଥିଲେ। ଏଥିରେ ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ରେବତୀ ଜେନା, ସମିତି ସଭ୍ୟ ପ୍ରଶାନ୍ତ କୁମାର ମତଗଜ ସିଂହ, ସାମାଜିକ କର୍ମୀ ସର୍ବେଶ୍ୱର ବେହେରା, ଗଦାଧର ବେହେରା, ପ୍ରମୋଦ ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଚିରାମାରୁ କ୍ରିକେଟ ଟୁର୍ନାମେଣ୍ଟର ସମ୍ପାଦକ ବିଷ୍ଣୁଚରଣ ବେହେରା ପରିଚାଳନା କରିଥିଲେ।

# ନୂଆ ଓଡ଼ିଆ ଚଳଚ୍ଚିତ୍ର 'କୁଣ୍ଡଳୀ'ର ଶୁଭ ମହୁରତ

ଫୁଲନଖରା,୩।୧(ସତ୍ୟରଞ୍ଜନ ଦାସମହାପାତ୍ର)



ନୂତନ ଓଡ଼ିଆ ଚଳଚ୍ଚିତ୍ର 'କୁଣ୍ଡଳୀ'ର ଶୁଭ ମହୁରତ ମା' ଧାକୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଥଣ୍ଡରଫିକ୍ସେଲ ଫିଲ୍ମସ ଓ ଆମରା ମ୍ୟୁଜିକ୍‌ର ମିଳିତ ସହଯୋଗରେ ଏହା ନିର୍ମାଣ ହେବ। ନବାଗତା ପ୍ରଯୋଜିକା ବିଜୟଲକ୍ଷ୍ମୀ ନାୟକ ଏହାର ପ୍ରଯୋଜନା କରିବେ ଏବଂ ନବାଗତ ନିର୍ଦ୍ଦେଶକ ରୋହନଜିତ ଦାଶ ନିର୍ଦ୍ଦେଶନା ଦେବେ। ଅଭିନେତା ଜ୍ୟୋତି, ମୃଣ୍ମୟ, ଅଭିନେତ୍ରୀ ଅନନ୍ୟା, ଜସ୍ମିନ ପ୍ରମୁଖ ଅଭିନୟ କରିବେ। ଶୁଭ ମହୁରତ କାର୍ଯ୍ୟକ୍ରମରେ ପ୍ରଯୋଜିକା, ନିର୍ଦ୍ଦେଶକ ଓ କଳାକାରଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ଜ୍ଞାନ ବେହେରା, କାର୍ଯ୍ୟକାରୀ ପ୍ରଯୋଜକ ଶୁଭ୍ରାଂଶୁ ଶେଖର ମହାପାତ୍ର, ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଯୁବ ପ୍ରଯୋଜକ ହିମାଦ୍ରି ତନୟ ଦାସ, ଶକ୍ତି ବରାଳ, ଋଷି ପଟ୍ଟନାୟକ, କେ.କେ, ଭକ୍ତି ଦାସ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡିଆ ପ୍ଲାନର ପ୍ରଣୟ ଜେଠୀ, କାହାଣୀକାର ତଥା ସଂଳାପକାର ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜନ୍ମହେବା ମାତ୍ରେ ସମସ୍ତେ ସାଙ୍ଗରେ 'କୁଣ୍ଡଳୀ' ନେଇ ଆସିଥାନ୍ତି। ସେଇ କୁଣ୍ଡଳୀ କେତେବେଳେ କାହା ଭାଗ୍ୟରେ କେମିତି ଥାଏ ତାହା ଏହି ଚଳଚ୍ଚିତ୍ରରେ ଦର୍ଶକ ଦେଖିବାକୁ ପାଇବେ। ଏହା ଏକ ସସ୍‌ପେନ୍ସ, ହରର୍ ଫିଲ୍ମ ଓ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବ ବୋଲି ନିର୍ଦ୍ଦେଶକ ରୋହନଜିତ ଦାଶ କହିଛନ୍ତି। କୁଣ୍ଡଳୀ ରଜରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# 'ସ୍ୱାବଲମ୍ବନଶୀଳ ଗ୍ରାମ ଗଠନର ବିନ୍ଧାଣି ଥିଲେ ଜଗନ୍ନାଥ ରଥ'

### ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ରଥଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ

କଟକ,୩।୧(କାର୍ତ୍ତିକ ସାହୁ)



ଖଦି କର୍ମୀ କୈଳାସ ଚନ୍ଦ୍ର ସାହୁଙ୍କୁ ଜଗନ୍ନାଥ ରଥ ଖଦି ସମ୍ମାନ ପ୍ରଦାନ କରାଯାଉଛି।

ସ୍ୱାଧୀନତା ସଂଗ୍ରାମର ଅନନ୍ୟ ସାରଥି, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରିୟ ଶିଷ୍ୟ ତଥା ଖଦି ଆନ୍ଦୋଳନର ପୁରୋଧା ଜଗନ୍ନାଥ ରଥଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ଶନିବାର ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ପାଳିତ ହୋଇଯାଇଛି। ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ମନୋରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନୁଗୋଳ ବାଜି ରାଉତ ଛାତ୍ରାବାସର ପରିଚାଳକ କୈଳାସ ଚନ୍ଦ୍ର ସାହୁଙ୍କୁ ଚଳିତ ବର୍ଷର 'ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ରଥ ଖଦି ସମ୍ମାନ' ପ୍ରଦାନ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ 'ସମାଜ'ର ପ୍ରକାଶକ ତଥା ଲୋକସେବକ ମଣ୍ଡଳର ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଯୋଗଦେଇ ଜଗନ୍ନାଥ ରଥ ଓଡ଼ିଶାରେ ଖଦିର ପ୍ରସାର, ଅସ୍ପୃଶ୍ୟତା ନିବାରଣ ଓ ସ୍ୱାବଲମ୍ବନଶୀଳ ଗ୍ରାମ ଗଠନର ବିନ୍ଧାଣି ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରଫେସର କର୍ମଦେବ ମହାରଣା କହିଲେ, ଜଗନ୍ନାଥ ରଥ କେବଳ ଜଣେ ସଂଗ୍ରାମୀ ନ ଥିଲେ, ବରଂ ଗାନ୍ଧୀଜୀଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ ଓଡ଼ିଶା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି। ବିଶିଷ୍ଟ ଅତିଥି 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ସ୍ୱର୍ଗତ ରଥଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ଓ ସ୍ୱାତୀ ରଥ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଲିପିକା ମହାପାତ୍ର ଓ ଅନିମା ରାୟ ସର୍ବଧର୍ମ ପ୍ରାର୍ଥନା ଆବୃତ୍ତି କରିଥିଲେ। ଡାକ୍ତର ବିଶ୍ୱଜିତ ସ୍ୱାଗତ ଭାଷଣ ଏବଂ ପ୍ରଫେସର ନବନୀତା ରଥ ଧନ୍ୟବାଦ ଦେଇଥିଲେ। ଦେବାଶିଷ ଦାସ, ମନୋଜ ସାହୁ, ଚନ୍ଦନ ରଥ, ବ୍ରଜବନ୍ଧୁ ମହାନ୍ତି, ମହେଶ ରଥ, ଦେବକୃପା ମିଶ୍ର ଓ ଉମାଶଙ୍କର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ୯ରୁ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ

# ସଜେଇ ହେଲାଣି ଏକାମ୍ର ପାର୍କ





ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ପାଇଁ ଏକାମ୍ର କାନନ ପାର୍କକୁ ପ୍ରସ୍ତୁତ କରାଯାଉଛି।

**ଭୁବନେଶ୍ୱର,୩।୧ (ସୌମ୍ୟରଞ୍ଜନ ରାଉତ) – ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆର୍‌ପିଆର୍‌ସି) ଓ ପ୍ଲାଣ୍ଟ ଲଭର୍ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଆସନ୍ତା ୯ ତାରିଖରୁ ଏକାମ୍ର ପାର୍କରେ ଆରମ୍ଭ ହେବ। ପ୍ରତିବର୍ଷ ଏହି ପ୍ରଦର୍ଶନୀ ୨ଦିନ ଧରି ହେଉଥିବାବେଳେ ଚଳିତ ବର୍ଷ ତିନିଦିନ ଧରି ଅର୍ଥାତ୍ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଥିବାବେଳେ ପାର୍କର ଭିତର ଓ ବାହାର ସଜେଇ ହେବାରେ ଲାଗିଛି।**

### ପ୍ରବେଶ ଦ୍ୱାର କହିବ ପ୍ରଦର୍ଶନୀ କଥା

ପୁଷ୍ପ ପ୍ରଦର୍ଶନୀ ଲାଗି ଆର୍‌ପିଆର୍‌ସି ସହ ଏକାମ୍ରକାନନର ବାହାର ପାର୍ଶ୍ୱ କାନ୍ଥ ନୂଆ ରୂପ ନେଇଛି। ସବୁଜ ଭରା ପରିବେଶ ସହ ବିଗିଚା, ଫୁଲ, ପାର୍କ ଭିତରେ ଥିବା ବିଭିନ୍ନ ପ୍ରକାରର ପ୍ରାକୃତିକ ଶୋଭାରାଜିକୁ କାନ୍ଥରେ ଭିନ୍ନ ଶୈଳୀରେ କଲର୍ ପେଣ୍ଟରେ ଅଙ୍କାଯାଇଛି। ପ୍ରବେଶ ଦ୍ୱାର ହିଁ ପ୍ରଦର୍ଶନୀର କଥା କହିବ।

### ଆକର୍ଷଣ ସାଜିବ ମ୍ୟୁଜିକ ଫାଉଣ୍ଟେନ୍

ଏକାମ୍ର ପାର୍କ ପରିସରରେ ଏଥର ମୁଖ୍ୟ ଆକର୍ଷଣ ସାଜିବ ମ୍ୟୁଜିକ ଫାଉଣ୍ଟେନ। ପ୍ରତିବର୍ଷ କେବଳ ୱାଟର୍ ଫାଉଣ୍ଟେନ୍ ମନୋରଞ୍ଜନ କରାଉଥିବାବେଳେ ଏଥର ନୂତନ କରି ମ୍ୟୁଜିକ୍ ଫାଉଣ୍ଟେନ୍ ଦର୍ଶକ ଓ ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବ। ପିଲାଠାରୁ ବଡ଼ ପର୍ଯ୍ୟନ୍ତ ପ୍ରଦର୍ଶନୀ ବୁଲିବା ସହ ମ୍ୟୁଜିକ୍ ଫାଉଣ୍ଟେନର ମଜା ନେବେ।

### ସୁନ୍ଦରୀ ଦିଶିଲାଣି ଗୋଲାପ ବଗିଚା

ପ୍ରଦର୍ଶନୀର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ଗୋଲାପ ବଗିଚା ଏବେଠୁ ସୁନ୍ଦରୀ ଦିଶିଲାଣି। ପ୍ରେମୀଯୁଗଳ, ଦମ୍ପତି ଓ ଯୁବତୀଯୁବକମାନେ ଏଠାରେ ବେଶି ଭିଡ଼ ଜମାଇଥାନ୍ତି। ଏଥିପାଇଁ ବଗିଚାର ଯତ୍ନ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଇ ସଜା ଯାଉଛି। ସମସ୍ତଙ୍କ ସୁବିଧାଲାଗି ଏକାମ୍ରପାର୍କର ବାହାର ପାର୍ଶ୍ୱରେ ସବୁ ପ୍ରକାରର ଯାନବାହନ ରଖିବାର ବ୍ୟବସ୍ଥା କରିଯାଇଛି।

### କାକ୍‌ଟସ୍ ହାଉସ୍‌ରେ ମରୁଭୂମିର ଅନୁଭବ

ପ୍ରତିବର୍ଷ ପାର୍କରେ କାକ୍ଟସ୍ ହାଉସ୍‌କୁ ଦେଖିବାକୁ ଭିଡ଼ ଜମିଥାଏ। ଏଥର ଅନେକ ପ୍ରକାର ମରୁଭୂମିର ଛୋଟ ବଡ଼ ଗଛ ପ୍ରଦର୍ଶନୀରେ ସ୍ଥାନ ପାଇବ। ବିଶେଷକରି ସ୍କୁଲ୍, କଲେଜ ଛାତ୍ରୀଛାତ୍ରଙ୍କୁ ଏହା ବହୁ କଥା ଶିଖାଇବ। ପରିଦର୍ଶନକାରୀଙ୍କୁ ମରୁଭୂମିର ଅନୁଭବ ଦେବାକୁ କାକ୍‌ଟସ୍ ହାଉସ୍ ପ୍ରସ୍ତୁତ କରାଯାଉଛି।

## ରାଜପଥରେ ସିରିଜ୍ ଦୁର୍ଘଟଣା, ୫ ଆହତ

**ଯାଁଳା,୩।୧ (ବୁଲା ବାରିକ)**

